# ଧରିତ୍ରୀ DHARITRI

ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୩/୨୦୨୩ (୧୬ ପୃଷ୍ଠା) | Bhubaneswar, Tuesday, October 3/2023 | Page 16 | ₹ 7.00

୪୯ଶ ଭାଗ ୩୦୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 309 | ମୂଲ୍ୟ₹୭/-



DSPL-259

ଓଡ଼ିଶା ସରକାର

# ଓଡ଼ିଶାର ସହରାଞ୍ଚଳର ରୂପାନ୍ତରଣ

## ନବୀନ ଓଡ଼ିଶା । ସଶକ୍ତ ଓଡ଼ିଶା



### "ଡ୍ରିଙ୍କ୍ ଫ୍ରମ ଟ୍ୟାପ୍"
**ଓଡ଼ିଶା, ସମଗ୍ର ଦେଶରେ ପ୍ରଥମ ଡ୍ରିଙ୍କ ଫ୍ରମ ଟ୍ୟାପ୍ ରାଜ୍ୟ**



- ପ୍ରତ୍ୟେକ ଘରକୁ ୨୪x୭ ବିଶୁଦ୍ଧ ପାନୀୟ ଜଳ ଯୋଗାଣରେ ପୁରୀ, ଦେଶର ପ୍ରଥମ ସହର । ଗୋପାଳପୁର ଦ୍ୱିତୀୟ ।
- ୨୪ଘଣ୍ଟିଆ ଡ୍ରିଙ୍କ ଫ୍ରମ ଟ୍ୟାପ୍ ମିଶନ ଏବେ ଆଉ ୨୩ ଟି ସହରରେ । ଉପକୃତ ହେବେ ୪୦ ଲକ୍ଷରୁ ଅଧିକ ଓଡିଶାବାସୀ ।
- ୧୦୦୦ ଜଳସାଥୀ - ୧୧୫ ସହରରେ ବିଶୁଦ୍ଧ ଜଳ ଯୋଗାଣ ପରିଚାଳନା ପାଇଁ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଦାୟିତ୍ୱ ।
- ୨୦୨୨ରେ ଓଡ଼ିଶା "ଗ୍ଲୋବାଲ୍ ୱାଟର ଲିଡର ଡିଷ୍ଟିଙ୍କସନ ଆୱାର୍ଡ" ରେ ପୁରସ୍କୃତ ।

ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା
**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ**

### ମୁକ୍ତା
**ସହରାଞ୍ଚଳ ଶ୍ରମ ନିଯୁକ୍ତି ଯୋଜନା**

- ୧୦୦୦ କୋଟି ଟଙ୍କା ଅର୍ଥ ବିନିଯୋଗରେ ୧୧୫ଟି ସହରରେ ୬୦,୦୦୦ ପ୍ରକଳ୍ପ କାର୍ଯ୍ୟକାରୀ ।
- ୭୨ ଲକ୍ଷ ଶ୍ରମଦିବସ ସୃଷ୍ଟି । ୫ ଲକ୍ଷରୁ ଅଧିକ ସହରାଞ୍ଚଳର ଆର୍ଥିକ ଅନଗ୍ରସର ଏବଂ ପ୍ରବାସୀ ଶ୍ରମଜୀବି ଉପକୃତ ।
- ଶ୍ରମଜୀବିଙ୍କୁ ପାରିଶ୍ରମିକ ବାବଦକୁ ୨୮୦ କୋଟି ଟଙ୍କା ବ୍ୟୟ ।
- ପ୍ରକଳ୍ପ କାର୍ଯ୍ୟକାରୀ କରିବାରେ ୧୫,୦୦୦ ମିଶନ ଶକ୍ତି ଗୋଷ୍ଠୀ ସହଭାଗୀ ।
- ବିଶ୍ୱସ୍ତରୀୟ ମାନ୍ୟତା ଯଥା ସହରୀ ଅଭିନବୀକରଣ ପାଇଁ ୨୦୨୧ - ୨୦୨୨ ରେ ଗୁଆଙ୍ଗଜୋ ଆନ୍ତର୍ଜାତୀୟ ପୁରସ୍କାର ୨୦୨୧ ଏବଂ ଡବ୍ଲ୍ୟୁ.ଆର.ଆଇ ରସ୍ ପୁରସ୍କାର ।



### ମୋ ବସ୍
CRUT

- ଭୁବନେଶ୍ୱର, ଖୋର୍ଦ୍ଧା, କଟକ, ପୁରୀ ଏବଂ ରାଉରକେଲାରେ ଚଳାଚଳ କରୁଛି ଦୈନିକ ୪୦୦ ରୁ ଅଧିକ ବସ୍ ।
- ଯାତ୍ରୀମାନଙ୍କ ପାଇଁ ସୁଗମ ଯାତାୟାତ ସୁନିଶ୍ଚିତ କରୁଛି । ୧,୧୮୨ କିଲୋମିଟରର ବ୍ୟାପକ ନେଟୱାର୍କ କଭରେଜ୍, ସୁବିଧା ଉଠାଉଛନ୍ତି ଦୈନିକ ୨ ଲକ୍ଷରୁ ଅଧିକ ଯାତ୍ରୀ ।
- ଗଞ୍ଜାମ, ସମ୍ବଲପୁର ଏବଂ ଝାରସୁଗୁଡା କ୍ଲଷ୍ଟରରେ ଆଉ ୯ ଟି ସହରକୁ ମୋ ବସ୍ ସେବା ବିସ୍ତାର ।
- ବିଶ୍ୱସ୍ତରୀୟ ମାନ୍ୟତା - ସରକାରୀ-ବେସରକାରୀ ପରିବହନ ସେବାରେ ବ୍ୟାପକ ପରିବର୍ତ୍ତନ ପାଇଁ ଇଉ.ଏନ୍ ହାବିଟାଟ୍ ସ୍କ୍ରୋଲ୍ ଅଫ ଅନର ପୁରସ୍କାର ଦ୍ୱାରା ସମ୍ମାନିତ ।



### ଓଡ଼ିଶା ପାଇଁ ମେଟ୍ରୋ ରେଳ

- 5T ଉପକ୍ରମରେ ମେଟ୍ରୋ ଟ୍ରେନ ପ୍ରକଳ୍ପ । ଭୁବନେଶ୍ୱର ବିମାନବନ୍ଦର - ତ୍ରିଶୁଳିଆ, କଟକକୁ ସଂଯୋଗ କରିବାକୁ ଅନୁମୋଦିତ । ପରବର୍ତ୍ତୀ ସମୟରେ ଖୋର୍ଦ୍ଧା, ପୁରୀ ଏବଂ ଭୁବନେଶ୍ୱର ତଥା କଟକ ସହରର ଅନ୍ୟାନ୍ୟ ଅଞ୍ଚଳ ହେବ ଅନ୍ତର୍ଭୁକ୍ତ ।
- ସର୍ବେକ୍ଷଣ କାର୍ଯ୍ୟକଳାପ ସମାପ୍ତ । ଡିପିଆର ଅନୁମୋଦିତ - ଖୁବ ଶୀଘ୍ର ଆରମ୍ଭ ହେବ ନିର୍ମାଣ କାର୍ଯ୍ୟ ।
- ପ୍ରଥମ ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ ଭୁବନେଶ୍ୱରର ୨୬ କିଲୋମିଟର, ୨୦ ଟି ଷ୍ଟେସନ୍ ।



OIPR-13001/13/0036/2324

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ

ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପ୍ରକାଶିତ

## ସଂକ୍ଷେପରେ

### ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ ଓ ଚାରା ରୋପଣ

ପାଣିକୋଇଲି,୨।୧୦(ବିକାଶ କୁମାର ମଳିକ): କୋରାଇ ବ୍ଲକ ମୂଳାପାଳ ଲିଙ୍ଗେଶ୍ୱର ବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗାନ୍ଧୀଜୀ ଓ ଶାସ୍ତ୍ରୀଙ୍କ ଜୟନ୍ତୀ ପାଳନ ସହ ଚାରା ରୋପଣ କରାଯାଇଛି । ଲିଙ୍ଗେଶ୍ୱର ଉନ୍ନୟନ କମିଟି କର୍ମକର୍ତ୍ତା ଶରତ ଚନ୍ଦ୍ର ଧଳ, ଗୋଲକ ମାଝି, ବିଦ୍ୟାମନ୍ଦିର ପରିଚାଳନା କମିଟି ସଭାପତି ବୃନ୍ଦାବନ ସାହୁ,ଉପସଭାପତି ବାସୁଦେବ ପରିଡା, ସମ୍ପାଦକ ଦିଲୀପ କୁମାର ଧଳ, ସହ ସମ୍ପାଦକ ଅଶୋକ କୁମାର ସାହୁ, କୋଷାଧ୍ୟକ୍ଷ ଆନନ୍ଦ ଚନ୍ଦ୍ର ପାଳ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର କୁମାର ତ୍ରିପାଠୀ, ସହ ପ୍ରଧାନ ଆଚାର୍ଯ୍ୟ ଜଗନ୍ନାଥ ସ୍ୱାଇଁ ଓ ବିଦ୍ୟାଳୟର ଗୁରୁମା'ଗୁରୁଜୀ ସହଯୋଗ କରିଥିଲେ। ଝିନାରାଣୀ ବେହେରା ଓ ସାଗରିକା ମିଶ୍ର ବକ୍ତାଭାବେ ଯୋଗଦେଇଥିଲେ। ଭାସ୍କର ଚନ୍ଦ୍ର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ପଦ୍ମଲୋଚନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ମନ୍ଦିର,ରାସ୍ତା ସଫେଇ କାର୍ଯ୍ୟକ୍ରମ

ପାଣିକୋଇଲି,୨।୧୦(ବିକାଶ କୁମାର ମଳିକ)–କୋରାଇ ବ୍ଲକ ଅନ୍ତର୍ଗତ କରଦା ପଞ୍ଚାୟତ ବରୁଣାଇପଦା ଗ୍ରାମରେ ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗ୍ରାମର ମନ୍ଦିର ପରିସର ସମେତ ରାସ୍ତାପାର୍ଶ୍ୱକୁ ସଫା କରାଯାଇଛି । ସାମାଜିକ କର୍ମୀ ସୁଶିଲ କୁମାର ବେହେରାଙ୍କ ନେତୃତ୍ୱରେ ରମେଶ ବେହେରା, ଦଶରଥ ସାହୁ, ସୂର୍ଯ୍ୟମଣି ବେହେରା, ଅଭୟ ବେହେରା, ଅନୁପ ବେହେରା, ଉଷାରାଣୀ ସାହୁ, କଳ୍ପନା ବେହେରା, ସସ୍ମିତା ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ମେଡିକାଲ ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ

ଜେନାପୁର,୨।୧୦(ଅଶୋକ ଦାସ): ଧର୍ମଶାଳା ବ୍ଲକ ଜେନାପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୋମବାର ପବିତ୍ର ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ଡାକ୍ତର ସତ୍ୟଜିତ ସାହୁଙ୍କ ନେତୃତ୍ୱରେ ଆୟୁଷ ଡାକ୍ତର ସୂର୍ଯ୍ୟମଣି ଆଚାର୍ଯ୍ୟ, ଫାର୍ମାସିଷ୍ଟ ପ୍ରଶାନ୍ତ ସାହୁ, ସ୍ୱାସ୍ଥ୍ୟ କର୍ମୀ ଦେବାଶିଷ ଦାସ, ମହିଳା ସ୍ୱାସ୍ଥ୍ୟ କର୍ମୀ ସାବିତ୍ରୀ ଦାସଙ୍କ ସମେତ ସମସ୍ତ କର୍ମଚାରୀ ଯୋଗଦେଇ ମେଡିକାଲ ପରିସର ଓ ସ୍ଥାନୀୟ ମା'ତାରିଣୀଙ୍କ ମନ୍ଦିର ପରିସରକୁ ସଫେଇ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ମା'ହିଙ୍ଗୁଳା ୟୁଥ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ସେହିପରି ଜାଭିୟର କିଡ୍ସ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଛାତ୍ରୀଛାତ୍ର ନିଜ ବିଦ୍ୟାଳୟ ପରିସରକୁ ସଫେଇ କରିବା ସହିତ ଜେନାପୁର ରେଳଷ୍ଟେଶନ ପରିସରକୁ ସଫେଇ କରିଥିଲେ।

### ଶ୍ରାଦ୍ଧ ଦିବସରେ ରକ୍ତଦାନ ଶିବିର

ଯାଜପୁର ସଦର,୨।୧୦( ସମର ବିଜୟ ଶରଣ): ଯାଜପୁର ବ୍ଲକ ମଲିକାପୁର ଗ୍ରାମର ସୁନୀଲ ନାୟକଙ୍କ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ ସୁନୀଲ ନାୟକ ସ୍ମୃତି କମିଟି ଏବଂ ହେଲପିଂ ହ୍ୟାଣ୍ଡସ୍‌ର ମିଳିତ ସହଯୋଗରେ ମଲିକାପୁରଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରକୁ ଶିକ୍ଷାବିତ୍ ମାଧବ ପୂର୍ତ୍ତି ଉଦ୍‌ଘାଟନ କରିଥିଲେ। ହେଲପିଂ ହ୍ୟାଣ୍ଡସ୍‌ର ପ୍ରତିଷ୍ଠାତା ପ୍ରଶାନ୍ତ ଷଡ଼ଙ୍ଗୀ , ସୂର୍ଯ୍ୟମଣି ରାଉତ ,ଅନନ୍ତ ନାୟକ , ପ୍ରଫୁଲ୍ଲ କୁମାର ରାଉତ ,ଉମେଶ ସାହୁ , ସତ୍ୟରଞ୍ଜନ ସାହୁ ,ଅଶ୍ୱିନୀ ଦାସ , ଦାମୋଦର ମହାରଣା , ଜିତେନ୍ଦ୍ର ସେଠୀ, ସୁଶାନ୍ତ ସେନାପତି , ସୁଶାନ୍ତ ପଲେଇ ,ହିମାଂଶୁ ନାୟକ ,ସୋନୁ ବାରିକ ,ନନ୍ଦା ରଣା ସହଯୋଗ କରିଥିଲେ । ଯାଜପୁର ରକ୍ତଭଣ୍ଡାର କେନ୍ଦ୍ରର କାର୍ଯ୍ୟକର୍ତ୍ତା ୩୦ ୟୁନିଟ ରକ୍ତ ସଂଗ୍ରହ କରିଥିଲେ ।

### ବିକାଶ ପରିଷଦ ପକ୍ଷରୁ ରକ୍ତଦାନ ଶିବିର

କାଏମା,୨।୧୦( ଶିବପ୍ରସାଦ ମହାନ୍ତି)– ସ୍ଥାନୀୟ ଶାନ୍ତିବଜାରସ୍ଥିତ ସମ୍ରାଟ ମଣ୍ଡପଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରକୁ ରାଜ୍ୟ ଯାଦବ ସଂଘର ସଭାପତି ଉତ୍ତମ ଦାସ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଚୋରମୁହାଁ ସରପଞ୍ଚ ପ୍ରଦ୍ୟୁମ୍ନ ମହାନ୍ତି, ମହିଳା ଶାଖା ମାତୃଶକ୍ତି ସଙ୍ଗଠନର ସଭାନେତ୍ରୀ ମାମିନା ରାଉତ, ସମ୍ପାଦିକା ସୁନୀତା ମଲିକ, ଖବରଦାତା ସୀତାକାନ୍ତ ସାମଲ, ମାନସ ରଞ୍ଜନ ଜେନା, ଅଖିଳ ସ୍ୱାଇଁ, ରଞ୍ଜନ ଓଝା, ପ୍ରମୋଦ ରାଉତ ପ୍ରମୁଖ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ୬୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା ।

# ସରପଞ୍ଚଙ୍କ ଧାରଣା ଯୋଗୁ ଗ୍ରାମସଭା ବାତିଲ

ବରୀ,୨।୧୦(ମହେନ୍ଦ୍ର ସ୍ୱାଇଁ)

ଗତ ୨୫ ତାରିଖରୁ ରାଜ୍ୟବ୍ୟାପୀ ସରପଞ୍ଚ ସଂଘ ତରଫରୁ ୧୫ ଦଫା ଦାବି ନେଇ ଆନ୍ଦୋଳନ ଜାରି ରହିଛି। ମୁଖ୍ୟତଃ ଗାନ୍ଧୀ ଜୟନ୍ତୀ, ସ୍ୱାଧୀନତା ଦିବସ ଓ ସାଧାରଣତନ୍ତ୍ର ଦିବସରେ ପଞ୍ଚାୟତ କାର୍ଯ୍ୟାଳୟରେ ଗ୍ରାମସଭା ହେବ ବୋଲି ନିୟମ ରହିଛି। ସରପଞ୍ଚମାନେ ଆନ୍ଦୋଳନରତ ଥିବାରୁ ବରୀ ବ୍ଲକର ୨୯ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ଝୁଲୁଛି। ଫଳରେ ଗ୍ରାମସଭା ହୋଇ ନ ଥିବା ସୂଚନା ମିଳିଛି।

ରବିବାର ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମରେ ସରପଞ୍ଚମାନେ ଯୋଗ ନ ଦେବା ଓ ସୋମବାର ଗ୍ରାମସଭାରେ ସରପଞ୍ଚଙ୍କ ଅନୁପସ୍ଥିତ ଯୋଗୁ ଏହି ଦୁଇ କାର୍ଯ୍ୟକ୍ରମ ହୋଇନାହିଁ । ହେଲେ ବ୍ଲକ ପ୍ରଶାସନ ତରଫରୁ ପଞ୍ଚାୟତ ଦାୟିତ୍ୱରେ ଥିବା ନିର୍ବାହୀ ଅଧିକାରୀମାନେ ସ୍ୱଚ୍ଛ ଭାରତ ଅଭିଯାନ ଓ ଗ୍ରାମସେବା କରାଯାଇଛି ବୋଲି ଦାବି କରିଛନ୍ତି । ହେଲେ ବରୀ ବ୍ଲକ ସରପଞ୍ଚ ସଂଘ ତରଫରୁ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ଲିଖିତ ଭାବେ ଏ ସଂକ୍ରାନ୍ତରେ ଅଭିଯୋଗ କରାଯାଇଛି । ଗ୍ରାମସଭା କି ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ହୋଇନାହିଁ । ମିଥ୍ୟା କାଗଜପତ୍ରରେ ଉପରୋକ୍ତ ୨ଟି କାର୍ଯ୍ୟକ୍ରମ ହୋଇଛି ବୋଲି ଦର୍ଶାଯାଇଛି । ବ୍ଲକ ପ୍ରଶାସନ ଅତ୍ୟନ୍ତ ନିର୍ଲଜ ଭାବେ କାମ କରୁଛି ବୋଲି ସରପଞ୍ଚ ସଂଘର ସଭାପତି ସବିତା ସାମଲ ଓ ସମ୍ପାଦକ ମାନସ ଜେନା କହିଛନ୍ତି ।

ଗ୍ରାମ ପଞ୍ଚାୟତ ଆକ୍ଟ–୭୩ ଅନୁଯାୟୀ ପଞ୍ଚାୟତ ସମସ୍ତ କ୍ଷମତା ସରପଞ୍ଚମାନଙ୍କୁ ପ୍ରଦାନ ନ କରିବା ପର୍ଯ୍ୟନ୍ତ ସରପଞ୍ଚ ସଂଘ ଆନ୍ଦୋଳନରୁ ଓହରିବ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ଏ ବିଷୟରେ ସରପଞ୍ଚ ସଂଘର ସଭାପତି ସାମଲ ଓ ସମ୍ପାଦକ ଜେନା କହିଛନ୍ତି, ଆନ୍ଦୋଳନରେ ଥିବାରୁ ସଂଘର ନିଷ୍ପତ୍ତିକୁ ମାନି ସ୍ୱଚ୍ଛ ଭାରତ ଅଭିଯାନ ଓ ଗ୍ରାମସଭାରେ ଯୋଗ ଦେଇ ନାହୁଁ । ଅପରପକ୍ଷେ ବରୀ ମଣ୍ଡଳ ଉନ୍ନୟନ ଅଧିକାରୀ ନମିତା ବାରିକ ଫୋନ ନ ଉଠାଇବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ ।

## ରସୁଲପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ଗ୍ରାମସଭା ବନ୍ଦ



ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ଝୁଲୁଛି ।

ରସୁଲପୁର,୨।୧୦(ରଞ୍ଜିତ ରାଉତ)

ରାଜ୍ୟ ସରପଞ୍ଚ ସଂଘ ପକ୍ଷରୁ ୧୫ଦଫା ଦାବିରେ ଆନ୍ଦୋଳନ ଜାରି ରହିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ସରପଞ୍ଚମାନଙ୍କ ଦାବିକୁ ଅଣଦେଖା କରୁଥିବା ଅଭିଯୋଗ ହେଉଛି । ଯେ ପର୍ଯ୍ୟନ୍ତ ସରକାର ସରପଞ୍ଚ, ନାଏବ ସରପଞ୍ଚ, ୱାର୍ଡ ସଭ୍ୟାସଭ୍ୟମାନଙ୍କ ଦାବିକୁ ନ ଶୁଣିଛନ୍ତି, ସେ ପର୍ଯ୍ୟନ୍ତ ପଞ୍ଚାୟତ ପ୍ରତିନିଧିମାନେ ସରକାରୀ କାର୍ଯ୍ୟରେ ସହଯୋଗ ନ କରିବାକୁ ରାଜ୍ୟ ସଂଘ ପକ୍ଷରୁ ନିବେଦନ କରାଯାଇଛି । ସଂଘର ନିର୍ଦ୍ଦେଶରର ପ୍ରଭାବ ଯାଜପୁର ଜିଲା ରସୁଲପୁର ବ୍ଲକରେ ଦେଖିବାକୁ ମିଳିଛି । ଏହି କ୍ରମରେ ବ୍ଲକର ବିଭିନ୍ନ ପଞ୍ଚାୟତରେ ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀରେ ସ୍ୱତନ୍ତ୍ର ଗ୍ରାମସଭା ବନ୍ଦ ରହିଛି । ସରପଂଚମାନେ ପଞ୍ଚାୟତରେ ତାଲା ପକାଇ ଦେବାରୁ ଗ୍ରାମସଭା ଆୟୋଜନ ହୋଇପାରି ନାହିଁ । ଏଥିପାଇଁ ଆସିଥିବା ନୋଡାଲ ଅଧିକାରୀମାନେ ଫେରିଯାଇଥିଲେ । ଏମତି ଭାବେ ଆଗକୁ ସରକାରଙ୍କ ବିଭିନ୍ନ କାର୍ଯ୍ୟକୁ ସରପଞ୍ଚମାନେ ବିରୋଧ କରିବେ ବୋଲି ସୂଚନା ମିଳିଛି । ସୂଚନାଯୋଗ୍ୟ, ରାଜ୍ୟରେ ସରପଞ୍ଚ ସଂଘ ଗଠନ ହେବା ସହ ବ୍ଲକର ବିଭିନ୍ନ ପଞ୍ଚାୟତରେ ସରପଞ୍ଚମାନଙ୍କୁ ନେଇ ନୂତନ ସଂଘମାନ ଗଠନ କରାଯାଇଛି । ତୃଣମୂଳସ୍ତରରେ ଜନପ୍ରତିନିଧିମାନେ ମେଳି ହେବା ସହ ଆସନ୍ତା ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି କୁହାଯାଉଛି ।

# କୋରେଇ ବିଜେଡି ପକ୍ଷରୁ ଗଣଦୌଡ଼


ଗଣଦୌଡ଼ରେ ସାମିଲ ହୋଇଥିବା ବିଜେଡି ନେତା ଓ କର୍ମୀ ।

## କୃତୀ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଗଲା

ରସୁଲପୁର,୨।୧୦(ରଞ୍ଜିତ ରାଉତ)

କୋରେଇ ବିଜେଡି ପକ୍ଷରୁ ଗାନ୍ଧୀ ଜୟନ୍ତୀ ଅବସରରେ ଏକ ଗଣଦୌଡ ଓ କୃତି ଶିକ୍ଷକଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ରସୁଲପୁର ବ୍ଲକର ମୁଗୁପାଳ ପଞ୍ଚାୟତରୁ ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରରେ କୋରେଇ ବିଧାୟକ ଅଶୋକ କୁମାର ବଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଗଣଦୌଡକୁ ଉଦ୍‌ଘାଟନ କରିଥିଲେ। ଯୁବ ବିଜେଡିର କାର୍ଯ୍ୟକର୍ତ୍ତାମାନେ ଗଣଦୌଡରେ ସାମିଲ ହୋଇ ମୁଗୁପାଳ ହାଇସ୍କୁଲ ଖେଳ ପଡିଆଠାରୁ ଆରମ୍ଭ ହୋଇ କୁଆଖିଆ ବାଜର ନିକଟରେ ପହଞ୍ଚି ଥିଲେ । ଏହି ଅବସରରେ ମୁଗୁପାଳଠାରେ କୃତି ଶିକ୍ଷକମାନଙ୍କୁ ସମ୍ମାନିତ କରାଯାଇଥିଲା। ହାଇସ୍କୁଲ ପରିସରସ୍ଥ ଜାତିର ପିତା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଉକ୍ତ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା । ସଙ୍ଗୀତ ଗୁରୁ ପ୍ରମୋଦ ଦାଶ, ନିରଞ୍ଜନ ରଥ, ନିତ୍ୟାନନ୍ଦ ରଥ, ପ୍ରଭାକର ଭଦ୍ର, ଗୋବିନ୍ଦ ଚନ୍ଦ୍ର ସେଠୀ, ବ୍ରଜକିଶୋର ସ୍ୱାଇଁ, ଧନେଶ୍ୱର ରଥ, ଭାଗିରଥି ରଥ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗଣଦୌଡ କାର୍ଯ୍ୟକ୍ରମକୁ ସରପଞ୍ଚ ପ୍ରଜ୍ଞାପରମିତା ମଲିକ, ମହେନ୍ଦ୍ର ଦାସ, ପ୍ରଶାନ୍ତ କୁମାର ଦାସ, ଅଶୋକ ମଲିକ, ରୁଦ୍ର ନାରାୟଣ ମହାନ୍ତି, ସର୍ବେଶ୍ୱର ସାହୁ, ସମିତି ସଭ୍ୟ ନରୋତ୍ତମ ସାହୁ, ରଞ୍ଜିତ ସାହୁ, ବିଧାୟକଙ୍କ ପ୍ରତିନିଧି ଶ୍ରୀଧର ବିଶ୍ୱାଳ, ସଂଯୋଜକ ପ୍ରଶାନ୍ତ ପଣ୍ଡା, ଯୁବନେତା ଦିନେଶ ସାହୁ, ଦୁଷ୍ମନ୍ତ ମଲିକ, ଦିଲୀପ ଦାସ, ବିଜୟ ଦାସ, ଶଶାଙ୍କ ଶେଖର ରାଉତ, ବରଦା ପ୍ରସନ୍ନ ପତି, ମନୋଜ ରାଉତ, ନରେନ୍ଦ୍ର ପତି ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ଥିଲେ ।

# ଅପହୃତା ନାବାଳିକାଙ୍କୁ ଉଦ୍ଧାର କରିବାରେ ପୋଲିସ ବିଫଳ

## ଏସ୍‌ପିଙ୍କୁ ଭେଟିଲେ ନାବାଳିକାଙ୍କ ବାପା

ପାଣିକୋଇଲି,୨।୧୦(ବିକାଶ କୁମାର ମଳିକ)

ନାବାଳିକା ଅପହରଣର ୩ ମାସ ପରେ ମଧ୍ୟ ତାଙ୍କୁ ପୋଲିସ ଉଦ୍ଧାର କରି ପାରିନାହିଁ । ଏହାକୁ ନେଇ ଟମକା ଥାନା ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ । ଫଳରେ ପରିବାର ଲୋକେ ନିରାଶ ହୋଇଛନ୍ତି । ସୋମବାର ନାବାଳିକାଙ୍କ ବାପା ପାଣିକୋଇଲିସ୍ଥିତ ଜିଲା ପୋଲିସ ମୁଖ୍ୟାଳୟରେ ଏସ୍‌ପିଙ୍କୁ ଭେଟି ଏ ସଂକ୍ରାନ୍ତରେ ନିଜ ଦୁଃଖ ଜଣାଇଛନ୍ତି । ସଭିଲ ସୋସାଇଟି ଫୋରମର ବିଶ୍ୱନାଥ ପାତ୍ରଙ୍କ ସହାୟତାରେ ସେ ଏସ୍‌ପିଙ୍କୁ ସାକ୍ଷାତ କରି ନାବାଳିକା ଝିଅର ଉଦ୍ଧାର ଓ ଅପହର୍ତ୍ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ସୂଚନାଯୋଗ୍ୟ, କେନ୍ଦୁଝର ଜିଲା ଘସିପୁରା ଥାନା ଅନ୍ତର୍ଗତ ଭାଲୁକୁମା ଗ୍ରାମର ପଦ୍ମନାଭ ସାହୁଙ୍କ ୧୭ ବର୍ଷିୟା ନାବଳିକା କନ୍ୟାଙ୍କୁ ଗତ ଜୁଲାଇ ମାସରେ ଅପହରଣ କରାଯାଇଥିବା ଘସିପୁରା ଥାନାରେ ଅଭିଯୋଗ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ଶାନ୍ତନୁ କୁମାର ପଣ୍ଡା ଝିଅକୁ ଅପହରଣ କରିନେଇଥିବା ପଦ୍ମନାଭ ଦର୍ଶାଇଥିଲେ । ଘସିପୁରା ଥାନା ପୋଲିସ ନାବାଳିକାଙ୍କୁ ଉଦ୍ଧାର କରିଥିଲେ ହେଁ ଅପହରଣକାରୀଙ୍କ ଟେର ପାଇ ନ ଥିଲା । ଫଳରେ ପୋଲିସ ଉକ୍ତ ନାବାଳିକାଙ୍କୁ ସ୍ୱାଧାର ଗୃହରେ ଛାଡିଥିଲା। ତାର ପାଠପଢା ପାଇଁ ପଦ୍ମନାଭ ସ୍ୱାଧାର ଗୃହରୁ ଆଣି ତାର ମାଉସୀ ଘର ଯାଜପୁର ଜିଲା ଟମକା ଥାନା ଅନ୍ତର୍ଗତ ଗଉଡ ବାହାଳି ଗ୍ରାମରେ ଛାଡିଥିଲେ । ହେଲେ ଗତ ଜୁଲାଇ ୧୬ରେ ନାବଳିକା ନିଖୋଜ ହୋଇ ଯାଇଥିଲେ । ଏନେଇ ପଦ୍ମନାଭ ଟମକା ଥାନାରେ ଅଭିଯୋଗ କରିଥିଲେ । ହେଲେ ଅପହରଣର ୩ ମାସ ବିତିଯାଇଥିଲେ ମଧ୍ୟ ନାବାଳିକାଙ୍କ କୌଣସି ପତ୍ତା ମିଳୁନାହିଁ । ତେବେ ଏସ୍‌ପିଙ୍କୁ ପଦ୍ମନାଭ ଭେଟିବା ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଟମକା ଥାନା ଅଧିକାରୀଙ୍କୁ ଏସ୍‌ପି ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି ।


ଏସ୍‌ପିଙ୍କ ଅଫିସକୁ ଆସିଥିବା ନାବାଳିକାଙ୍କ ବାପା ଏବଂ ସାମାଜିକ କର୍ମୀ ।

# ସବୁଠି ବାପୁଜୀଙ୍କୁ ଶ୍ରଦ୍ଧାଞ୍ଜଳି


ଗାନ୍ଧୀ ଜୟନ୍ତୀ ଅବସରରେ ବରୀରେ ଆୟୋଜିତ କଂଗ୍ରେସର ଶୋଭାଯାତ୍ରା ।

ଜେନାପୁର,୨।୧୦(ଅଶୋକ ଦାସ)

ଯାଜପୁର ଜିଲାର ବିଭିନ୍ନ ସ୍ଥାନରେ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ସୋମବାର ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଧର୍ମଶାଳା ବ୍ଲକ ଅନ୍ତର୍ଗତ କନ୍ତପଡା ଛକ ନିକଟସ୍ଥ ଜେନାପୁର ଗୋପବନ୍ଧୁ ପ୍ରେସ କ୍ଲବ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ କ୍ଲବର ସଭାପତି ଅଶୋକ ଦାସ, ଉପସଭାପତି ବାବୁଲି ରାଉତ , ସମ୍ପାଦକ ଚିତ୍ରସେନ ନାଥ, ସହସମ୍ପାଦକ ବସନ୍ତ ମଲିକ, କୋଷାଧ୍ୟକ୍ଷ ସୁନୀଲ ପାଢ଼ୀ, ପ୍ରଶାନ୍ତ ସାମଲ, ବିନୟ ଜେନାମଣି, ଅସିତ ନାୟକ ପ୍ରମୁଖ ଯୋଗଦେଇ ଗାନ୍ଧିଜୀଙ୍କ ଫୋଟଚିତ୍ର ରେ ମାଲ୍ୟାର୍ପଣ କରିଥିଲେ। ଆୟୋଜିତ ସଭାରେ ଅତିଥିମାନେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଜୀବନୀ ଉପରେ ଗୁଣଗାନ କରିଥିଲେ ।

**ବରୀ,(ମହେନ୍ଦ୍ର ସ୍ୱାଇଁ):** ବରୀ ବ୍ଲକ୍‌ର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ବରୀ ବ୍ଲକ୍ ଯୁବ କଂଗ୍ରେସ ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି । ବରୀ ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଅପୂର୍ବ ସାମଲଙ୍କ ନେତୃତ୍ୱରେ କଳାମାଟିଆ ଶହୀଦ ପୀଠ ପରିସରରେ ସଫେଇ କରାଯାଇଥିଲା। ଯୁବ କଂଗ୍ରେସର କର୍ମୀମାନେ ବିଭିନ୍ନ ସ୍ଥାନରେ ଚାରା ରୋପଣ କରିଥିଲେ । ବାଲିବିଲ ଛକଠାରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଯୁବ କଂଗ୍ରେସ ଓ ସ୍ଥାନୀୟ ଲୋକମାନେ ମାଲ୍ୟାର୍ପଣ କରିଥିଲେ। ଏଥିରେ ଗାନ୍ଧିବାଦୀ ନେତା ତଥା ବରିଷ୍ଠ ଶିକ୍ଷାବିତ୍ ଅର୍ଜୁନ ଚରଣ ରାଉତ, ନାରୀନେତ୍ରୀ କଳ୍ପନା ପଣ୍ଡା, ରାଜ୍ୟ କଂଗ୍ରେସ ଛାତ୍ର ସମ୍ପାଦକ ଜ୍ୟୋତି ପ୍ରକାଶ ରାୟ, ଅଞ୍ଜଳି ଧଳ, ମାନସ ପରିଡ଼ା ପ୍ରମୁଖ ଯୋଗଦେଇଥିଲେ ।

**କାଏମା,( ଶିବପ୍ରସାଦ ମହାନ୍ତି):** ଧର୍ମଶାଳା ନିର୍ବାଚନ ମଣ୍ଡଳୀ କଂଗ୍ରେସ ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳନ କରାଯାଇଛି ।କଂଗ୍ରେସ ନେତା କିଷାନ ପଣ୍ଡା ଙ୍କ ନେତୃତ୍ୱରେ କାଏମା ବଜାରରେ ଥିବା ଜାତିର ପିତା ମହାତ୍ମା ଗାନ୍ଧୀ ଙ୍କ ପ୍ରତିମୂର୍ତ୍ତିରେ ଧୂପ ଓ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପଣ୍ଡା ଗାନ୍ଧୀଜିଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ରଘୁପତି ରାଘବ ରାଜା ରାମ ସଙ୍ଗୀତ ଗାନ କରାଯିବା ସହ ପିଲାମାନଙ୍କୁ ଲଡୁ ବଣ୍ଟନ କରିଥିଲେ । ଏହି ସଭାରେ ଶୁକଦେବ ସାହୁ, ପ୍ରଦୀପ କିଶୋର ମହଲା ,ପୂର୍ବତନ ସମିତି ସଭ୍ୟ ନରୋତ୍ତମ ନାୟକ , ନକୁଳ ଜେନା , ପ୍ରଫୁଲ୍ଲ କୁମାର ରାୟ, ଓବିସି ସଭାପତି ଅମରେନ୍ଦ୍ର ସାମଲ ,ସଭାପତି ପ୍ରଶାନ୍ତ ଜେନା ,ଅନୁ ମଲିକ, ନୀଳ ମହାନ୍ତି, ପ୍ରଶାନ୍ତ ସାମଲ ,ଗୋପାଳ ମଲିକ ,କୁମାର ଜେନା ପ୍ରମୁଖ ଯୋଗଦେଇ ଥିଲେ।

# ବିକାଶର ବାର୍ତ୍ତା ପ୍ରତି ଘରେ ପହଞ୍ଚାଇବାକୁ ଲକ୍ଷ୍ୟ

## ବଡ଼ଚଣା ବିଜେଡିର ଜନ ସମ୍ପର୍କ ପଦଯାତ୍ରା

ଚଣ୍ଡିଖୋଲ,୨।୧୦(ପ୍ରଦୀପ୍ତ କୁମାର ପୃଷ୍ଟି)

ପବିତ୍ର ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ବଡ଼ଚଣା ବିଜୁ ଜନତା ଦଳ ପକ୍ଷରୁ ସୋମବାର ଜନ ସମ୍ପର୍କ ପଦଯାତ୍ରା ଆରମ୍ଭ ହେଇଛି। ଏହି ବ୍ଲକ ଅନ୍ତର୍ଗତ ବୈରୀ ଠାରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ଗାନ୍ଧୀ ମାର୍ଗ ଦେଇ ଚମ୍ପାପୁର ପର୍ଯ୍ୟନ୍ତ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଚମ୍ପାପୁର ଠାରେ ଗାନ୍ଧୀ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ପୂର୍ବତନ ସରପଞ୍ଚ ବାସୁଦେବ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗ ଦେଇ ଗାନ୍ଧୀଙ୍କ ଅହିଂସା ବାର୍ତ୍ତାକୁ ଆଜି ସାରା ବିଶ୍ୱ ଗ୍ରହଣ କରିଛି। ତାଙ୍କ ପଦାଙ୍କ ଅନୁସରଣ କରି ଆମେ ହିଂସାଠାରୁ ଦୂରେଇ ରହିବା ଆବଶ୍ୟକ। ନବୀନ ପଟ୍ଟନାୟକଙ୍କ ସରକାର ଆସିବା ପରେ ଆମେ ବିକଶିତ ଓଡ଼ିଶା ଦେଖୁଛୁ। ବଡ଼ଚଣାରେ ହୋଇଥିବା ବିକାଶ ସହ ନବୀନ ପଟ୍ଟନାୟକଙ୍କ ଜନ କଲ୍ୟାଣକରୀ ଯୋଜନାକୁ ଘରେ ଘରେ ପହଞ୍ଚାଇବାକୁ ସେ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡି ସଭାପତି ଅରବିନ୍ଦ ସାମଲ, ଯୁବ ବିଜେଡି ସଭାପତି ଗଣେଶ୍ୱର ବରାଳ, ଛାତ୍ର ବିଜେଡି ସଭାପତି ଯତିନ୍ଦ୍ର ପ୍ରସାଦ ନାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତୀ ସେନାପତି, ଜିଲା ପରିଷଦ ସଭ୍ୟ ଜୟଶ୍ରୀ ସାମଲ, ଆମ୍ମା ଅଧ୍ୟକ୍ଷ ବିପିନ ବିହାରୀ ଜେନା, ପ୍ରାକ୍ତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଭଗ୍ୟଧର ମଲିକ, ସଂଯୋଜକ ମିହିର ପ୍ରତାପ ସ୍ୱାଇଁ,ତାପସ ରାୟ, ସରପଞ୍ଚ ବିଜୟ ସ୍ୱାଇଁ, ଜୟନ୍ତୀ ସ୍ୱାଇଁ, ଫନିନ୍ଦ୍ର ପଣ୍ଡା, ଦୀପକ ସାହୁ,ସଞ୍ଜୟ କୁମାର ସ୍ୱାଇଁ, ପ୍ରକାଶ ପ୍ରଧାନ , ନବ ଦୀପ ନାୟକ, ଅନନ୍ତ ସିଂହ, ଦିଲୀପ କୁମାର ରାଉତ, ପ୍ରମୁଖ ଯୋଗଦେଇ ଥିଲେ। ସମିତି ସଭ୍ୟ ସଞ୍ଜୟ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।



ବଡ଼ଚଣାରେ ଆୟୋଜିତ ଜନସମ୍ପର୍କ ପଦଯାତ୍ରାରେ ସାମିଲ ହୋଇଥିବା ବିଧାୟକ ଓ ଅନ୍ୟମାନେ ।

## ମହେଶ୍ୱରପୁରରୁ ଆରମ୍ଭ ହେଲା ବିଜେଡି ଜନସମ୍ପର୍କ ପଦଯାତ୍ରା

ଯାଜପୁର ସଦର,୨।୧୦(ସମର ବିଜୟ ଶରଣ)

ସୋମବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ଯାଜପୁର ବ୍ଲକ ଅନ୍ତର୍ଗତ ମହେଶ୍ୱରପୁର ପଞ୍ଚାୟତରୁ ଆରମ୍ଭ ହୋଇଛି । ପ୍ରତିକୂଳ ପାଗ ସତ୍ତ୍ୱେ ନିର୍ଦ୍ଧାରିତ ସମୟରେ ପବିତ୍ର ଗାନ୍ଧୀ ଜୟନ୍ତୀରେ ଏହି ପଦଯାତ୍ରା ଆରମ୍ଭ ହୋଇଥିଲା । ବିଜେଡି ନେତା ଓ କର୍ମୀମାନେ ପୂର୍ବାହ୍ନ ୮ଟାରେ ପୁରୁଷୋତ୍ତମପୁର ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଐତିହାସିକ ଦଶହରା ପଡ଼ିଆରେ ୩୦ନଂ.ଜୋନରେ ଥିବା ବେରୁଦା, ସିମିଳିଆ, ବରୁଆଁ, ଜମଧର, ଶ୍ୟାମଦାସପୁର ଓ ମହେଶ୍ୱରପୁର ପଞ୍ଚାୟତର ବିଜୁ ଜନତା ଦଳର ସଙ୍ଗଠକ,ନେତା,କର୍ମୀ ଓ ଜନପ୍ରତିନିଧିମାନେ ମା'ରକ୍ଷାକାଳୀ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ । ଏହାପରେ ଏକ ଶୋଭାଯାତ୍ରାରେ ବାହାରି ବିଭିନ୍ନ ଗ୍ରାମ ପରିକ୍ରମା କରି ରାଜ୍ୟ ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ବୁଝାଇଥିଲେ । ଏହି ପଦଯାତ୍ରାରେ ବ୍ଲକ ବିଜେଡି ସଭାପତି ପରେଶ ବିଶ୍ୱାଳ,ବରିଷ୍ଠ ନେତା ବ୍ରଜ କିଶୋର ପାଢ଼ୀ, ଜିଲା ବିଜେଡି ଉପସଭାପତି ପ୍ରକାଶ ତ୍ରିପାଠୀ ଓ ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ନାୟକ, ରଶ୍ମିରଞ୍ଜନ ରାଉତରାୟ, ୩୦ନଂ. ଜିଲାପରିଷଦ ସଭ୍ୟା ସୁନୀତା ରାଉତ, ୩୧ ନମ୍ବର ଜିଲା ପରିଷଦ ସଭ୍ୟ ବିନୋଦ ମାଝି, ସରପଞ୍ଚ ସୁଜିତ୍ ରାୟ,ବାଦଲ ଖୁଣ୍ଟିଆ, ତାରାକାନ୍ତ ପଣ୍ଡା,ଅନାହାର ବାନୋ ,ସମିତି ସଭ୍ୟ ରଶ୍ମିରଞ୍ଜନ ମହାନ୍ତି,ଶେଖ ମୋଜାହିଦ , ସ୍ମୃତିରେଖା ସାମଲ,ଅମିତ ରାଉତ, ଅଜୟ ମହାନ୍ତି, ରସୁଲ ବକ୍ସ, ପର୍ଯ୍ୟବେକ୍ଷକ ଦିଲୀପ ଜେନା,ଯୁବ ବିଜୁ ଜନତା ଦଳର ସମ୍ପାଦକ ଫିରୋଜ ଖାଁ, ଅଭିମନ୍ୟୁ ନାୟକ,ଅଭିମନ୍ୟୁ ପରିଡ଼ା,ମହାଳୟା ପାତ୍ର,ଭଗବାନ ଦାସ,ସେକ୍ ଗୋଲାମ ଅଲ୍ଲୀ ,ସରସ୍ୱତୀ ବଳ ପ୍ରମୁଖ ସାମିଲ ହୋଇଥିଲେ ।



ମହେଶ୍ୱରପୁର ପଞ୍ଚାୟତରୁ ଆରମ୍ଭ ହୋଇଥିବା ଜନସମ୍ପର୍କ ପଦଯାତ୍ରାରେ ବିଜେଡି କର୍ମୀ ଓ ନେତୃବୃନ୍ଦ ।

## ସଂକ୍ଷେପରେ

### ୨ ମନ୍ଦିରରୁ ଚୋରି

**ରାଜନଗର, ୨।୧୦ (ଭାସ୍କର ରାଉତରାୟ)**

ରାଜନଗର ଥାନା କୁରୁଣ୍ଟି ପଞ୍ଚାୟତ ନାଥପୁରସ୍ଥିତ ଶ୍ରୀଅଷ୍ଟଶମ୍ଭୁ ମନ୍ଦିର କବାଟ ତାଡ଼ି ଦୁର୍ବୃତ୍ତମାନେ ଦାନବାକ୍ସ, ଠାକୁରଙ୍କ ଅଳଙ୍କାର ଲୁଟି ନେଇଛନ୍ତି। ସେହିପରି ପଞ୍ଚାୟତର ଝିଙ୍କିରିଆ ତାରିଣୀ ମନ୍ଦିରକୁ କବାଟ ତାଡ଼ି ଦୁର୍ବୃତ୍ତମାନେ ଦାନବାକ୍ସ ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଅଷ୍ଟଶମ୍ଭୁ ମନ୍ଦିର ପୂଜା କମିଟିର ସଭାପତି ରତ୍ନାକର ଦାସଙ୍କ ଅଭିଯୋଗ ଅନୁଯାୟୀ, ଦୁର୍ବୃତ୍ତମାନେ ମନ୍ଦିର ପଛପଟ କବାଟ ତାଡି ମନ୍ଦିର ଭିତରେ ଥିବା ଗୋଟିଏ ମାଇକ ସେଟ୍ ସହ ୧ବର୍ଷ ହେବ ଖୋଲାହୋଇ ନ ଥିବା ଦାନବାକ୍ସକୁ ଲୁଟି ନେଇଛନ୍ତି। ଏଥିସହ ୩ଟି ସୁନାଚେନ୍, ୫ଟି ସୁନାମୁଦି ଓ ୫ଶହ ଗ୍ରାମର ରୁପା ଗହଣା ଲୁଟି ନେଇଛନ୍ତି। ସକାଳେ ପୂଜା କରିବାକୁ ମନ୍ଦିରର ପୂଜକ ବ୍ରହ୍ମାନନ୍ଦ ଷଡ଼ଙ୍ଗୀ ପହଞ୍ଚି ପଛପଟ ଦ୍ୱାର ତଡ଼ା ହୋଇଥିବା ଦେଖି ଖବର ଦେଇଥିଲେ। ସେହିପରି ଝିଙ୍କିରିଆ ତାରିଣୀ ମନ୍ଦିରର ପୂଜା କମିଟିର ସଭାପତି ବୈକୁଣ୍ଠନାଥ ସିୟ ତାଙ୍କ ଅଭିଯୋଗରେ ମନ୍ଦିରର ପଛପଟ କବାଟ ଭାଙ୍ଗି ମନ୍ଦିର ହୁଣ୍ଡିରେ ଥିବା ପ୍ରାୟ ୭୦ ହଜାରରୁ ଅଧିକ ଟଙ୍କା ଲୁଟି ନେଇଛନ୍ତି ବୋଲି ଅଭିଯୋଗରେ ଜଣାଇଛନ୍ତି। ପୋଲିସ ଅଭିଯୋଗ ପାଇବା ପରେ ତଦନ୍ତ ଆରମ୍ଭ କରିଛି। ଏ ନେଇ ଥାନାରେ ୫୫୮/୨୩ରେ ମାମଲା ରୁଜୁ ହୋଇଛି।

### ରାଜ୍ୟ ଭାଜପା ଯୁବମୋର୍ଚ୍ଚାର କାର୍ଯ୍ୟକାରିଣୀ ସଦସ୍ୟ ହେଲେ ଶ୍ରେୟସ

**ରାଜକନିକା, ୨।୧୦ (ସଞ୍ଜୟ କୁମାର ଦାଶ)**

ଆଳି ନିର୍ବାଚନମଣ୍ଡଳୀ ରାଜକନିକା ବ୍ଲକ ଭାଜପା ସଦର ମଣ୍ଡଳ ଜୋନ୍ ଯୁବମୋର୍ଚ୍ଚା ସଭାପତି ଶ୍ରେୟସ ଦାସଙ୍କୁ ରାଜ୍ୟ ଭାଜପା ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଭାବେ ନୂତନ ଦାୟିତ୍ୱ ମିଳିଛି। ଶ୍ରେୟସଙ୍କ କାର୍ଯ୍ୟଦକ୍ଷତା ଆଧାରରେ ରାଜ୍ୟ ଭାଜପା ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା ତାଙ୍କ ଉପରେ ଆସ୍ଥା ପ୍ରକଟ କରି ଏହି ଦାୟିତ୍ୱ ଦେଇଛନ୍ତି। ଏବିଭିପିରୁ ଛାତ୍ର ଜୀବନ ସେ ଆରମ୍ଭ କରିଥିଲେ। ପରେ ସେ ଭାଜପାରେ ଯୋଗଦେଇ ବିଭିନ୍ନ ଦାୟିତ୍ୱ ନିର୍ବାହ କରିଛନ୍ତି। ତାଙ୍କର କାର୍ଯ୍ୟଦକ୍ଷତାକୁ ଆଧାରକରି ରାଜ୍ୟ ଯୁବମୋର୍ଚ୍ଚା ସଭାପତି ପଣ୍ଡା ତାଙ୍କୁ ଏହି ଦାୟିତ୍ୱ ଦେଇଥିବା ଜଣାପଡିଛି। ଶ୍ରେୟସ ଏହି ଖବର ପାଇବା ପରେ ରାଜ୍ୟ ଯୁବମୋର୍ଚ୍ଚା ସଭାପତି ପଣ୍ଡା, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଏବଂ କେନ୍ଦ୍ରାପଡ଼ା ଜିଲା ଭାଜପା ସଭାପତି କିଶୋର ପଣ୍ଡାଙ୍କୁ କୃତଜ୍ଞତା ଜଣାଇଥିବା ଜଣାପଡିଛି।

# ଡେରାବିଶର ପ୍ରସିଦ୍ଧ ଭାଲୁକୁଣୀ ମେଳଣ



ମେଳଣ ପଡ଼ିଆରେ ଭାଲୁକୁଣୀ ମେଢ଼।

**ଡେରାବିଶ, ୨।୧୦ (ବେବର୍ତ୍ତା ଅଜୟ ଦାସ)**

ଉତ୍କଳୀୟମାନଙ୍କ ପାଇଁ ତଅପୋଇ କାହାଣୀ ଏକ ଇତିହାସର ସ୍ମୃତି ସ୍ତମ୍ଭ ପାଲଟିଛି। ଏଥିସହ ଯୋଡ଼ିହୋଇ ରହିଛି ଅତୀତର ସାଧବ ପୁଅଙ୍କ ନୌବାଣିଜ୍ୟ ଯାତ୍ରା। ଏହି ନୌବାଣିଜ୍ୟ ଯାତ୍ରା ପରମ୍ପରା ସହ ଉପକୂଳବର୍ତ୍ତୀ କେନ୍ଦ୍ରାପଡ଼ା ଜିଲାର ସମ୍ପର୍କ ଅତି ନିବିଡ଼। ଅତୀତର ଏହି ସ୍ମୃତିକୁ ବଜାୟ ରଖିବା ପାଇଁ ଏବଂ ନିଜ ଭାଇମାନଙ୍କର ମଙ୍ଗଳ କାମନା ପାଇଁ ଶ୍ରାବଣ ପୂର୍ଣ୍ଣିମାର ପର ରବିବାର ସେପ୍ଟେମ୍ବର ୩ରୁ ଆରମ୍ଭ ହୋଇଥିବା ଭାଲୁକୁଣୀ ପୂଜା ୫ଟି ରବିବାର ସନ୍ଧ୍ୟାରେ ଗ୍ରାମର ଝିଅମାନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥାଏ। ମାସେ ଧରି ଏହି ଭାଲୁକୁଣୀ ପୂଜା ପାଇଁ ଚଳଚଞ୍ଚଳ ହୋଇଥିଲା ଡେରାବିଶ ଅଞ୍ଚଳ। ସୋମବାର ବ୍ଲକ ଅଧୀନ ଗୋଲରାହାଟ ପଞ୍ଚାୟତ ସ୍ଥିତ ରଥପଡ଼ିଆଠାରେ ବହୁ ପ୍ରାଚୀନ ଭାଲୁକୁଣୀ ମେଳଣ ଶେଷ ହୋଇଛି। ପାରମ୍ପରିକ ରୀତିନୀତି ମଧ୍ୟରେ ଏହି ମେଳଣ ରବିବାର ରାତିରୁ ଆରମ୍ଭ ହୋଇଥିଲା। ପ୍ରଥମେ ଏହି ମେଳଣର ଥାନପତି ରଥପଡ଼ିଆ ମେଢ଼ ମେଳଣ ପଡିଆରେ ଉପବେଶନ କରିବା ପରେ ବିଭିନ୍ନ ଗ୍ରାମରୁ ଭାଲୁକୁଣୀଙ୍କ ସୁସଜ୍ଜିତ ମେଢ ଘଣ୍ଟ, ସଂକୀର୍ତ୍ତନ, ବାଜା ପଟୁଆର ଓ ରଙ୍ଗବେରଙ୍ଗର ଆତସବାଜି ମଧ୍ୟରେ ପ୍ରବେଶ କରିଥିଲା। ମେଳଣରେ ବ୍ଲକ ଅଧୀନ ଗୋଲରାହାଟ ପଞ୍ଚାୟତର ଦୁମୁକା, ତିଳକପୁର, କଚେରି ତଳ, ଓଖାସାହି, ଚଷାଖଣ୍ଡ, ପାଣ୍ଡେସାହି, ବଣିଆସାହି, କାଜିପୁର ଓ ଦିଆପଡ଼ା, ବାଲିଆ ପଞ୍ଚାୟତ ତୋଟାସାହି, ହୁରାସାହି, ମୁଲଣାପାଟଣା ଓ ଦରବୋଲ, ଚାଟରାଚକଡ଼ା ପଞ୍ଚାୟତର ଗୋବିନ୍ଦପୁର ଓ ଚାଟରାଚକଡା ଏବଂ କାଉପଡ଼ା ପଞ୍ଚାୟତର ସାନଫୋଗଳ ଗ୍ରାମରୁ ୨୩ଟି ମେଢ ସୋମବାର ପୂର୍ବାହ୍ନରେ ମେଳଣ ପଡ଼ିଆରେ ପହଞ୍ଚିଥିଲେ। ଦୁମୁକା ହାଟ ଥାନପତି ମେଢ ପକ୍ଷରୁ ସମସ୍ତ ମେଢ ନିକଟରେ ଭୋଗ ଲାଗି ସହିତ ଆସନ୍ତା ବର୍ଷ ମେଳଣ ପାଇଁ ବରଣୀ କରାଯାଇଥିଲା। ବିଭିନ୍ନ ଗ୍ରାମରୁ ଆସିଥିବା ମେଢ ରୋଶଣି ମଧ୍ୟରେ ନିଜ ଗ୍ରାମକୁ ଫେରିଥିଲେ। ପରମ୍ପରା ଅନୁଯାୟୀ, ବିଭିନ୍ନ ସ୍ଥାନରେ ଭୋଗ ଗ୍ରହଣ କରିଥିଲେ। ଏଥିସହ ବିଭିନ୍ନ ମେଢ ସହ ଆସିଥିବା ଗ୍ରାମର ମୁରବିମାନଙ୍କ ମଧ୍ୟରେ ସମ୍ପର୍କ ବନ୍ଧନ ପାଇଁ କୋଳାକୋଳି ହୋଇଥିଲା। ମେଳଣ ଅବସରରେ ପଡ଼ିଆରେ ଶତାଧିକ ଦୋକାନୀ ସେମାନଙ୍କର ଦୋକାନ ପସରା ମେଲାଇଥିଲେ। ଶୃଙ୍ଖଳା ରକ୍ଷା ପାଇଁ ଡେରାବିଶ ଥାନା ପକ୍ଷରୁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ଶୃଙ୍ଖଳାରେ ମେଳଣ ଶେଷ ହୋଇଥିବାରୁ କମିଟି ପକ୍ଷରୁ ପ୍ରଶାସନ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ସ୍ଥାନୀୟ ସମସ୍ୟାକୁ ନିର୍ବାଚନୀ ପ୍ରସଙ୍ଗ କରିବ ଭାଜପା



ଖବରଦାତା ସମ୍ମିଳନୀରେ ଭାଜପା ନେତାମାନେ।

**କେନ୍ଦ୍ରାପଡ଼ା, ୨।୧୦ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲାରେ ସ୍ଥାନୀୟ ସମସ୍ୟା ଅଧିକ। ଏହାକୁ ନିର୍ବାଚନୀ ପ୍ରସଙ୍ଗ କରିବ ବୋଲି ଭାଜପା ବରିଷ୍ଠ ନେତା ଭୁବନ ମୋହନ ଜେନା ଖବରଦାତା ସମ୍ମିଳନୀରେ ସୋମବାର କହିଛନ୍ତି। ସମ୍ମିଳନୀ ସହର ନିକଟ ଗୋପସ୍ଥିତ କମଳ ଭବନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାଜପା ନେତା ଜେନା, ବରିଷ୍ଠ ନେତା ଦୁର୍ଯ୍ୟୋଧନ ସାହୁ, ରୋଜାଲିନ ମହାନ୍ତି, କୃଷକ ନେତା ରଞ୍ଜିତ ଆଚାର୍ଯ୍ୟ, ମାଧବ ମଲ୍ଲିକ, ଅର୍ଜୁନ ମଲ୍ଲିକ, ବିଜୟ ସେଠୀ, ପବିତ୍ର ପରିଡ଼ା, ପ୍ରସନ୍ନ ପରିଡ଼ା ଯୋଗଦେଇଥିଲେ। ସେମାନେ କହିଥିଲେ, ନାରୀ ସଶକ୍ତୀକରଣରେ ମଦ ରାଜସ୍ୱ ଏକ ବିକଟ ପରିସ୍ଥିତି ସୃଷ୍ଟି ହୋଇଛି। ମଦ ପାଇଁ ପରିବାରର ମହିଳା ସଦସ୍ୟା ଆର୍ଥିକ ଓ ସାମାଜିକ ସୁରକ୍ଷା ହରାଇଛନ୍ତି। ଏହି କାରଣରୁ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। କୃଷି ଆଧାରିତ ଗ୍ରାମ୍ୟ ଅର୍ଥନୀତି ଏବେ ବିଭିନ୍ନ କାରଣରୁ ନିମ୍ନସ୍ତରକୁ ଖସିଛି। ଜଳସେଚନ, ନିଷ୍କାସନ ଓ ସଂରକ୍ଷଣ ପାଇଁ ବ୍ୟବସ୍ଥା ସବୁ ଫେଲ୍ ମାରିଛି। କୃଷି ଶ୍ରମିକ ଏଥିପାଇଁ ଜିଲା ବାହାରକୁ କର୍ମନିଯୁକ୍ତି ସନ୍ଧାନରେ ଯାଉଛନ୍ତି। ସେହିପରି ଶିକ୍ଷା ଓ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଜିଲାର ବହୁ ପ୍ରତୀକ୍ଷିତ ଗ୍ରାମ୍ୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଆହ୍ୱାନ ଦେଇଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତି ଜିଲାରେ ମେଡିକାଲ କଲେଜ ଓ ହସ୍ପିଟାଲ ଖୋଲିବା ପାଇଁ ଯୋଜନା ରଖିଛନ୍ତି। ତେବେ ଏସବୁ କ୍ଷେତ୍ରରେ କେନ୍ଦ୍ରାପଡ଼ା ଜିଲା ବହୁ ପଛୁଆ ଅଛି। ଆସନ୍ତା ଦଶହରାଠାରୁ ଭାଜପା ଏହାକୁ ନିର୍ବାଚନୀ ପ୍ରସଙ୍ଗ କରିବ ବୋଲି ସମ୍ମିଳନୀରେ ସୂଚନା ଦେଇଛନ୍ତି।

# ପଟ୍ଟାମୁଣ୍ଡାଇ ବିଜେଡି ଜନସମ୍ପର୍କ ପଦଯାତ୍ରା

**ପଟ୍ଟାମୁଣ୍ଡାଇ ୨।୧୦ (କଳ୍ପତରୁ ନାୟକ)**

ପଟ୍ଟାମୁଣ୍ଡାଇ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ସୋମବାର ଆରମ୍ଭ ହୋଇଛି। ପଟ୍ଟାମୁଣ୍ଡାଇ ବ୍ଲକ ବିଜେଡି ସଭାପତି କିଶୋର ସାହୁ ଓ ନଗର ବିଜେଡି ସଭାପତି ବୁଢ଼ା ଲେଙ୍କାଙ୍କ ନେତୃତ୍ୱରେ ବିଜେଡି ନେତା ଓ କର୍ମୀମାନେ ବ୍ଲକ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଉପରେ ସ୍ଲୋଗାନ ଦେଇ ପଟ୍ଟାମୁଣ୍ଡାଇ ସହର ପରିକ୍ରମା କରିଥିଲେ। ଏହା ପରେ ସମ୍ବିଧାନ ପ୍ରଣେତା ଡ. ଭି.ଆର. ଆମ୍ବେଦକର ଓ ବାଇପାସ ଛକଠାରେ ଥିବା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ଏକ ପଥପ୍ରାନ୍ତ ସଭା କରାଯାଇଥିଲା। ଏଥିରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌରାଧ୍ୟକ୍ଷ ହେମନ୍ତ ସାହୁ, ଜିଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ, ସ୍ୱରୂପାନନ୍ଦ ସାମଲ, ବ୍ଲକ ସାମାଜିକ ଗଣମାଧ୍ୟମ ସଂଯୋଜକ ନୟନ ଗିରି, ବିଜୁ ଯୁବବାହିନୀ ସଭାପତି ସଂଗ୍ରାମ ସ୍ୱାଇଁ, ଜିଲା ଦଳିତ ସେଲ ପୂର୍ବତନ ସଭାପତି ବାରେଣୀ ସେଠୀ, ସରପଞ୍ଚ ପ୍ରିୟବ୍ରତ ଓଝା ଓ ସଂଗ୍ରାମ ବାରିକ, ସମିତି ସଭ୍ୟ ଅଭୟ ସ୍ୱାଇଁ, ଶଶାଙ୍କ ବିଶ୍ୱାଳ, ବିଜୁ ଯୁବବାହିନୀ ସମ୍ପାଦକ ଦିଲୀପ ସାହୁ, ଆଡ଼ଭୋକେଟ କ୍ଷୀରୋଦ ପ୍ରଧାନ, ପୂର୍ବତନ ସରପଞ୍ଚ ସୁବାଷ ଖଟୁଆ, କାଉନସିଲର ପ୍ରଶାନ୍ତ ବାରିକ, ଗୋପୀ ବଲ୍ଲଭ ନାୟକ, ଲକ୍ଷ୍ମୀପ୍ରିୟା ସାହୁ, ମୃତ୍ୟୁଞ୍ଜୟ ପାତ୍ରୀ, ଲାସ୍ୟମୟୀ ସାହୁ, ସନ୍ତୋସ ଦାସ, ମଧୁସ୍ମିତା ମଳିକ, ପ୍ରିୟଙ୍କା ସେଠୀ, ରୀନାରାଣୀ ମଳିକ, ସୁମନ୍ତ ପାତ୍ର, ଦିଗାମ୍ବର ମିଶ୍ର, ଅଶୋକ ଧଳ, ଜ୍ଞାନାଂଶୁ ସେଠୀ, ମଳୟ ମଳିକ, ବାପି ସାମଲ ଓ ସୌରେନ୍ଦ୍ର ବେହେରା ପ୍ରମୁଖ ବିଜେଡି ସରକାରଙ୍କ ଲୋକାଭିମୁଖୀ ଯୋଜନା ଉପରେ ଆଲୋକପାତ କରିଥିଲେ।




ପଟ୍ଟାମୁଣ୍ଡାଇରେ ବିଜେଡିର ବାହାରୁଥିବା ଜନସମ୍ପର୍କ ପଦଯାତ୍ରା।

### ଗାନ୍ଧୀ ଜୟନ୍ତୀରେ ବ୍ଲକ କାର୍ଯ୍ୟାଳୟ ସଫେଇ

**ଡେରାବିଶ, ୨।୧୦ (ବେବର୍ତ୍ତା ଅଜୟ ଦାସ)**

ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ଡେରାବିଶ ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଓ ଠାକୁରହାଟସ୍ଥିତ ସୁଦର୍ଶନ ବିଦ୍ୟାପୀଠ ପରିସରରେ ସୋମବାର ଶତାଧିକ ଯୁବ ସ୍ୱେଚ୍ଛାସେବୀ ସଫେଇ କାର୍ଯ୍ୟକ୍ରମ କରିଛନ୍ତି। କେନ୍ଦ୍ରାପଡ଼ା ନେହେରୁ ଯୁବକେନ୍ଦ୍ର ସଂଯୋଜକ ଲକ୍ଷ୍ମୀକାନ୍ତ ଜେନା, ବ୍ରଜକିଶୋର ସାହୁ, ମରୁତ ସ୍ୱାଇଁଙ୍କ ନେତୃତ୍ୱରେ ଡେରାବିଶ ବ୍ଲକର ବିଭିନ୍ନ ଯୁବ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଶତାଧିକ ସ୍ୱେଚ୍ଛାସେବୀ ସୋମବାର ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି ଅବସରରେ ଆୟୋଜିତ ସଚେତନତା ସଭାରେ ବିଡିଓ ଦାଶରଥି ଜେନା, ରାଷ୍ଟ୍ରୀୟ ଯୁବା ଯୋଜନାର ସଦସ୍ୟ ରାକେଶ କୁମାର ବଳ, ଶିକ୍ଷାବିତ୍ ନରହରି ସୂତାର, ଅଭିମନ୍ୟୁ ରାଉତ, ଦୀପକ କୁମାର ପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଗାନ୍ଧିଜୀଙ୍କ ପ୍ରିୟ ଭଜନ ସହ ରାମଧୁନ ପାଠ କରାଯାଇଥିଲା।

# ଆରପାରିରେ ଲୋକପ୍ରିୟ କଂଗ୍ରେସ ନେତା କୁମାର

**ଡେରାବିଶ, ୨।୧୦ (ବେବର୍ତ୍ତା ଅଜୟ ଦାସ)**



କେନ୍ଦ୍ରାପଡ଼ା ଜିଲା କଂଗ୍ରେସ କମିଟିର ଉପସଭାପତି ତଥା ଡେରାବିଶ ବ୍ଲକ ଛୋଟି ପଞ୍ଚାୟତର ପୂର୍ବତନ ସରପଞ୍ଚ କୁମାର ଚନ୍ଦ୍ର ବଳ(୭୬)ଙ୍କ ସୋମବାର ପରଲୋକ ହୋଇଛି। ଏହି ଖବର ପ୍ରସାରିତ ହେବା ପରେ ଡେରାବିଶ ସମେତ ସମଗ୍ର ଜିଲାରେ ଶୋକର ଛାୟା ଖେଳିଯାଇଛି। ଦୀର୍ଘଦିନ ହେବ ଅସୁସ୍ଥ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଅବସ୍ଥାରେ କୁମାରଙ୍କର ବିୟୋଗ ହୋଇଛି। ତେବେ କୁମାରଙ୍କ ମୃତଦେହ ପୂର୍ବାହ୍ନରେ ବ୍ଲକ ଅଧୀନ ଛତାଠାରେ ପହଞ୍ଚିବା ପରେ ସେଠାରେ ବହୁ ସଂଖ୍ୟାରେ ତାଙ୍କ ଶୁଭେଚ୍ଛୁ ଶେଷ ଦର୍ଶନ କରିଥିଲେ। ପରେ ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ଜିଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ପ୍ରଶାନ୍ତ ଦାସ, ପୂର୍ବତନ ସରପଞ୍ଚ ରଶ୍ମିରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ ୫୩ ନଂ. ଜାତୀୟ ରାଜପଥର ଛତାଠାରୁ ଶୋଭାଯାତ୍ରାରେ କୁମାରଙ୍କ ମରଶରୀରକୁ ଚାଟରାଚକଡ଼ା, କୁରୁଜଙ୍ଗା, ନହଙ୍ଗ ଓ ପରେ ଛୋଟି ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିବା ପରେ ସନ୍ଧ୍ୟାରେ ତାଙ୍କ ମୃତଦେହକୁ ଗ୍ରାମ ଶ୍ମଶାନରେ ସଂସ୍କାର କରାଯାଇଛି। ଶୋଭାଯାତ୍ରାରେ ଛୋଟୀ ସରପଞ୍ଚ ରଜନୀ ମଲିକ, ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ମଲିକ, ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ରାଜ୍ୟ ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ନେତୃମଣ୍ଡଳୀ ସାମିଲ ହୋଇଥିଲେ। ୧୯୯୨ରୁ ୧୯୯୭ ପର୍ଯ୍ୟନ୍ତ କୁମାର ଛୋଟୀ ପଞ୍ଚାୟତର ସରପଞ୍ଚ ଭାବେ ନିର୍ବାଚିତ ହୋଇ ଲୋକପ୍ରିୟତା ଅର୍ଜନ କରିଥିଲେ। ୧୯୯୭ରୁ ୨୦୦୨ ଯାଏ କୁମାର ଛୋଟୀ ପଞ୍ଚାୟତର ସମିତିସଭ୍ୟ ଓ ପରେ ୨୦୧୭ରୁ ୨୦୨୨ ଯାଏ ଛୋଟୀର ସରପଞ୍ଚ ଭାବେ ନିର୍ବାଚିତ ହୋଇ ବହୁ ଜନହିତକର କାର୍ଯ୍ୟ କରିଥିଲେ। ଏପରିକି ମହାମାରୀ କରୋନା ସମୟରେ କରୋନା ସଂକ୍ରମିତ ରୋଗୀଙ୍କ ସେବାକରି ନିଜେ କରୋନାରେ ଆକ୍ରାନ୍ତ ହୋଇଥିଲେ। ତେବେ କୁମାରଙ୍କ ମୃତ୍ୟୁରେ ଜିଲା କଂଗ୍ରେସ ସଭାପତି ଅଂଶୁମାନ ମହାନ୍ତି, ପୂର୍ବତନ ବିଧାୟକ କୁଳମଣି ରାଉତ, କଂଗ୍ରେସ ନେତା ଜୟନ୍ତ ମହାନ୍ତି, ରତିକାନ୍ତ କାନୁନ୍‌ଗୋ ଓ ବିଭିନ୍ନ ରାଜନୈତିକ ଦଳର ନେତାମାନେ ଶୋକବ୍ୟକ୍ତ କରିଛନ୍ତି।

# ରାଜନଗର ବ୍ଲକ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା

**ରାଜନଗର, ୨।୧୦ (ଭାସ୍କର ରାଉତରାୟ)**

ରାଜନଗର ବ୍ଲକ ବିଜେଡି ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ସୋମବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ପକ୍ଷରୁ ସାନବଡଗୋପାଳପୁର ପଞ୍ଚାୟତ ଗର୍ଜନପୁରସ୍ଥିତ ବିଜୁ ପଟ୍ଟନାୟକ ପ୍ରମୋଦ ଉଦ୍ୟାନ ପରିସରରୁ ଏହି ଜନ ସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଥିଲା। ବ୍ଲକ ବିଜେଡି ସଭାପତି ସରପଞ୍ଚ ନିରଞ୍ଜନ ରାଉତଙ୍କ ନେତୃତ୍ୱରେ ଏହି ଜନ ସମ୍ପର୍କ ପଦଯାତ୍ରାରେ ମୁଖ୍ୟ ଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ପ୍ରମୋଦ ଉଦ୍ୟାନରେ ଥିବା ପ୍ରବାଦ ପୁରୁଷ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ପଦଯାତ୍ରା ତ୍ରିନାଥବଜାର ହଂସୁଆ ସେତୁ ଦେଇ ରାଜନଗର ବଜାର ପରିକ୍ରମା କରି ତହସିଲ ପରିସରରେ ଥିବା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହାସହ ବ୍ଲକ ପରିସରରେ ଥିବା ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବ୍ଲକ ସଭାପତି ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ବିଧାୟକ ସାହୁ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ୩୦ ନଂ. ଜିଲା ପରିଷଦ ସଦସ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ବ୍ଲକ ଆତ୍ମା କମିଟିର ଅଧ୍ୟକ୍ଷ ଗୋବର୍ଦ୍ଧନ ପ୍ରଧାନ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଅରୁଣ କୁମାର ସାହୁ, ନିର୍ବାଚନମଣ୍ଡଳୀ ସାମାଜିକ ଗଣମାଧ୍ୟମ ସଂଯୋଜକ ବିଜୟ କୁମାର ନାୟକ, ସରପଞ୍ଚ ସୁଶ୍ରୀ ସଙ୍ଗୀତା ମିଶ୍ର, ସମିତିସଭ୍ୟ ପ୍ରଶାନ୍ତ କୁମାର ରାଉତ, ବ୍ଲକ ବିଜେଡି ସାଧାରଣ ସମ୍ପାଦକ ନରହରି ଜେନା, ବ୍ଲକ ଗଣମାଧ୍ୟମ ସଂଯୋଜକ ବିଜ୍ଞାନ ରଞ୍ଜନ ଜେନା, ବରିଷ୍ଠ ନେତା ପୂର୍ଣ୍ଣଚନ୍ଦ୍ର ପଡିହାରୀ, ସତ୍ୟବାଦୀ ରାଉତ, ନୃସିଂହ ରାଉତ, ଛାତ୍ରନେତା ଜୟୀରାମ ସ୍ୱାଇଁ, ସୁଦର୍ଶନ ପ୍ରଧାନ, ସୁରେଶ ପୁହାଁଣ, ବାଦଲ ଦାସ ପ୍ରମୁଖଙ୍କ ସହ ଦଳୀୟ କର୍ମୀମାନେ ଏହି ଜନ ସମ୍ପର୍କ ପଦଯାତ୍ରାରେ ସାମିଲ ହୋଇଥିଲେ।

### ଶରତ କୁମାର ଦେବ ମିନି ମାରାଥନ



**ଆଳି, ୨।୧୦ (ବନମାଳୀ ସେନାପତି)**

ଗାନ୍ଧୀ ଜୟନ୍ତୀ ଅବସରରେ ବିଜୁ ପଟ୍ଟନାୟକ ସ୍ପୋର୍ଟ୍ସ ଏକାଡେମୀ ପକ୍ଷରୁ ସୋମବାର ସକାଳେ ଆଳି ବ୍ଲକରେ ଶରତ କୁମାର ଦେବ ମିନି ମାରାଥନ ଅନୁଷ୍ଠିତ ହୋଇଯାଇଛି। ଏହି ମାରାଥନ ଦୌଡ଼ ଗଡ଼ଗଡି ସେତୁ ନିକଟରୁ ଆରମ୍ଭ ହୋଇ ଆଳି ଡାକବଙ୍ଗଳା ଛକଠାରେ ଶେଷ ହୋଇଥିଲା। ଏହି ମାରାଥନକୁ ମୁଖ୍ୟ ଅତିଥି ଭାବେ ଶକ୍ତି, ଶିଳ୍ପ ମନ୍ତ୍ରୀ ପ୍ରତାପ କେଶରୀ ଦେବ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଦୌଡ଼ରେ ଶତାଧିକ ଯୁବତୀଯୁବକ ଭାଗନେଇଥିଲେ। ମାରାଥନ ଶେଷ ହେବା ପରେ କ୍ରୀଡ଼ା ଶିକ୍ଷକ ସୁଶାନ୍ତ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଦେବ, ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ମୁଖ୍ୟବକ୍ତା ଭାବେ ଜିଲା ଯୋଜନା ବୋର୍ଡ ସଦସ୍ୟ ଭୀଷ୍ମ ମହାନ୍ତି ଯୋଗଦେଇ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଛି। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ବାଳକମାନଙ୍କ ମଧ୍ୟରେ ଜ୍ୟୋତିରଞ୍ଜନ ବଳ, ବିଜୟ କୁମାର ଦାସ, ପବିତ୍ର ପ୍ରଧାନ ଓ ବାଳିକାଙ୍କ ମଧ୍ୟରେ ଶର୍ମିଷ୍ଠା ମହାପାତ୍ର, ପୁନମ ସାହୁ ଓ ରାବିୟା ଫିର୍ଦୋଷଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେଦାରନାଥ ବେହେରା, ଉପାଧ୍ୟକ୍ଷା ପ୍ରତିନିଧି ହିମାଂଶୁ ବାରିକ, ସେକ ଗବର, ଅବଦୁଲ ମତିନ, ସେକ ମୁସ୍ତାଫିଜ, ସେକ ସମ୍ସିଉଲା, ସେକ ଯସୀମ, ସେକ କାଲୋ, ସେକ ସୟବ ପ୍ରମୁଖ ସହଯୋଗ କରିଥିଲେ। ରାଜ୍ୟରେ କ୍ରୀଡ଼ାର ବିକାଶ ପାଇଁ ବିଜୁ ପଟ୍ଟନାୟକ ସ୍ପୋର୍ଟ ଏକାଡେମୀ ରାଜ୍ୟର ବିଭିନ୍ନ ଜିଲାରେ ଏହିପରି କାର୍ଯ୍ୟକ୍ରମ କରୁଥିବା ବେଳେ ଆଳି ଅଞ୍ଚଳର ଛାତ୍ରୀଛାତ୍ରଙ୍କ ମଧ୍ୟରେ କ୍ରୀଡ଼ାର ଉତ୍ସାହ ବୃଦ୍ଧି ନିମନ୍ତେ ଏହି କାର୍ଯ୍ୟକ୍ରମ କରାଯାଇଥିଲା।

# କେନ୍ଦ୍ରାପଡ଼ାରେ ମହାତ୍ମା ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ

**କେନ୍ଦ୍ରାପଡ଼ା, ୨।୧୦ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ସହରର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ, ଜିଲା ଓ ବ୍ଲକ ପ୍ରଶାସନ, ପୌରପାଳିକା ଓ ଶିକ୍ଷାନୁଷ୍ଠାନ ପକ୍ଷରୁ ଜାତିର ପିତା ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ସର୍ବଧର୍ମ ପ୍ରାର୍ଥନା ସଭା, ଗାନ୍ଧୀ ବିଚାରର ଆଲୋଚନାଚକ୍ର ଆଦି ଅନୁଷ୍ଠିତ ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ପ୍ରତ୍ୟୁଷରେ ରାମଧୂନ ପ୍ରଚାର ସହ ବିଭିନ୍ନ ସ୍ଥାନରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସହରର ତିନିମୁହାଣୀ, ପୁରୁଣା ବସ୍‌ଷ୍ଟାଣ୍ଡ, ଗରାପୁର ଆଦି ସ୍ଥାନରେ ଗାନ୍ଧୀ ପଦଯାତ୍ରା ସ୍ମୃତି ପରିଷଦ ଓ ଜିଲା ପ୍ରଶାସନ ପକ୍ଷରୁ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ହୋଇଥିଲା। ଏଥିରେ ଏଡିଏମ୍ ପୀତାମ୍ବର ସାମଲ, ବିଧାୟକ ଶଶିଭୂଷଣ ବେହେରା, ଜିଲା ପରିଷଦ ଅଧ୍ୟକ୍ଷା ଗୀତାରାଣୀ ସେଠୀ, ପୌରାଧ୍ୟକ୍ଷା ସରିତା ସାହୁ, ଜିଲା ଯୁବ ବିଜେଡି ସଭାପତି ରାଜେଶ ଦାସ, ଯୁବନେତା ରାଜେଶ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ସେହିପରି କଂଗ୍ରେସ ଭବନ, ଦୁହୁରିଆସ୍ଥିତ ଭାଜପା ଜିଲା କାର୍ଯ୍ୟାଳୟ ଓ ଅନ୍ୟ ଶିକ୍ଷାନୁଷ୍ଠାନରେ ଗାନ୍ଧିଜୀ ଓ ଶାସ୍ତ୍ରିଜୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି।



ତିନିମୁହାଣି ଛକରେ ଗାନ୍ଧିଜୀଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରାଯାଉଛି।

**ଆଳି, (ବନମାଳୀ ସେନାପତି):** ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଆଳି ବ୍ଲକ କଂଗ୍ରେସ କମିଟି ପକ୍ଷରୁ ପାଳନ କରାଯାଇଛି। ଏଥିରେ ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା ଯୋଗଦେଇ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ଏହାପରେ ଆଳି ବ୍ଲକ କଂଗ୍ରେସ ସଭାପତି ରବିନାରାୟଣ ବେହେରାଙ୍କ ସହିତ କଂଗ୍ରେସ କର୍ମୀମାନେ ଆଳି ବ୍ଲକ ପରିସରରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି, ଆଳି କଲେଜରେ ମହାତ୍ମା ଗାନ୍ଧୀ, ସୁଭାଷ ବୋଷ, ସ୍ୱାମୀ ବିବେକାନନ୍ଦ, ଆଳି କୋର୍ଟ ପରିସରରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ କଂଗ୍ରେସର ସାଧାରଣ ସମ୍ପାଦକ ଦର୍ପନାରାୟଣ ସାହୁ, ସଂଗ୍ରାମ ସାମଲ ପ୍ରମୁଖ ଯୋଗ ଦେଇଥିଲେ।

**ପଟ୍ଟାମୁଣ୍ଡାଇ, (କଳ୍ପତରୁ ନାୟକ):** ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟର ଆଲୁମ୍ନି ଆସୋସିଏଶନ ପକ୍ଷରୁ ସୋମବାର ଗାନ୍ଧିଜୀ ଓ ଶାସ୍ତ୍ରିଜୀ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଆଲୁମ୍ନି ଆସୋସିଏଶନର କାର୍ଯ୍ୟକର୍ତ୍ତାମାନେ ମହାବିଦ୍ୟାଳୟରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷ ହେମନ୍ତ ସାହୁ ଆଲୁମ୍ନି ଆସୋସିଏଶନର ଉପସଭାପତି ରାଜେନ୍ଦ୍ର କୁମାର ଦାଶ, ସମ୍ପାଦକ ଆଇନଜୀବୀ ଗୋପୀନାଥ ତ୍ରିପାଠୀ, ବରିଷ୍ଠ ସଦସ୍ୟ ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିଶିକାନ୍ତ ପ୍ରଧାନ, ଗୋଦାବରୀଶ ମିଶ୍ର, ଆଇନଜୀବୀ ପ୍ରମୋଦ ସାହୁ, ଡ. ସୁନୀଲ ପ୍ରଧାନ ପ୍ରମୁଖ ଯୋଗଦେଇ ଥିଲେ।

**ରାଜକନିକା, (ସଞ୍ଜୟ କୁମାର ଦାଶ):** ରାଜକନିକା ବ୍ଲକ ଓଳାଭର ମହାବିଦ୍ୟାଳୟ ଆଇକ୍ୟୁଏସି ପକ୍ଷରୁ ଜାତୀୟ ସେବା ସଂସ୍ଥା ସଂଯୋଜନାରେ ମହାବିଦ୍ୟାଳୟ ପରିସରରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ହଳଧର ବେହେରା, ଅଧ୍ୟାପକ ମୁରଲୀଧର କର, ଡ଼. ସୁଧୀର କୁମାର ବାରିକ ଓ ପ୍ରତାପ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଜାତୀୟ ସେବା ସଂସ୍ଥାର ସଂଯୋଜିକା ଅଧ୍ୟାପିକା ସସ୍ମିତା ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ସଂଯୋଜକ ଅଧ୍ୟାପକ ମହେନ୍ଦ୍ର ନାଥ ମଲ୍ଲିକଙ୍କ ସମେତ ସମସ୍ତ ଅଧ୍ୟାପିକାଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସେହିପରି ବଳରାମପୁର ପଞ୍ଚାୟତର ଗୋବିନ୍ଦପୁର ଉନ୍ନତ ଉ.ପ୍ରା. ବିଦ୍ୟାଳୟ ପରିସରରେ ଗାନ୍ଧୀ ଜୟନ୍ତୀ ପାଳନ କରାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଙ୍କର୍ଷଣ ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା।

**ପାଟକୁରା, (ରବୀନ୍ଦ୍ର ନାଥ ବାରିକ):** ପାଟକୁରା କଂଗ୍ରେସ ପକ୍ଷରୁ କାର୍ଯ୍ୟାଳୟ ଗରଦପୁର ବ୍ଲକ ବନ୍ଧାସାହିଠାରେ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିସହ ଘୋଡାଦଣ୍ଡାଠାରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ଗରଦପୁର ବ୍ଲକ କଂଗ୍ରେସ କମିଟି ସଭାପତି ଜ୍ୟୋତି ରଞ୍ଜନ ପରିଡ଼ାଙ୍କ ସଭାପତିତ୍ୱରେ ପାଟକୁରା କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋ, ସୁବାସ ସାମଲ, ନିରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୩ ଅକ୍ଟୋବର, ୨୦୨୩



## ପୋଖରୀରେ ବୁଡ଼ି ଯୁବକ ମୃତ

**ପୋଲସରା ,(ସୁବ୍ରତ ବେହେରା):** ପୋଲସରା ବ୍ଲକ ଅନ୍ତର୍ଗତ କଳମ୍ବ ପାଟଣା ସାହିର ଭକ୍ତିଭୂଷଣ ସାହୁ (୩୨)ଙ୍କ ସୋମବାର ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ସେ ପୋଖରୀରେ ଗାଧୋଇବା ବେଳେ କୌଣସି କାରଣରୁ ପାଣିରେ ବୁଡ଼ିଯାଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

## ସଂକ୍ଷେପରେ

### ଚାରିଛକକୁ ଗାନ୍ଧୀ ଛକ ଘୋଷଣା, ଯାତ୍ରୀ ବିଶ୍ରାମାଗାର ଲୋକାର୍ପଣ

ଦାରିଙ୍ଗବାଡି,୨।୧୦(ଅରୁଣ ସାହୁ)

ଦାରିଙ୍ଗବାଡି ଚାରିଛକରେ ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ବିଭିନ୍ନ ପ୍ରକଳ୍ପ ଲୋକାର୍ପଣ କରିଛନ୍ତି। ଜନଜାତି ଅଧ୍ୟୁଷିତ ଅଞ୍ଚଳରେ ପ୍ରଥମଥର ପାଇଁ ଚାରି ଛକ ରହିଥିବା ସ୍ଥାନକୁ ଗାନ୍ଧୀ ଛକ ଭାବରେ ବିଧାୟକ ଘୋଷଣା କରିଛନ୍ତି । ସେହିପରି ଦୀର୍ଘ ଦିନ ଧରି ଦାବି କରାଯାଇଥିବା ଏକ ଯାତ୍ରୀ ବିଶ୍ରାମଗାର ପ୍ରଶାସନ ପକ୍ଷରୁ ନିର୍ମାଣ କରାଯାଇଥିଲା। ଯାହାକି ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀରେ ଲୋକାର୍ପଣ କରାଯାଇଛି। ସମ୍ପାଦକ ତଥା ବିଡିଓ ଗଦାଧର ପାତ୍ରଙ୍କ ଅଧ୍ୟକ୍ଷତା ଓ କମିଟିର ସଦସ୍ୟ ବିଦେଶୀ ନାୟକ ସଭା ସଂଯୋଜନାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ହିତାଧିକାରୀଙ୍କୁ ଜଙ୍ଗଲଜମି ପଟ୍ଟା ବଣ୍ଟନ ସହ ଶ୍ରମିକ କାର୍ଡ, ବିଧବା, ଦିବ୍ୟାଙ୍ଗ ଓ ବିଭିନ୍ନ ହିତାଧିକାରୀଙ୍କୁ ଭତ୍ତା କାର୍ଡ ପ୍ରଦାନ କରାଯାଇଛି। ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ,ତହସିଲଦାର ଶରତ ଶବର, ବିଇଓ ରସାନନ୍ଦ କର, ଆଇଆଇସି ଆନନ୍ଦ ଚନ୍ଦ୍ର ପାତ୍ର, ଜିଲା ପରିଷଦ ସଦସ୍ୟ ରଞ୍ଜନ ପ୍ରଧାନ,ମଞ୍ଚାସୀନ ଥିଲେ।ସରକାରୀ ଆଇ ଟି ଆଇ ଅଧ୍ୟକ୍ଷ ପ୍ରଦୀପ ସାହୁ, ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଠ, ବରିଷ୍ଠ ନାଗରିକ ସଙ୍ଘର ସମ୍ପାଦକ ପତିତପାବନ ରାଉତ, ଶିକ୍ଷକ ଶ୍ୟାମସୁନ୍ଦର ଦିଗାଲ ପରିଚାଳନା କରୁଥିଲେ।

### ସ୍ୱାମୀ ସୁଦ୍ଧାନନ୍ଦ ସରସ୍ୱତୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ଭଞ୍ଜନଗର,୨।୧୦(ବାବୁଲା ପ୍ରଧାନ): ଭଞ୍ଜନଗର ବ୍ଲକ ଦଦରାଲୁଣ୍ଡା ପଞ୍ଚାୟତ ଦିର୍ବିସିଂ ଗ୍ରାମରେ ଥିବା ସଙ୍କଟ ମୋଚନ ଆଶ୍ରମରେ ଶନିବାର ସ୍ୱାମୀ ସୁଦ୍ଧାନନ୍ଦ ସରସ୍ୱତୀଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ପାଳିତ ସହ ସ୍ୱାମୀଜୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି । ସ୍ୱାମୀ ସତ୍ୟ ଚୈତନ୍ୟ (କଟକ) ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ସମ୍ପୃକ୍ତ ଆଶ୍ରମର ମହନ୍ତ ସ୍ୱାମୀ ସଦାନନ୍ଦ ମହାରାଜ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଜଗନ୍ନାଥ ଶତପଥି, ପ୍ରଭାସ ଦାସ, ପ୍ରଫୁଲ୍ଲ ଦାସ, ସଞ୍ଜୟ ଦାସ, ଶୁଭେନ୍ଦୁ ବିଶ୍ୱାଳ, ସାରଙ୍ଗଗଡ଼ ଆଶ୍ରମର ମାନସୀ ଗଡ଼ା, ପୁରୀରୁ ଆସିଥିବା ସ୍ୱାମୀ ନକୁଳା ନନ୍ଦ, ଚିଦାନନ୍ଦ ଦାସ, ଅଭଦୁତ ଦାସ ପ୍ରମୁଖ ବିଭିନ୍ନ ଦିବସରେ ପ୍ରବଚକ ଭାବେ ଯୋଗଦେଇ ସ୍ୱର୍ଗତ ସ୍ୱାମୀ ସୁଧାନନ୍ଦ ସରସ୍ୱତୀଙ୍କ ଜୀବନୀ ସହ ଶ୍ରୀମଦ୍ ଭାଗବତ ଗୀତା ସମ୍ପର୍କରେ କହିଥିଲେ। ବିଜୟ ଦାସ, ବେଣୁଧର ସାହୁ, ଚୈତନ୍ୟ ମଲ୍ଲିକ, ପିତବାସ ପ୍ରଧାନ, ରତନ ସାହୁ, ଭାସ୍କର ପ୍ରଧାନ, ସୁବାସ ଗୌଡ଼, ସୁଧାଂଶୁ ନାୟକ, ବିଜୟ ମୋହନ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଘୁମୁସର ଉତ୍ତର ବନଖଣ୍ଡରେ ସଙ୍କଟରେ ବନ୍ୟପ୍ରାଣୀ

### ବନ୍ୟପ୍ରାଣୀ ସପ୍ତାହ ଉଦ୍‌ଘାଟିତ

ଭଞ୍ଜନଗର,୨।୧୦(ଡି.ଏନ.ଏ)


ବୈଠକରେ ଉପସ୍ଥିତ ଭିଏସ୍‌ଏସ୍ କର୍ମକର୍ତ୍ତା।

ଅକ୍ଟୋବର ୨ରୁ ୮ ତାରିଖ ପର୍ଯ୍ୟନ୍ତ ବନ୍ୟପ୍ରାଣୀ ସପ୍ତାହ ପାଳିତ ହେଉଛି। ସୋମବାର ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ପକ୍ଷରୁ ତାରସିଂ ରେଞ୍ଜରେ ବନ୍ୟପ୍ରାଣୀ ସପ୍ତାହ ଉଦ୍‌ଘାଟନୀ ଅବସରରେ ରେଞ୍ଜ କାର୍ଯ୍ୟାଳୟ ପରିସରରେ ସଚେତନତା ସଭା ହୋଇଥିଲା। ଏଥିରେ ଡିଏଫଓ ସୁଦର୍ଶନ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ବନ୍ୟପ୍ରାଣୀ ସୁରକ୍ଷା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଳପାଣି ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ହାତୀର ମୁଖ୍ୟ ଖାଦ୍ୟ ହେଉଛି ବାଉଁଶ କରଡି ବୋଲି କହିଥିଲେ । କିନ୍ତୁ ଲୋକେ କରଡିକୁ ଖାଦ୍ୟ ଭାବେ କାଟି ନେଇଆସୁଛନ୍ତି ।ବାଉଁଶ ମଧ୍ୟ କଟା ହେଉଛି । ଫଳରେ ଜଙ୍ଗଲରେ ହାତୀଙ୍କ ଖାଦ୍ୟ ଅଭାବ ଦେଖାଦେଉଛି। ତେଣୁ ସେମାନେ ଖାଦ୍ୟ ଅନ୍ୱେଷଣରେ ଜଙ୍ଗଲରୁ ବାହାରକୁ ଚାଲି ଆସୁଛନ୍ତି । ଏଥିପ୍ରତି ବିଭାଗୀୟ କର୍ମଚାରୀମାନେ ଦୃଷ୍ଟିଦେବାକୁ ଶତପଥୀ କହିଥିଲେ । ଅବସରପ୍ରାପ୍ତ ରେଞ୍ଜର ଅନୁପମ ବାନାର୍ଜି କହିଥିଲେ, ଲୋକେ ବାର୍ହା ଶିକାର ପାଇଁ ଜଙ୍ଗଲରେ ବିଦ୍ୟୁତ୍ ତାର ବିଛାଉଛନ୍ତି । ହାତୀ ଉକ୍ତ ରାସ୍ତାରେ ଗଲେ ମୃତ୍ୟୁମୁଖରେ ପଡୁଛନ୍ତି । ତେଣୁ ଲୋକେ ସଚେତନ ହୋଇ ବନ୍ୟପ୍ରାଣୀଙ୍କ ସୁରକ୍ଷା କରିବାକୁ ପଡ଼ିବ । ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଞ୍ଜାମ ଜିଲା ଅଧ୍ୟକ୍ଷ ବିଦ୍ୟାଧର ଜାନି, ଗାଲେରି ରେଞ୍ଜର ଆଶାଲତା ଦିଗାଲ, ଜଗନ୍ନାଥପ୍ରସାଦ ରେଞ୍ଜର, ତେଜସ୍ୱିନୀ ନିର୍ଦ୍ଦେଶିକା ଜ୍ୟୋତି ସିଂ ଟୁଡୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନିଜ ମତ ରଖିଥିଲେ । ତାରସିଂ ରେଞ୍ଜର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ବନପାଳ କଳାବଦନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଜାଇକା ପ୍ରକଳ୍ପ ମାଧ୍ୟମରେ ଏହି ବନଖଣ୍ଡରେ କୋଟି କୋଟି ଟଙ୍କା ବ୍ୟୟ ହେଉଛି । ଉଦ୍‌ଘାଟନୀ ଉତ୍ସବ ହାତଗଣତି ଲୋକଙ୍କୁ ନେଇ ହୋଇଥିଲା। ଉକ୍ତ ରେଞ୍ଜର ୨୬ଟି ବନ ସୁରକ୍ଷା ସମିତିରେ ଜାଇକା ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । ଏଥିସହ ଆହୁରି ଅନେକ ଭିଏସ୍‌ଏସ୍ ଉକ୍ତ ରେଞ୍ଜରେ ଅଛି । ଅପରପକ୍ଷେ ଏହି ବନଖଣ୍ଡରେ ବନ୍ୟପ୍ରାଣୀ ବିପଦରେ ଥିବା ଅଭିଯୋଗ ହେଉଛି । ଜଙ୍ଗଲ କ୍ଷୟ ଯୋଗୁ ଏହି ବନଖଣ୍ଡରେ ବାଘ ସଂଖ୍ୟା କମିଯାଇଛି । ସେହିପରି ଅନେକ ସମୟରେ ବାର୍ହା, ହରିଣ ଅବାଧରେ ଶିକାର ହେଉଛି । ତେଣୁ ଜଙ୍ଗଲର ସନ୍ତୁଳନ ରକ୍ଷା ହେଉନାହିଁ। ଯାହାକୁ ନେଇ ପରିବେଶବିତ୍ ମାନେ ଚିନ୍ତା ପ୍ରକଟ କରୁଛନ୍ତି । ଏହି ବନଖଣ୍ଡରେ ହାତୀ ମଧ୍ୟ ସୁରକ୍ଷିତ ନୁହନ୍ତି । ବିଗତ ଏକ ବର୍ଷ ମଧ୍ୟରେ ବନଖଣ୍ଡରେ ବିଭିନ୍ନ କାରଣ ଯୋଗୁ ୮ଟି ହାତୀଙ୍କ ମୃତ୍ୟୁ ଘଟିଛି। ହାତୀ ସୁରକ୍ଷା ମଧ୍ୟ ବନ ବିଭାଗକୁ ଘାରିଛି । ତେଣୁ ସନ୍ଧ୍ୟା ହେଲେ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମଗୁଡ଼ିକରେ ବାରମ୍ବାର ବିଦ୍ୟୁତ୍ କାଟ ହେଉଛି । ଯାହାକୁ ନେଇ ଲୋକେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେଇ ଆବଶ୍ୟକ ପଦକ୍ଷେପ ନେବାପାଇଁ ସାଧାରଣରେ ଦାବି ହୋଇଛି ।

## ଭାଜପାର ବସ୍ତି ସମ୍ପର୍କ ଅଭିଯାନ

ବୁଗୁଡ଼ା,୨।୧୦(କଳୀଚରଣ ଦାଶ)

ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ବୁଗୁଡା ବ୍ଲକ ବିରଞ୍ଚିପୁର ପଞ୍ଚାୟତ ଅନ୍ତର୍ଗତ ଜଗତ ପାଟଣା ଅନୁସୂଚିତ ଜାତି ବସ୍ତିରେ ବସ୍ତି ସମ୍ପର୍କ ଅଭିଯାନ ଘୁମୁସର ସାଙ୍ଗଠନିକ ଜିଲା ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ପକ୍ଷରୁ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଘୁମୁସର ସାଙ୍ଗଠନିକ ଜିଲା ଭାଜପା ସଭାପତି ଗୋକୁଳାନନ୍ଦ ମଲ୍ଲିକ ଓ ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ଗନ୍ଧମାର୍ଦ୍ଦନ ସେଠୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମହେଶ ଚନ୍ଦ୍ର ମହାନ୍ତି, ମହିଳା ମୋର୍ଚ୍ଚା ସଭାନେତ୍ରୀ ମିରବାଇ ଦେଓ, ବ୍ଲକ୍ ସଂଯୋଜକ ହରିକୃଷ୍ଣ ସାହୁ, ପଞ୍ଚାନନ ସାହୁ ଓ ଅନ୍ୟମାନେ ଯୋଗଦେଇ ବସ୍ତିର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ଲୋକମାନଙ୍କର ବିଭିନ୍ନ ଅଭାବ ଅସୁବିଧା ବୁଝିଥିଲେ। ଏହା ପରେ ବସ୍ତିରେ ଆୟୋଜିତ ଭୋଜନ କାର୍ଯ୍ୟକ୍ରମରେ କର୍ମକର୍ତ୍ତା ମାନେ ଅଂଶଗ୍ରହଣ କରିଥିଲେ।

# ଗଞ୍ଜାମ ଷ୍ଟେଶନରେ ଦ୍ରୁତଗାମୀ ଟ୍ରେନ ରହଣି ଦାବି


ଷ୍ଟେଶନ ସମ୍ମୁଖରେ ଧାରଣା ଦିଆଯାଇଛି।

ଗଞ୍ଜାମ,୨।୧୦(ବିଦ୍ୟାଧର ସାହୁ)

### ଧାରଣା ଦେଲା ବରିଷ୍ଠ ନାଗରିକ ପରିଷଦ

ଗଞ୍ଜାମ ଷ୍ଟେଶନରେ ଦ୍ରୁତଗାମୀ ଟ୍ରେନ ରହଣି ଦାବିରେ ବରିଷ୍ଠ ପୌରାଞ୍ଚଳ ନାଗରିକ ପରିଷଦ ପକ୍ଷରୁ ଷ୍ଟେଶନ ସମ୍ମୁଖରେ ସୋମବାର ଧାରଣା ଦିଆଯାଇଛି। ଏହି ଧାରଣାରେ ସହରର ବିଭିନ୍ନ ସଂଗଠନ ସାମିଲ ହୋଇଥିବା ବେଳେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ସମର୍ଥନ ଜଣାଇଥିଲେ। ଏହି ଅବସରରେ ରେଲୱେ ଡିଆରଏମଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପୂର୍ବ ନିଷ୍ପତ୍ତି ଅନୁଯାୟୀ ବରିଷ୍ଠ ନାଗରିକଙ୍କ ସମେତ ସହରବାସୀଙ୍କ ପକ୍ଷରୁ ଏକ ବିରାଟ ଶୋଭାଯାତ୍ରା ବାହାରି ଷ୍ଟେଶନରେ ପହଞ୍ଚିବା ପରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ଆରପିଏଫ, ଗଞ୍ଜାମ ଥାନା ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ରେଳ ବିଭାଗ ଡିଭିଜିନାଲ କମର୍ସିଆଲ ମ୍ୟାନେଜର ଜିସି ନାୟକ, ଆରପିଏଫର ଏଏସସି ସତୀଶ ଚନ୍ଦ୍ର ସାହେ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଷ୍ଟେସନରେ ପୂର୍ବରୁ ପୁରୀ ତିରୁପତି ଏବଂ ଭୁବନେଶ୍ୱର ଜଗଦଳପୁର ଏକ୍ସପ୍ରେସ ଟ୍ରେନ ରହି ଆସୁଥିଲା। କିନ୍ତୁ କରୋନା ମହାମାରୀ ଯୋଗୁଁ ଅନ୍ୟ ସମସ୍ତ ଟ୍ରେନ ସହ ଉକ୍ତ ଦୁଇଟି ଦୃତଗାମୀ ଟ୍ରେନ ରହଣି ବାତିଲ କରାଯାଇଥିଲା। କୋଭିଡ ପରବର୍ତ୍ତୀ ସମୟ ପରେ ଅନ୍ୟ ସମସ୍ତ ଟ୍ରେନ ଚଳାଚଳ ସ୍ୱାଭାବିକ ହୋଇଥିବା ବେଳେ ଏପର୍ଯ୍ୟନ୍ତ ଦୁଇ ଦୃତଗାମୀ ଟ୍ରେନ ଗଞ୍ଜାମ ଷ୍ଟେସନରେ ରହୁନାହିଁ। ଏନେଇ ଗଞ୍ଜାମ ପୌରାଞ୍ଚଳ ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ବହୁବାର ରେଳ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରାଇବା ପରେ ରେଳ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନଥିଲା। ତେଣୁ ଶାନ୍ତିପୂର୍ଣ୍ଣ ଧାରଣା ଦେବାକୁ ବାଧ୍ୟ ହେଲୁ ବୋଲି ବରିଷ୍ଠ ନାଗରିକ ମଞ୍ଚ ସଭାପତି ଲିଙ୍ଗରାଜ ପଟ୍ଟନାୟକ ସୂଚନା ଦେଇଛନ୍ତି। ପୂର୍ବତନ ଉପ ବାଚସ୍ପତି ରାମଚନ୍ଦ୍ର ପଣ୍ଡା, ବିଜେଡି ଛାତ୍ର ସଭାପତି ରାକେଶ ରଞ୍ଜନ ଦାଶ, ଏନଏସି ଅଧ୍ୟକ୍ଷା ପ୍ରତିଭା ପାଢ଼ୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁରଥ ପାହାନ, ଜିଲା ପରିଷଦ ସଭ୍ୟ ସନାତନ ବେହେରା, ଏନଏସି ବିଜେଡି ଯୁବ ସଭାପତି ସୁଧୀର କୁମାର ପାଢ଼ୀ, ଗ୍ରାସୀମ କମ୍ପାନୀ ୟୁନିୟନ ସମ୍ପାଦକ ଶ୍ୟାମା ରେଡ୍ଡି, ବଣିକ ସଂଘ ସଭାପତି ଶଙ୍କର ବାରିକି, ସମ୍ପାଦକ କାହ୍ନୁ ଚରଣ ପଣ୍ଡା, କୋଷାଧ୍ୟକ୍ଷ ଜୀ ରାମଦାସ ରେଡ୍ଡି, ଡିକେ ରାଓ, ପୂର୍ବତନ କାଉନସିଲର ଦୁର୍ଗାମାଧବ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଦାବି ପୂରଣ ନ ହେବା ଯାଏ ଧାରଣା ଜାରି ରହିବ ବୋଲି ଅଞ୍ଚଳବାସୀଙ୍କ ପକ୍ଷରୁ କୁହାଯାଇଛି।

## ରକ୍ତଦାନ ଶିବିର, ୫୬ ୟୁନିଟ୍ ସଂଗ୍ରହ

ବେଲଗୁଣ୍ଠା,୨।୧୦(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ସୋମବାର ବେଲଗୁଣ୍ଠା ବ୍ଲକ ଗାଙ୍ଗପୁର ସ୍ଥିତ ବିବେକାନନ୍ଦ ଶିଶୁ ଶିକ୍ଷା ପ୍ରତିଷ୍ଠାନ ପରିସରରେ ଘୁମୁସର ସାଙ୍ଗଠନିକ ଜିଲା ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ୪୮ ନମ୍ବର୍ ଜୋନ୍ ଜିଲାପରିଷଦ ସଭ୍ୟ ସୁଧୀର କୁମାର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରକୁ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନୀଳମଣି ବିଷୋୟୀ ଉଦ୍‌ଘାଟନ କରିଥିବା ବେଳେ ଏଥିରେ ମୁଖ୍ୟଅତିଥି ରୂପେ ଘୁମୁସର ଜିଲା ଭାଜପା ଯୁବ ମୋର୍ଚ୍ଚା ସଭାପତି ଦୀପକ କୁମାର ପ୍ରଧାନ ଯୋଗଦେଇଥିଲେ। ସେହିପରି ସମ୍ମାନିତ ଅତିଥି ରୂପେ ଭାଜପା ଯୁବ ମୋର୍ଚ୍ଚା ଉପସଭାପତି ତଥା ଖଇରପୁଟି ସରପଞ୍ଚ ସତ୍ୟବାନ ସ୍ୱାଇଁ, ସମ୍ପାଦକ ସତ୍ୟନାରାୟଣ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ। ଏହି ରକ୍ତଦାନ ଶିବିରରେ ୫୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ବିବେକାନନ୍ଦ ଶିଶୁ ଶିକ୍ଷା ପ୍ରତିଷ୍ଠାନର ପ୍ରଧାନ ଆଚାର୍ଯ୍ୟା, ସସ୍ମିତା ମାଝୀଙ୍କ ସମେତ ଗୁରୁଜୀ ମିଥୁନ୍ ନାୟକ, ଗଣେଶ ସାହୁ, ପବିତ୍ର ମୋହନ ବିଷୋୟୀ, ଦେବାଶିଷ ବିଷୋୟୀ, ବିଶ୍ୱରଞ୍ଜନ ସେଠୀ, ପ୍ରତିମା ବିଷୋୟୀ, ରିନା ସାହୁ, ସନ୍ତୋଷୀ ଗୌଡ, ମିତାଲି ବିଷୋୟୀ, ସନ୍ତୋଷିନୀ ଗୌଡ, ସୁଜାତା ସାହୁ, ତେଜ କୁମାରୀ ବେହେରା, ସୁଜ୍ଞାନୀ ପଟ୍ଟନାୟକ, ବୈଷ୍ଣବୀ ଗୌଡ, ଝାନସୀ ଭୂୟାଁ, ବୈଶାଖୀ ବେହେରା, ଲିଜା ନାୟକ, ଆରତୀ ସ୍ୱାଇଁ, ଜ୍ୟୋତ୍ସ୍ନା ପ୍ରଧାନ ସହଯୋଗ କରିଥିଲେ। ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାର କର୍ମଚାରୀ ଜଗଦୀପ୍ କୁମାର ଘୋଷ, ଦୀନକୃଷ୍ଣ ମହାନ୍ତି, ସୁଜିତ କୁମାର ସାହୁ, ଶ୍ରୀକାନ୍ତ କୁମାର ସାହୁ, ପ୍ରଶାନ୍ତ କୁମାର ରତ୍ନାଲୁ, ବରୁଣ ବେହେରା, ମନୋଜ କୁମାର ଚୌଧୁରୀ ଏବଂ ଜ୍ୟୋତିରଞ୍ଜନ ପୃଷ୍ଟି ରକ୍ତ ସଂଗ୍ରହ କରିଥିଲେ।

## ନିଶାମୁକ୍ତ ଅଞ୍ଚଳ ପାଇଁ ମହିଳାଙ୍କ ଶପଥ


ବୈଠକରେ ଯୋଗ ଦେଇଥିବା ମହିଳାମାନେ।

ଦାରିଙ୍ଗବାଡି,୨।୧୦(ଅରୁଣ ସାହୁ)

ଦିନକୁ ଦିନ ନାରୀ ନିର୍ଯ୍ୟାତନା, ପାରିବାରିକ ହିଂସା, ବେରୋଜଗାର, ଅଞ୍ଚଳରେ ନିଶା ବ୍ୟବସାୟ ବୃଦ୍ଧି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ବେରୋଜଗାର ଆଦି ସମସ୍ୟା ଲାଗି ରହିଛି। ଏହାର ନିରାକରଣ ଓ ମହିଳାଙ୍କ ରୋଜଗାର ବୃଦ୍ଧି ପାଇଁ ଆବଶ୍ୟକ ପଦକ୍ଷେପ ଆଦି ଆଲୋଚନା ପାଇଁ ଦାରିଙ୍ଗବାଡି ନାରୀ ମହାସଙ୍ଘର ସଭାନେତ୍ରୀ ନମଜିନି ମଲିକଙ୍କ ସଭାପତିତ୍ୱରେ ଏକ ବୈଠକ ଜାଗୃତି ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଠ ଯୋଗଦେଇଥିବା ବେଳେ ମହାସଙ୍ଘର ଉପସଭାନେତ୍ରୀ ସୁଶୀଳା ନାୟକଙ୍କ ସମେତ ଶତାଧିକ ମହାସଙ୍ଘର ସଦସ୍ୟା ମାନେ ଯୋଗ ଦେଇଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ମାନେ କିଭଳି ଉଦ୍ୟୋଗପତି ହୋଇପାରିବେ ସେନେଇ ଆଲୋଚନା ହୋଇଥିବା ବେଳେ ଅଞ୍ଚଳରେ ଥିବା ରାଷ୍ଟ୍ରାୟତ ବ୍ୟାଙ୍କ ସମେତ ଆଞ୍ଚଳିକ ବ୍ୟାଙ୍କ ଓ ମିନି ବ୍ୟାଙ୍କ ଗୁଡିକ ଋଣ ପ୍ରଦାନରେ ଟାଳ ଟୁଳ ନିତି ଅବଲମ୍ବନ କରୁଥିବା ବେଳେ ମହିଳାମାନେ ବ୍ୟବସାୟ କରି ସ୍ୱରୋଜଗାରକ୍ଷମ ହେବା ମୁସ୍କିଲ ହେଉଛି ଫଳରେ ଋଣ ପାଇଁ ଦାରିଙ୍ଗବାଡିରେ ଅନ୍ୟ ଗ୍ରୁପ ଲୋନ ନେଇ ସାପ୍ତାହିକ ଋଣ ସୁଝିନପାରି ଅନେକ ଲୋକ ଭିଟା ମାଟି ଛାଡିଲେଣ ବୋଲି ବୈଠକରେ ଆଲୋଚନା ହୋଇଥିଲା। ସେହିପରି ନିଶା ବ୍ୟବହାର ଓ ବିକ୍ରୀ ବୃଦ୍ଧି ଯୋଗୁଁ ମହିଳା, ଯୁବତୀ ମାନେ ଘରୁ ଗୋଡ଼ କଢ଼ିବା ମୁସ୍କିଲ ହେଉଛି ବୋଲି ମହିଳା ମାନେ ଆଲୋଚନା କରିଥିଲେ। ଗାନ୍ଧୀ ଜୟନ୍ତୀରେ ଅଞ୍ଚଳରେ ଗାନ୍ଧିଜୀଙ୍କ ଭଳି ଅହିଂସାକୁ ବିଶ୍ୱାସ କରିବା ସହ ଅଞ୍ଚଳରେ ପାରିବାରିକ ହିଂସା କୁ ରୋକିବା ଓ ଅଞ୍ଚଳକୁ ନିଶା ମୁକ୍ତ କରିବାକୁ ମହିଳା ମାନେ ଶପଥ ନେଇଥିଲେ। ସେହିପରି ଅନେକ ପୁରୁଷ ରୋଜଗାର ପାଇଁ ବାହାର ରାଜ୍ୟକୁ ଯାଉଛନ୍ତି ଓ ଏଥିପାଇଁ ପରିବାରରେ ପରିସ୍ଥିତି ଭଲ ହେବା ବଦଳରେ ପାରିବାରିକ ହିଂସା ବୃଦ୍ଧି ପାଉଛି ସେହିପରି ଦାଦନ ଖଟିବାକୁ ଯାଇ ଅଞ୍ଚଳର ଅନେକ ଲୋକ ଭୟଙ୍କର ରୋଗ ଓ ଗୁପ୍ତ ରୋଗର ଶିକାର ହୋଇ ଜୀବନ ଚାଲିଯାଉଛି ତେଣୁ ବାହାର ରାଜ୍ୟକୁ ନଯିବାକୁ ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଠ ପରାମର୍ଶ ଦେଇଥିଲେ।

## ଗଜଲକ୍ଷ୍ମୀ ପୂଜା ଶୁଭ ଖୁଣ୍ଟି ସ୍ଥାପନ

ଜି.ଉଦୟଗିରି,୨।୧୦(ଶିଶିର ପଟ୍ଟନାୟକ)

ଜି.ଉଦୟଗିରିର ବହୁ ପୁରାତନ ବରାଳିନୀ ମାର୍କେଟ ପୂଜା ମଣ୍ଡପ ତରଫରୁ ଗଜଲକ୍ଷ୍ମୀ ପୂଜା ପାଇଁ ରବିବାର ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ପୂଜା କମିଟି ସଭାପତି କ୍ରୀଷ୍ଣା କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ପୁରୋହିତ ସଞ୍ଜୟ କୁମାର ଆଚାର୍ଯ୍ୟ ପୂଜାର୍ଚ୍ଚନା କରିଥିଲେ। କମିଟି ତରଫରୁ ଉପ ସଭାପତି ବଳରାମ ଡାକୁଆ, ସମ୍ପାଦକ ଆକାଶ କୁମାର ନାୟକ, ସହ ସମ୍ପାଦକ ସୁକାନ୍ତ ପାଣିଗ୍ରାହୀ, କୋଷାଧ୍ୟକ୍ଷ ଶେଖର ଚନ୍ଦ୍ର ପରିଛା ଉପସ୍ଥିତି ରହିଥିବା ବେଳେ ଜଗନ୍ନାଥ ନାୟକ, ଶିବରାମ ପାତ୍ର, ନୀଳମାଧବ ପତି ପ୍ରମୁଖ ସହଯୋଗ କରିଥିଲେ। କର୍ତ୍ତା ଭାବରେ ଉମା ଶଙ୍କର ସାମନ୍ତରାୟ ପୂଜାର୍ଚ୍ଚନା ଦାୟିତ୍ୱ ନେଉଥିଲେ।

## ଜିଲାସ୍ତରୀୟ ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ

ଛତ୍ରପୁର,୨।୧୦(ଦିଲୀପ ସାମଲ/ସନ୍ତୋଷ ପାଢ଼ୀ)

ଗଞ୍ଜାମ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଓ ଛତ୍ରପୁର ଏନ୍‌ଏସି ମିଳିତ ଆନୁକୂଲ୍ୟରେ ପୋଲିସ ପ୍ୟାରେଡ ପଡିଆ ନିକଟସ୍ଥ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଜିଲାସ୍ତରୀୟ ଜାତିରଜନକ ମହାତ୍ମା ଗାନ୍ଧୀ ଓ ଶାନ୍ତିଦୂତ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲାପାଳ ଦିବ୍ୟଜ୍ୟୋତି ପରିଡା ପ୍ରଥମେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ଏନଏସି ଅଧ୍ୟକ୍ଷା ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଉପାଧ୍ୟକ୍ଷ ଜି. ପାପା ରାଓ, ଅତିରିକ୍ତ ଜିଲାପାଳ ଲୀନା କୁମାରୀ ଖେସ ପ୍ରମୁଖ ଉପସ୍ଥିତ ରହି ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ଓ ଶାସ୍ତ୍ରିଜୀଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ପ୍ରାରମ୍ଭରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ଅତିଥିମାନଙ୍କ ପରିଚୟ ଓ ଜୟନ୍ତୀ ପାଳନର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଅତିରିକ୍ତ ଜିଲାପାଳ ଲୀନା କୁମାରୀ ଖେସ ନିଜ ବକ୍ତବ୍ୟରେ ଅହିଂସା ଅସ୍ତ୍ରକୁ ପାଥେୟ କରି ଗାନ୍ଧିଜୀ ଦେଶକୁ ସ୍ୱାଧୀନତା ଆଣିଥିଲେ। ତେଣୁ ସମାଜକୁ ଦିଗଦର୍ଶନ ଦେବା ପାଇଁ ଅହିଂସାକୁ ଅସ୍ତ୍ର କରି ସମାଜକୁ ଆଗେଇ ନେବା ସହ ନାରୀର ତ୍ୟାଗ ଶକ୍ତି ଯୋଗୁ ମାନବ ସମାଜ ଆଜି ପ୍ରଗତି ପଥରେ ଆଗେଇ ଚାଲିଥିବା ଜଣାଇଥିଲେ। ମୁଖ୍ୟ ଅତିଥି ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳୀ ସ୍ୱାଇଁ ନିଜ ବକ୍ତବ୍ୟରେ ସତ୍ୟ, ଅହିଂସା ଓ ଧର୍ମନିରପେକ୍ଷତା ଗାନ୍ଧିଜୀଙ୍କ ମୂଳମନ୍ତ୍ର ଥିଲା ବୋଲି କହିଥିଲେ । ଏହି ଅବସରରେ କଳାବିକାଶ କେନ୍ଦ୍ରର କଳାକାରମାନଙ୍କ ଦ୍ୱାରା ଭଜନ ସମାରୋହ ସଙ୍ଗୀତ ବିଚିତ୍ରା ପରିବେଷଣ କରାଯାଇଥିଲା ।

# ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

ପାରଳାଖେମୁଣ୍ଡି,୨।୧୦(ଗିରିଧାରୀ ପରିଛା)

ଜିଲା ପ୍ରଶାସନ ତରଫରୁ ମହାରାଜଙ୍କ ବାଳକ ଉଚ୍ଚ ବିଦ୍ୟାଳୟଠାରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ଭୋର୍‌ରେ ରଘୁପତି ରାଘବ ରାଜାରାମ ଗାନ କରାଯାଇ ସହର ପରିକ୍ରମା କରାଯାଇଥିଲା। ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ,ଜିଲା ପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ,ପୌର ପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ, ଉପଜିଲାପାଳ ଆଲୋକ କୁମାର ପ୍ରଧାନ ଉପସ୍ଥିତ ଥିଲେ। ମହାରାଜଙ୍କ ବାଳକ ଉଚ୍ଚ ବିଦ୍ୟାଳୟ ଠାରେ ସଭା ହୋଇଥିଲା। ବୈଠକରେ ଜିଲାପାଳ ସ୍ୱଚ୍ଛତା ହିଁ ସେବା ସଂକ୍ରାନ୍ତରେ ଏକ ଶପଥ ପାଠ କରାଯାଇଥିଲା। ସେହିପରି ଜିଲ୍ଲାପରିଷଦ ଅଧ୍ୟକ୍ଷ ଗାନ୍ଧୀଜୀଙ୍କ ଅହିଂସା ଓ ସ୍ୱଚ୍ଛତାର ବାର୍ତ୍ତା କ’ଣ ଥିଲା ତାହା କହିଥିଲେ । ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ଗାନ୍ଧୀ ଜୟନ୍ତୀରେ ଜିଲା କଂଗ୍ରେସ କମିଟି ସଭାପତି ତଥା ମୋହନା ବିଧାୟକ ଦାସରଥି ଗମାଙ୍ଗ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ବସନ୍ତ ପଣ୍ଡା, ଅଭିମନ୍ୟୁ ପଣ୍ଡା, ସୂର୍ଯ୍ୟ ନାରାୟଣ ପାତ୍ର, ରାଜା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

**ଗୋଷାଣି(ପ୍ରଶାନ୍ତ କୁମାର ରାଉତ)–** ଗୋଷାଣୀ ବ୍ଲକ ବଡ଼ଗାଁଠାରେ ଜିଲା ସଂସ୍କୃତି ବିଭାଗ ଗାନ୍ଧୀଜୟନ୍ତୀ ପାଳିଛି। ଲୋକକଳା ଗ୍ରାମର ବାର୍ଷିକ ଉତ୍ସବ ଆଜିର ଦିନରେ ପଡୁଥିବାରୁ କଳା ସଂସ୍କୃତି ଓ ବିକାଶ ଧାରାକୁ ଆଗକୁ ନେବାପାଇଁ ବିଭାଗ ତରଫରୁ ଅନୁଷ୍ଠିତ ଉତ୍ସବରେ ଅତିଥି ଭାବରେ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ଜିଲା ସଂସ୍କୃତି ଅଧିକାରୀ, ବ୍ଲକ କଳା ସଂସ୍କୃତି ସଂଘର ଉପ ସଭାପତି ହରେ କୃଷ୍ଣ ବିଶ୍ୱାଳ ଓ ବିଭିନ୍ନ ସଂକୀର୍ତ୍ତନ ଦଳର ମୁଖ୍ୟ ଯୋଗଦେଇଥିଲେ।


ବାଲିଗୁଡ଼ାଠାରେ ଗାନ୍ଧୀ ପ୍ରତିମୂର୍ତ୍ତୀ ଓ ଶାସ୍ତ୍ରୀଙ୍କ ଫଟୋ ଚିତ୍ରରେ ପୁଷ୍ପଅର୍ପଣ କରାଯାଉଛି।

**ଆର.ଉଦୟଗିରି(ମନୋଜ କୁମାର ପାଢୀ)–** କେ. ଏମ.ଭାଲିଆସାହି ସରକାରୀ ଉଚ୍ଚ ବିଦ୍ୟାଳୟରେ ପାଳିତ ଗାନ୍ଧୀ ଜୟନ୍ତୀରେ ପ୍ରଧାନଶିକ୍ଷକ ରାମଚନ୍ଦ୍ର ଦଳବେହେରା ସଭାପତିତ୍ୱ ତଥା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଶିକ୍ଷକ ପ୍ରହ୍ଲାଦ ଶିଅଳ, କିଶୋର ଦଣ୍ଡସେନା, ନୀଳକଣ୍ଠ ନାୟକ, ତାରିଣୀ ଚରଣ ମଣ୍ଡଳ, ଦିଗାମ୍ବର ଦାସ, ସନ୍ତୋଷ ନାଇକ, ସଞ୍ଜୟ ଗୌଡ଼, ଅସିତ କୁମାର ସାହୁ ଥିଲେ।

**ଚାନ୍ଦିପୁଟ(କେ.ପ୍ରମୋଦ କୁମାର ଦୋରା)–**ଚାନ୍ଦିପୁଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବଳରାମ ବଡରଇତଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ଗାନ୍ଧୀଙ୍କ ଫୋଟୋ ଧରି ଗ୍ରାମ ପରିଭ୍ରମଣ କରିଥିଲେ। କାର୍ଯ୍ୟକ୍ରମକୁ ଚନ୍ଦ୍ରକେତୁ ବିଜୁଳି, ସତ୍ୟବାଦୀ ନାୟକ, ଆଭାଲିନ୍ ପରିଡ଼ା, ଟୁମୁକି ଲତା ମଳିକ, ଟୁନି ବେହେରା ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନା କରିଥିଲେ।

**କବିସୂର୍ଯ୍ୟନଗର(କୃପାସିନ୍ଧୁ ସ୍ୱାଇଁ)–** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଛି। ବରିଷ୍ଠ ଗୁରୁଜୀ କେ. ଯୁଧିଷ୍ଠିର ରେଡ୍ଡୀ ଗାନ୍ଧିଜୀଙ୍କ ଦେଶପ୍ରତି ଅବଦାନକୁ ବୁଝାଇଥିଲେ । ପ୍ରଧାନାଚାର୍ଯ୍ୟ ଦାଶରଥି ସ୍ୱାଇଁ ଓ ବରିଷ୍ଠା ଗୁରୁମା ସୋନାଲିନ ଓ ବହୁ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

**ରମ୍ଭା(ବନବାସୀ ସେଠୀ):** ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳନ କରାଯାଇଛି। ପ୍ରଧାନ ଶିକ୍ଷକ ଗୋପୀନାଥ ବେହେରାଙ୍କ ଦ୍ୱାରା ରାମ୍ ଧୂନ ଓ ବରିଷ୍ଠ ଶିକ୍ଷୟିତ୍ରୀ ଶ୍ରୀୟା ଦେବୀ ସ୍ୱାଇଁଙ୍କ ଦ୍ୱାରା ସ୍ମୃତିଚାରଣ କରାଯାଇଥିଲା। ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟସ୍‌ମାନଙ୍କୁ ନେଇ ସ୍ୱଚ୍ଛ ପରିମଳ ଅଭିଯାନ କାର୍ଯ୍ୟକ୍ରମ ମାଧମରେ ବିଦ୍ୟାଳୟର ମୁଖଶାଳା, ଖେଳପଡିଆ ଓ ମହାପୁରୁଷଙ୍କ ନବନିର୍ମିତ ସ୍ମୃତି ମଣ୍ଡପ ସଫା କରାଯାଇଥିଲା। ଶିକ୍ଷକ ଜଗବନ୍ଧୁ ପ୍ରଧାନ, କୃଷ୍ଣ ଚନ୍ଦ୍ର ବାଡତ୍ୟା, ଶିକ୍ଷୟିତ୍ରୀ ଶୁଭଶ୍ରୀ ସାରଳା ପରିଡ଼ା, ରୋଜାଲିନ ମହାପାତ୍ର, ରାମିତ୍ରି ଶବର ପ୍ରମୁଖ ଉପସ୍ଥିତ ଥିଲେ।

**ଆସିକା(ସୁରେନ୍ଦ୍ର ନାଥ ସାହୁ)** ଆସିକା ଏନଏସି ଓ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଥିଲା। ଏନଏସି ଅଧ୍ୟକ୍ଷା ବିନେତା ସ୍ୱାଇଁଙ୍କ ନେତୃତ୍ୱରେ ନିର୍ବାହୀ ଅଧିକାରୀ ଲୋକନାଥ ବେଜ, ଏମ.ପି. ପ୍ରତିନିଧି ସତ୍ୟନାରାୟଣ ସ୍ୱାଇଁ, ବ୍ରାଣ୍ଡ ଆମ୍ବାସଡର ଅରୁଣ କୁମାର ପାତ୍ର ଓ କାଉନସିଲର ଏବଂ କର୍ମଚାରୀ ସାମିଲ ଥିଲେ। ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ଲାଗି ଶପଥପାଠ କରାଯାଇଥିଲା।

**ଶେରଗଡ(ସୂର୍ଯ୍ୟ ନାରାୟଣ ଦାଶ)**ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିରରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଛି। ପରେ ଛାତ୍ରୀଛାତ୍ର ଗାନ୍ଧୀ ଓ ଶାସ୍ତ୍ରୀଙ୍କ ମହନୀୟତା ଉପରେ କହିଥିଲେ। ପ୍ରଧାନାଚାର୍ଯ୍ୟ ସୂର୍ଯ୍ୟନାରାୟଣ ଦାଶ, ଗୁରୁମା ବବିତା ସେଠୀ, ଗୀତା ନାୟକ, ମହାଶ୍ୱେତା ଗୌଡ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ କହିଥିଲେ।

**ବାଲିଗୁଡା(ସଞ୍ଜୟ କୁମାର ପାଣିଗ୍ରାହୀ)**ବାଲିଗୁଡା ଓ ଏହାର ଆଖପାଖ ଅଞ୍ଚଳରେ ଗାନ୍ଧୀଙ୍କ ଜୟନ୍ତୀ ଏବଂ ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୂର ଶାସ୍ତ୍ରୀଙ୍କ ୧୧୯ତମ ଜୟନ୍ତୀ ଉତ୍ସବ ମହାସମାରୋହରେ ପାଳନ କରାଯାଇଛି। ଏହି ଅବସରରେ ସ୍ଥାନୀୟ ତହସିଲଦାର ବିଜୟ କୁମାର ସେଠୀ ଓ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହ୍ଲାଦ ଖୋସ୍ଲା ଅତିଥି ଭାବେ ଯୋଗ ଦେଇଥିଲେ।

**ରାୟଗଡ଼(ଜ୍ୟୋତି ପ୍ରକାଶ ପାଣି)** ରାୟଗଡ଼ ବ୍ଲକରେ ପବିତ୍ର ଗାନ୍ଧୀ ଜୟନ୍ତୀରେ ବ୍ଲକ ଅଧ୍ୟକ୍ଷା ପୂର୍ଣବାସୀ ନାୟକ, ବିଡିଓ ସୁଧୀର କୁମାର ସିଂ, ଟି ଡି ସି ସି ଡା. ଅନ୍ତର୍ଯ୍ୟାମୀ ଗମାଙ୍ଗ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଗ୍ୟାସ୍ ସିଲିଣ୍ଡର ଲିକ୍, ୫ ଗୁରୁତର

**ଯାଜପୁର, ୨।୧୦ (ହର୍ଷବର୍ଦ୍ଧନ ବେହେରା)**

ଯାଜପୁର ଜିଲା ପାଣିକୋଇଲି ଥାନା ଅନ୍ତର୍ଗତ ବଡ଼ବିରୁହାଁ ଗାଁର ଏକ ଘରେ ସୋମବାର ମଧ୍ୟାହ୍ନରେ ରୋଷେଇ ପ୍ରସ୍ତୁତି ବେଳେ ଏଲପିଜି ଗ୍ୟାସ୍ ସିଲିଣ୍ଡର ଲିକ୍ ହୋଇ ନିଆଁ ଲାଗିଯାଇଥିଲା। ଏଥିରେ ୫ ଜଣ ଗୁରୁତର ଆହତ ହୋଇଛନ୍ତି। ଗ୍ରାମର କମଳାକାନ୍ତ ସ୍ୱାଇଁଙ୍କ ଘରେ ଡେଲିଭରି କର୍ମଚାରୀ ଗ୍ୟାସ୍ ସିଲିଣ୍ଡର ଦେଇ ଯିବାପରେ ସେଥିରେ ରେଗୁଲେଟର ଲଗାଇବା ସମୟରେ ଏହି ଅଘଟଣ ଘଟିଥିବା ଜଣାପଡ଼ିଛି। ଏଥିରେ କମଳାକାନ୍ତ ନିଜେ ଆହତ ହେବା ସହିତ ତାଙ୍କ ସ୍ତ୍ରୀ ଗୀତାଞ୍ଜଳି ଓ ମା' ସରିତା ସ୍ୱାଇଁ ଗୁରୁତର ଭାବେ ପୋଡ଼ିଯାଇଛନ୍ତି। ଏମାନଙ୍କୁ ରକ୍ଷା କରିବାକୁ ଆସି ଦୁଇ ଜଣ ପଡୋଶୀ ମଧ୍ୟ ଆହତ ହୋଇଛନ୍ତି । ଆହତମାନଙ୍କୁ ଯାଜପୁର ରୋଡ୍ ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ଗୀତାଞ୍ଜଳି ଏବଂ ସରିତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

### ଭାଜପା ଯୁବମୋର୍ଚ୍ଚା ଉପସଭାପତି ହେଲେ ସଂଗ୍ରାମ କେଶରୀ ପାତ୍ର



**ଯାଜପୁର ଟାଉନ, ୨।୧୦ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି) :** ରାଜ୍ୟ ଭାଜପା ଯୁବ ମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡାଙ୍କ ନୂତନ ଟିମ୍ ଘୋଷଣା କରାଯାଇଛି। ଏହି ନୂତନ ଘୋଷିତ ଟିମ୍‌ରେ ଯାଜପୁର ନିର୍ବାଚନ ମଣ୍ଡଳୀର ଯୁବନେତା ସଂଗ୍ରାମ କେଶରୀ ପାତ୍ରଙ୍କୁ ରାଜ୍ୟ ଉପସଭାପତି ଭାବେ ମନୋନୀତ କରାଯାଇଛି। ସେ ପୂର୍ବରୁ ଯୁବମୋର୍ଚ୍ଚାର ରାଜ୍ୟ ସଂଯୋଜକ ଭାବେ ନିଜର ଦାୟିତ୍ୱ ନିର୍ବାହ କରିସାରିଛନ୍ତି। ତାଙ୍କୁ ମନୋନୀତ କରାଯିବା ପରେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି । ପାତ୍ର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ସଭାପତି ମନମୋହନ ସାମଲ, ସଙ୍ଗଠନର ସମ୍ପାଦକ ମାନସ ମହାନ୍ତି, ଯାଜପୁର ଜିଲା ପ୍ରଭାରୀ ସାରଦା ଶତପଥୀଙ୍କ ସମେତ ବରିଷ୍ଠ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

### କଂଗ୍ରେସ ପକ୍ଷରୁ ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ

**ଯାଜପୁର ଟାଉନ, ୨।୧୦ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି) :** ଯାଜପୁର ଜିଲା କଂଗ୍ରେସ କମିଟି ପକ୍ଷରୁ ଗାନ୍ଧୀଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି । ସଭାପତି ମନୋଜ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ବିଷ୍ଣୁ ରାଉତ, ସନ୍ତୋଷ କୁମାର ନନ୍ଦ, ନାରାୟଣ ଚନ୍ଦ୍ର ସାମନ୍ତ, ଦୁର୍ଯ୍ୟୋଧନ ବେହେରା, ବିଭୂତି ମହାପାତ୍ର, ମାନସ ପଣ୍ଡା, ନିକୁଞ୍ଜ ସାମଲ, ପ୍ରଦୀପ ବେହୁରିଆ, ବିଜୟ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ସକାଳେ ଗାନ୍ଧୀଛକଠାରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ରାମଧୁନ କରାଯାଇଥିଲା।

### ଗାଡ଼ି ଧକ୍କାରେ ଡ୍ରାଇଭରଙ୍କ ମୃତ୍ୟୁ

**ଧର୍ମଶାଳା, ୨।୧୦ (ବଟକୃଷ୍ଣ ପରିଡା)**

ଧର୍ମଶାଳା ଥାନା ଅନ୍ତର୍ଗତ ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥର ଗାନ୍ଧୀ ଛକ ନିକଟରେ ସୋମବାର ଭୋର ସମୟରେ ଏକ ଗାଡି ଧକ୍କାରେ ଜଣେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି । ମୃତକ ବିହାର ଖଇରା ଥାନା ସାରନବଜାର ଅଞ୍ଚଳର ଜିତେନ୍ଦ୍ର ରାଏ (୨୮) । ଜିତେନ୍ଦ୍ର ତେଲ ଟ୍ୟାଙ୍କର ଚଲାଉଥିବା ବେଳେ ସୋମବାର ଭୋର ସମୟରେ ଗାନ୍ଧୀ ଛକ ରାସ୍ତା ପାର୍ଶ୍ୱରେ ଟ୍ୟାଙ୍କର ରଖି ପରିସ୍ରା କରୁଥିବା ବେଳେ ଏକ ଗାଡ଼ି ତାଙ୍କୁ ଧକ୍କାଦେଇ ଫେରାର ହୋଇଯାଇଥିଲା।. ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସରେ ତାଙ୍କୁ ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଧର୍ମଶାଳା ପୋଲିସ ମୃତଦେହ ଜବତ କରି ଏକ ମାମଲା(ନଂ.୬୦୪/୨୩) ରୁଜୁ କରିଛି । ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି ବୋଲି ଥାନା ଅଧିକାରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି।

# ଜିଲାସ୍ତରୀୟ ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ

**ଯାଜପୁର, ୨।୧୦ (ହର୍ଷବର୍ଦ୍ଧନ ବେହେରା)**

ମହାତ୍ମା ଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଅବସରରେ ସୋମବାର ଜିଲା ପ୍ରଶାସନ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବିବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କ ଅଧ୍ୟକ୍ଷତାରେ ସହରର ଗାନ୍ଧୀ ଛକଠାରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ସାମୂହିକ ମାଲ୍ୟାର୍ପଣ, ଜିଲା ସ୍କୁଲ ପରିସରରେ ଥିବା ଗାନ୍ଧୀ, ଶାସ୍ତ୍ରୀ ଓ ଅନ୍ୟାନ୍ୟ ବରପୁତ୍ରଙ୍କ ସମେତ ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ଅନ୍ୟ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଏହାପରେ ପୂର୍ବାହ୍ନ ୯ଟାରେ ଗୌତମ ବୁଦ୍ଧ ସଂସ୍କୃତି ଭବନରେ ଏକ ସର୍ବଧର୍ମ ପ୍ରାର୍ଥନା



ଗାନ୍ଧିଜୀଙ୍କ ମାଲ୍ୟାର୍ପଣ କରିବାକୁ ଆସିଥିବା ଜିଲାପାଳ ଓ ଅନ୍ୟମାନେ ।

ସଭା ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ପରିଷଦ ସଭାପତି ନଳିନୀ ପ୍ରଭା ଜେନା ସଭାକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲାପାଳ ଶୁଭେନ୍ଦ୍ର କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାୟକ, ଯାଜପୁର ପୌରାଧ୍ୟକ୍ଷା ରଞ୍ଜୁଲତା ହୋତା, ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ, ଉପଜିଲାପାଳ ଗୋପୀନାଥ କୁଅଁର, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ଭୂପତି ଭୂଷଣ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହାତ୍ମା ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଅନ୍ୱେଷଣ ଥିଏଟର ଗ୍ରୁପ୍ କଳାକାରମାନଙ୍କ ଦ୍ୱାରା ଗାନ୍ଧୀଙ୍କ ପ୍ରିୟ ଭଜନ ବୈଷ୍ଣବ ଜନ ତୋ, ରଘୁପତି ରାଘବ ରାଜା ରାମ ପରିବେଷଣ କରାଯାଇଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ପ୍ରାରମ୍ଭିକ ସୂଚନା, ଅତିଥି ପରିଚୟ, ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ। ସକାଳେ ଏକ ସଚେତନତା ରାଲି ଜିଲା ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ଗାନ୍ଧୀ ଛକରୁ ବାହାରି ସଂସ୍କୃତି ଭବନଠାରେ ପହଞ୍ଚିଥିଲା। ରାଲିକୁ ଜିଲା ସ୍କୁଲର ବରିଷ୍ଠ ଶିକ୍ଷକ ଜୟୀରଦ୍ଦିନ ଖାଁ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ।

## ସାଇବର ସେଫ୍‌ଟି ସଚେତନତା ଅଭିଯାନ ରଥ ଉଦ୍‌ଘାଟିତ



ସାଇବର ସେଫ୍‌ଟି ସଚେତନତା ଅଭିଯାନ ରଥକୁ ମନ୍ତ୍ରୀ ଉଦ୍‌ଘାଟନ କରୁଛନ୍ତି ।

**ଯାଜପୁର, ୨।୧୦ (ହର୍ଷବର୍ଦ୍ଧନ ବେହେରା)**

ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ସୋମବାର ସାଇବର ସେଫ୍‌ଟି ସଚେତନତା ଅଭିଯାନ ରଥ ଉଦ୍‌ଘାଟିତ ହୋଇଯାଇଛି। ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ଏହି ରଥକୁ ସବୁଜ ପତାକା ଦେଖାଇ ଜିଲା ପରିଭ୍ରମଣ ପାଇଁ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ କୋରେଇ ବିଧାୟକ ଅଶୋକ କୁମାର ବଳ, ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ଜିଲା ପରିଷଦ ସଭାପତି ନଳିନୀ ପ୍ରଭା ଜେନା, ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର, ଏସ୍‌ପି ଭିନୀତ ଅଗ୍ରୱାଲ, ଏଏସ୍‌ପି ଅନିରୁଦ୍ଧ ରାଉତରାୟ, ଯାଜପୁର ପୌରାଧ୍ୟକ୍ଷା ରଞ୍ଜୁଲତା ହୋତା, ଯାଜପୁର ପୌର ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ସାଇବର ସେଫ୍‌ଟି ସଚେତନତା ଅଭିଯାନ ଏଲିଡି ରଥ ପ୍ରତ୍ୟେକ ଥାନା ଅଧୀନ ବିଦ୍ୟାଳୟ, ମହାବିଦ୍ୟାଳୟକୁ ଯିବ। ଥାନାଧିକାରୀଙ୍କ ତତ୍ତ୍ୱାବଧାନରେ ସାଇବର ଅପରାଧ ଏବଂ ସୁରକ୍ଷା, ବିଭିନ୍ନ ଜ୍ଞାନକୌଶଳ ଓ ସୁରକ୍ଷା ସମ୍ବନ୍ଧରେ ଛାତ୍ରୀଛାତ୍ରମାନଙ୍କୁ ସଚେନତ କରାଯିବ। ସଚେତନତା ରଥ ଚଳିତ ମାସ ୧୫ ତାରିଖ ପର୍ଯ୍ୟନ୍ତ ଜିଲା ପରିଭ୍ରମଣ କରିବ।

## ଶତାୟୁ ସ୍ୱାଧୀନତା ସଂଗ୍ରାମୀ ନୀଳମଣି ସାମଲ ସମ୍ବର୍ଦ୍ଧିତ

**ବାଲିଚନ୍ଦ୍ରପୁର, ୨।୧୦ (ଗିରିଜା ପ୍ରସାଦ ସାହୁ)**

ରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ବର୍ଦ୍ଧିତ ରାଜ୍ୟ ସ୍ୱାଧୀନତା ସଂଗ୍ରାମ ସମିତିର ସଭାପତି ତଥା ଶତାୟୁ ସଂଗ୍ରାମୀ ନୀଳମଣି ସାମଲଙ୍କୁ ବ୍ଲକ ପ୍ରଶାସନ ତାଙ୍କ ବାସଭବନରେ ପହଞ୍ଚି ସମ୍ବର୍ଦ୍ଧିତ କରିଛନ୍ତି। ପବିତ୍ର ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ବଡ଼ଚଣା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର କୁମାର ପ୍ରଧାନ ଏବଂ ବାଲିପଡ଼ିଆ ପଞ୍ଚାୟତ ନିର୍ବାହୀ ଅଧିକାରୀ ଗଣେଶ୍ୱର ବେହେରା ସୋମବାର ବାଲିପଡ଼ିଆସ୍ଥିତ ସାମଲଙ୍କ ବାସଭବନରେ ପହଞ୍ଚି ତାଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିବା ସହ ତାଙ୍କର ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ। ସାମଲ ୨ ଥର ରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇସାରିଛନ୍ତି। ପରିଣତ ବୟସରେ ସେ ଥକି ନ ଯାଇ ବିଭିନ୍ନ ସାମାଜିକ ଅନୁଷ୍ଠାନରେ ଯୋଗଦେଇ ଗାନ୍ଧୀ ନୀତି ଆଦର୍ଶ ଅନୁକରଣ କରିବା ସହିତ ସ୍ୱଚ୍ଛତା ଉପରେ ଧ୍ୟାନଦେବା ପାଇ ଉପସ୍ଥିତ



ସ୍ୱାଧୀନତା ସଂଗ୍ରାମୀ ନୀଳମଣି ସାମଲଙ୍କୁ ବିଡିଓ ସମ୍ବର୍ଦ୍ଧିତ କରୁଛନ୍ତି ।

ଯୁବପିଢିଙ୍କୁ ପ୍ରେରଣା ଦେଇଥାନ୍ତି। ଏହି ସମ୍ବର୍ଦ୍ଧିତ କାର୍ଯ୍ୟକ୍ରମରେ ବିଶିଷ୍ଟ ବୌଦ୍ଧ ଗବେଷକ ଡ.ହରିଶ ଚନ୍ଦ୍ର ପୃଷ୍ଟି, ଶିକ୍ଷାବିତ୍ ବିଷ୍ଣୁ ଚରଣ ପ୍ରଧାନ, ସ୍ୱାଧୀନତା ସଂଗ୍ରାମୀ ଉତ୍ତରାଧିକାରୀ ସଂଘ ଓଡ଼ିଶା ଶାଖାର ସାଧାରଣ ସମ୍ପାଦକ ବିଜୟ କୁମାର ତ୍ରିପାଠୀ, ବାଲିପଡ଼ିଆ ପୂର୍ବତନ ସରପଞ୍ଚ ଅନିରୁଦ୍ଧ ସାମଲ, ଚନ୍ଦ୍ରକାନ୍ତ ସାମଲ, ଅଜିତ୍ କୁମାର ପ୍ରଧାନ, ବାଲିପଡ଼ିଆ ପଞ୍ଚାୟତ ନିର୍ବାହୀ ଅଧିକାରୀ ଗଣେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସାମଲ ଠକ୍କରବାପା ଆଶ୍ରମ ନିକଟସ୍ଥ ଗାନ୍ଧୀମୂର୍ତ୍ତି ଥିବା ଘରର ଛାତଟି ବିପଦସଙ୍କୁଳ ଅବସ୍ଥାରେ ଥିବା କଥା ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ମରାମତି ପାଇଁ ପରାମର୍ଶ ଦେଇଥିଲେ।

### ସତ୍ୟପ୍ରକାଶ ଭାଜପା ରାଜ୍ୟ ଯୁବ ମୋର୍ଚ୍ଚା ସଂଯୋଜକ

ଧର୍ମଶାଳା, ୨।୧୦ (ବଟକୃଷ୍ଣ ପରିଡ଼ା)– ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତ ପଲାର ଗ୍ରାମର ସତ୍ୟପ୍ରକାଶ ମିଶ୍ର ରାଜ୍ୟ ଭାଜପା ଯୁବ ମୋର୍ଚ୍ଚାର ସଂଯୋଜକ ଭାବେ ମନୋନୀତ ହୋଇଛନ୍ତି । ସେ ପଲାର ଗ୍ରାମର ଶ୍ରମିକ ନେତା ନୃସିଂହ ଚରଣ ମିଶ୍ର ଓ ସାହିତ୍ୟିକ ସବିତା ମିଶ୍ରଙ୍କ ପୁଅ । ସତ୍ୟପ୍ରକାଶଙ୍କୁ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲଙ୍କ ଅନୁମୋଦନ କ୍ରମେ ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ଅଭିଳାଶ ପଣ୍ଡା ତାଙ୍କୁ ରାଜ୍ୟ ଯୁବ ମୋର୍ଚ୍ଚା ସଂଯୋଜକ ଭାବେ ନିଯୁକ୍ତି ଦେଇଥିବାରୁ ସେ ତାଙ୍କୁ କୃତଜ୍ଞତା ଜଣାଇଛନ୍ତି ।

### ଜରିରେ ଗାନ୍ଧୀ ଜୟନ୍ତୀ

**ସିଂହପୁର, ୨।୧୦ (ଅନଙ୍ଗ ଉଦୟ ବେଉରିଆ)**

ବିଂଝାରପୁର ବ୍ଲକ ଅନ୍ତର୍ଗତ ଜରିଠାରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ କଂଗ୍ରେସ ପକ୍ଷରୁ ମାଲ୍ୟାର୍ପଣ କରାଯାଇଛି । ରାଜ୍ୟ ମହିଳା କଂଗ୍ରେସର ଉପସଭାନେତ୍ରୀ କନକଲତା ମଲିକଙ୍କ ସମେତ ବହୁ କଂଗ୍ରେସ କର୍ମୀ ଯୋଗ ଦେଇ ଗାନ୍ଧୀ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ସୁଦାମ ଚରଣ ସାମଲ, ଶ୍ରୀଧର ମଲିକ, ସୁଦର୍ଶନ ମଲିକ, ସିଦ୍ଧୁ ମଲିକ, ନରହରି ମଲିକ, ଗିରିଧାରୀ ମଲିକ, ସୁବାସ ମଲିକ, ଉମେଶ ମଲିକ, ଜଳଧର ଜେନା, ଜଗବନ୍ଧୁ ମଲିକ, କଳ୍ପତରୁ ମଲିକ, ବିଜୟ ମଲିକ, ନାରୀନେତ୍ରୀ ସ୍ନେହଲତା ମଲିକ, ସତ୍ୟରଞ୍ଜନ ପ୍ରଧାନ, ଅଶୋକ ଜେନା, ଧନେଶ୍ୱର ମଲିକ ପ୍ରମୁଖ ଉପସ୍ଥିତ ଥିଲେ ।

## ସଙ୍ଗୀତ ପ୍ରତିଯୋଗୀତାରେ ବିଜୟୀ ହେଲେ ସତ୍ୟମ



ସତ୍ୟଙ୍କୁ ପୁରସ୍କୃତ କରାଯାଉଛି ।

**ସିଂହପୁର, ୨।୧୦ (ଅନଙ୍ଗ ଉଦୟ ବେଉରିଆ)**

ସିଂହପୁର ଅନ୍ତର୍ଗତ ଜରି ବାଙ୍କସାଧନ କେନ୍ଦ୍ରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଜରିକୂଳ ସାହି ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସି ମନୋଜ ମହାଲିକଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସଂଗୀତ ପ୍ରତିଯୋଗୀତାରେ କୃପାସିନ୍ଧୁ ଉଚ୍ଚ ବିଦ୍ୟାପୀଠର ଦଶମ ଶ୍ରେଣୀ ଛାତ୍ର ସତ୍ୟମ କୁମାର ମଲିକ ପ୍ରଥମ ସ୍ଥାନ ଅଧିକାର କରି ବ୍ଲକସ୍ତରୀୟ ମନୋନୀତ ହୋଇ ଅତିଥିମାନଙ୍କଠାରୁ ପୁରସ୍କୃତ ହୋଇଥିଲେ।

## ଜୟନ୍ତୀ ତିଥିରେ ଗାନ୍ଧୀ, ଶାସ୍ତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି

**ଧର୍ମଶାଳା, ୨।୧୦ (ବଟକୃଷ୍ଣ ପରିଡ଼ା ):**

ଧର୍ମଶାଳା ବ୍ଲକର ବିଭିନ୍ନ ସ୍ଥାନରେ ମହାତ୍ମା ଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ସୋମବାର ପାଳିତ ହୋଇଯାଇଛି । ମିର୍ଜାପୁର ପଞ୍ଚାୟତ ଅରଙ୍ଗାବାଦଠାରେ ବନ୍ଦେ ଉତ୍କଳ ଜନନୀ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଉତ୍ସବରେ ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଗାନ୍ଧୀଙ୍କ ତ୍ୟାଗ ଓ ବଳିଦାନ ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯିବା ସହ ରାମଧୂନ ପରିବେଷଣ କରାଯାଇଥିଲା । ଭରତ ଚନ୍ଦ୍ର ଦାସ, ଧିରେନ୍ଦ୍ର ଦାସ, ସୁବ୍ରତ ଜେନା, ବିନୋଦ ପତି, ଶ୍ୟାମସୁନ୍ଦର ମହିଳା ବିକାଶ କେନ୍ଦ୍ରର ସଭାନେତ୍ରୀ ଶୈଳବାଳା ବେହେରା, ଉପସଭାନେତ୍ରୀ ମୀନତି ପଣ୍ଡା, କୁନିଲତା ବେହେରା, ସ୍ନେହଲତା ଦାଶ ପ୍ରମୁଖ ମହାପୁରୁଷଙ୍କ ସ୍ମୃତିଚାରଣ କରିଥିଲେ । ଚହଟା ପଞ୍ଚାୟତ ଭାଲୁଖାଇଠାରେ ମହାତ୍ମା ଗାନ୍ଧୀ ଫାଉଣ୍ଡେଶନ ପକ୍ଷରୁ ବାପୁଙ୍କ ଜୟନ୍ତୀ ପାଳିତ ହୋଇଥିଲା । ଅନୁଷ୍ଠାନର ସଭାପତି



ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଉଛି ।

ଅଖିଳ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଶିଶୁ ସାହିତ୍ୟିକ ବଟକୃଷ୍ଣ ଓଝା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦଘାଟନ କରିବା ସହିତ ମହାତ୍ମା ଗାନ୍ଧୀ ସର୍ବକାଳୀନ ଉଦାହରଣ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ସ୍ତମ୍ଭକାର ମନୋରଞ୍ଜନ ମହାନ୍ତି ଯୋଗଦେଇ ଗାନ୍ଧିଜୀ ଏକ ନାମ ନୁହେଁ, ଏହା ଏକ ଚେତନାର ଉଦ୍‌ଗିରଣ ଓ ଚିନ୍ତନର ବିସ୍ଫୋରଣ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ କିଷାନ ପଣ୍ଡା, ସାମାଜିକ କର୍ମୀ କାହ୍ନୁ ଚରଣ ଦାଶ, ସାହିତ୍ୟିକ ଡ. ପ୍ରଶାନ୍ତ କୁମାର ସ୍ୱାଇଁ, ପ୍ରାଧ୍ୟାପକ ସୁଶାନ୍ତ କୁମାର ପଣ୍ଡା ପ୍ରମୁଖ ଗାନ୍ଧୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ଶିକ୍ଷକ ପ୍ରମୋଦ କୁମାର ସାହୁ ଧନ୍ୟବାଦ ଦେଇଥିଲେ । ସର୍ବୋଦୟ ମଣ୍ଡଳ ପକ୍ଷରୁ ଜାଲସୁଖାସ୍ଥିତ ବାପୁ ପାଠଶାଳା ପରିସରରେ ବାପୁଜୀ ଓ ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏଥିରେ କର୍ମୀ ଦେବବ୍ରତ ରାଉତ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ସ୍ୱାଧିନତା ସଂଗ୍ରାମୀ ଦାୟଦ ରାମଚନ୍ଦ୍ର ଶୁକ୍ଳ, ସୁନାକର ସାହୁ, ମାନସ ରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ ।

### ଅବସରପ୍ରାପ୍ତ ପୋଲିସ କର୍ମଚାରୀଙ୍କ ପରଲୋକ

**ବାଲିଚନ୍ଦ୍ରପୁର, ୨।୧୦ (ଗିରିଜା ପ୍ରସାଦ ସାହୁ)**

ବଡ଼ଚଣା ବ୍ଲକ ଗୋପାଳପୁର ପଞ୍ଚାୟତ କଳାଶ୍ରୀ ଗ୍ରାମର ଶତ୍ରୁଘ୍ନ ସାମଲଙ୍କ ସୋମବାର ମଧ୍ୟାହ୍ନରେ ନିଜ ବାସଭବନରେ ପରଲୋକ ଘଟିଛି। ତାଙ୍କୁ ୮୬ ବର୍ଷ ବୟସ ହୋଇଥିଲା। ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ପୋଲିସ ବିଭାଗରେ ସେ ଦକ୍ଷତାର ସହ କାର୍ଯ୍ୟ କରି ସୁନାମ ଅର୍ଜନ କରିଥିଲେ । ତାଙ୍କର ମୃତ୍ୟୁ ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ଅଜୟ କୁମାର ସାମଲ ମୁଖାଗ୍ନି ଦେଇଥିଲେ।

## ବ୍ୟାସନଗର ବିଭିନ୍ନ ସଙ୍ଗଠନ ପକ୍ଷରୁ ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ

**ଯାଜପୁରରୋଡ଼, ୨।୧୦ (ପବିତ୍ର ରଞ୍ଜନ ମହାନ୍ତି):**

ଜାତିର ଜନକ ମହାତ୍ମା ଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ବ୍ୟାସନଗରର ବିଭିନ୍ନ ସଙ୍ଗଠନ ପକ୍ଷରୁ ସୋମବାର ପାଳିତ ହୋଇଯାଇଛି । ବ୍ୟାସନଗର ବିଜେଡି ପକ୍ଷରୁ ସକାଳ ୮ ଘଟିକା ସମୟରେ ନିୟୁ ମାର୍କେଟସ୍ଥିତ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପ୍ରଥମେ କୋରେଇ ବିଧାୟକ ଅଶୋକ କୁମାର ବଳ ମାଲ୍ୟାର୍ପଣ କରିଥିଲେ । ଏହା ପରେ ନଗର କଂଗ୍ରେସ ପକ୍ଷରୁ ରାଜ୍ୟ ମହିଳା ସଭାନେତ୍ରୀ ବନ୍ଦିତା ପରିଡା, ନଗର ସଭାପତି ଦିଲୀପ ମଲିକ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ । ସେହିପରି କଳିଙ୍ଗନଗର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ସଂଘ କାର୍ଯ୍ୟାଳୟରେ ସଭାପତି ଡାକ୍ତର ଗୌରୀ ଶଙ୍କର ଷଡ଼ଙ୍ଗୀ ଓ ସମ୍ପାଦକ ଦାମୋଦର ପଣ୍ଡା ଜାତିର ପିତା ମହାତ୍ମାଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ଫଟୋଚିତ୍ରରେ ମାଲ୍ୟର୍ପଣ କରାଯିବା ସହ ସ୍ମୃତି ଚାରଣ କରିଥିଲେ ।

ବ୍ୟାସନଗର ମହାବିଦ୍ୟାଳୟ ପୁରାତନ ଛାତ୍ର ପରିଷଦ ପକ୍ଷରୁ ସାପଗାଡ଼ିଆସ୍ଥିତ କାର୍ଯ୍ୟାଳୟରେ ଗାନ୍ଧୀ ଜୟନ୍ତୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳନ କରାଯିବା ସହ ଛାତ୍ର ପରିଷଦର ସଭାପତି ବିଦ୍ୟାଧର ମହାନ୍ତିଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ମୁଖ୍ୟ ଉପଦେଷ୍ଟା ଆଇନଜୀବୀ ବିବେକାନନ୍ଦ ମହାନ୍ତି, ସମ୍ପାଦକ ନିତ୍ୟାନନ୍ଦ ମହାଲିକ, ଅଭିମନ୍ୟୁ ମିଶ୍ର, ଆଲୋକ ମହାନ୍ତି, ଟୁଲୁ ଟୁଲୁ ଜେନା, ବିଦ୍ୟାଧର ଜେନା ପ୍ରମୁଖ ଉପସ୍ଥିତ ରହି ମହାପୁରୁଷମାନଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ ।

## ଗୁରୁତର ମହିଳାଙ୍କୁ କଟକ ସ୍ଥାନାନ୍ତର

**ଯାଜପୁର ଟାଉନ, ୨।୧୦ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି) :**

**ଗଣେଶ ମେଢ଼ ବିସର୍ଜନ ଗଣ୍ଡଗୋଳ ଘଟଣା**

ଯାଜପୁର ଥାନା ଅନ୍ତର୍ଗତ ଆନ୍ଦୋଳା ଗ୍ରାମରେ ଗତ ୨୯ ତାରିଖରେ ଗଣେଶ ଭସାଣୀକୁ ନେଇ ୨ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହି ଗଣ୍ଡଗୋଳରେ ଉଭୟଙ୍କ ପକ୍ଷରୁ ୭ଜଣରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ । ଜଣେ ମହିଳା ଗୁରୁତର ହେବାରୁ ତାଙ୍କୁ କଟକ ବଡମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, ଗତ ୨୯ ତାରିଖରେ ଆନ୍ଦୋଳା ଗ୍ରାମରେ ଗଣେଶ ଭସାଣୀ ଶୋଭାଯାତ୍ରା ଚାଲୁଥିବା ବେଳେ ଅଧିକ ସାଉଣ୍ଡରେ ଡିଜେ ବାଜୁଥିଲା । ଏହାକୁ କେତେଜଣ ବିରୋଧ କରିଥିଲେ। ସେହି କଥାକୁ କେନ୍ଦ୍ରକରି ଆନ୍ଦୋଳା ଗ୍ରାମର ଦିଲୀପ ଜେନା, ସନ୍ଦୀପ ଜେନା, ବିରଜା ପ୍ରସାଦ ରାଉତ, ପ୍ରତାପ କୁମାର ଜେନା, ରଞ୍ଜିତ କୁମାର ଜେନାଙ୍କ ସମେତ ୧୪ରୁ ୧୫ ଜଣ ଯୁବକ ଗ୍ରାମବାସୀଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ଡେଣ୍ଟା, ଭୁଜାଲି ଓ ଠେଙ୍ଗା ଧରି ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ । ସେମାନେ ରାତି ପ୍ରାୟ ୧୧ଟା ସମୟରେ ଗ୍ରାମର ଦୀପ୍ତିରେଖା ଜେନାଙ୍କ ଘର ପରିସରରେ ଥିବା ଏକ ଚାରି ଚକିଆ ଗାଡ଼ିକୁ ଇଟା ପଥର ପକାଇ ଭାଙ୍ଗିବା ସହ କବାଟକୁ ଲୁହାରଡ଼୍‌ରେ ପିଟିଥିଲେ । ଦୀପ୍ତିରେଖାଙ୍କ ଯାଆ ରଶ୍ମିରେଖା ଜେନା କବାଟ ଖୋଲି ଦେବାରୁ ଦିଲୀପ ଜେନା ଖଣ୍ଡାରେ ତାଙ୍କ ମୁଣ୍ଡକୁ ଚୋଟ ମାରିଥିଲେ ଓ ଅନ୍ୟ ଅଭିଯୁକ୍ତମାନେ ଲୁହାରଡ଼୍‌ରେ ତାଙ୍କୁ ପିଟି ଥିଲେ। ତାଙ୍କୁ ରକ୍ଷା କରିବାକୁ ଆସି ତାଙ୍କ ସ୍ୱାମୀ ବି ଆକ୍ରମଣର ଶିକାର ହୋଇଥିଲେ । ଏହି ସମୟରେ ସାହି ଲୋକମାନେ ପାଟିତୁଣ୍ଡ ଶୁଣି ଘଟଣାସ୍ଥଳରେ ପହଞ୍ଚିବା ପରେ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ । ଆହତ ହୋଇଥିବା ରଶ୍ମିରେଖା ଏବଂ ତାଙ୍କ ସ୍ୱାମୀଙ୍କୁ ପ୍ରଥମେ ଯାଜପୁର ମୁଖ୍ୟଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ରଶ୍ମିରେଖାଙ୍କୁ କଟକ ବଡମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ନବୀନଙ୍କ ବିକାଶ ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚିବ




**ଯାଜପୁରରୋଡ଼, ୨।୧୦ (ପବିତ୍ର ରଞ୍ଜନ ମହାନ୍ତି):**

କୋରେଇ ବିଧାୟକ ଅଶୋକ କୁମାର ବଳଙ୍କ ନିର୍ଦ୍ଦେଶ କ୍ରମେ ବ୍ୟାସନଗର ବିଜୁ ଜନତା ଦଳ ପକ୍ଷରୁ ପବିତ୍ର ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ସୋମବାର ସକାଳ ୮ ଘଟିକା ସମୟରେ ବ୍ୟାସନଗର ନିୟୁ ମାର୍କେଟସ୍ଥିତ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ବିଧାୟକ ବଳ ପ୍ରଥମେ ମାଲ୍ୟାର୍ପଣ କରିଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ବ୍ୟାସନଗର ବିଜୁ ଜନତା ଦଳର ନେତୃ ମଣ୍ଡଳୀ ଓ କାର୍ଯ୍ୟକର୍ତ୍ତାମାନଙ୍କ ଦ୍ୱାରା ଏକ ବିଶାଳ ପଦଯାତ୍ରା ବାହାରି କ୍ଷେତ୍ରୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ। ଗାନ୍ଧୀ ଜୟନ୍ତୀରୁ ଆରମ୍ଭ ହୋଇଥିବା ସେବା କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରାଯିବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନାଭିମୁଖୀ ଯୋଜନା ତଥା ବିକାଶକୁ ବିଧାୟକ ବଳଙ୍କ ନେତୃତ୍ୱରେ ପ୍ରତି ଘରେ ପହଞ୍ଚାଇବାକୁ କର୍ମୀମାନଙ୍କୁ ଆହ୍ୱାନ କରାଯାଇଥିଲା । ସମ୍ପାଦକ ମହେଶ କୁମାର ଧଳ ଦୃଢୋକ୍ତି ପ୍ରକାଶ କରିବା ସହିତ ଆଗାମୀ କାର୍ଯ୍ୟକ୍ରମରେ ବିଜୁ ଜନତା ଦଳକୁ ଭଲପାଉଥିବା ଲୋକମାନଙ୍କୁ କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ସାମିଲ ହେବା ପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବ୍ୟାସନଗର ପୌରାଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆ, ଉପାଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ, ଜିଲା ମହିଳା ସଭାନେତ୍ରୀ ସବିତା ରାଉତ, ସରୋଜିନୀ ବଳ, ଇନ୍ଦିରା ଦାସ, ସମସ୍ତ କାଉନସିଲର ଓ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ ।

**ପୂର୍ବ ତଟ ରେଳପଥ**

ନିଲାମ କାଟ୍‌ଲଗ୍ ନଂ.PnU-T-KUR-23-24
ପେ ଆଣ୍ଡ୍ ୟୁଜ୍ ଶୌଚାଳୟ ପାଇଁ ଇ-ନିଲାମ

**ଷ୍ଟେସନ ଏବଂ ସ୍ଥାନ :** (1) କଟକ-ପେ ଆଣ୍ଡ ୟୁଜ୍ (P&U)ଶୌଚାଳୟ (ପ୍ଲାଟଫର୍ମ ନଂ.1, ଭଦ୍ରକ ସୀମାରେ), (2) ଯାଜପୁର କେନ୍ଦୁଝର ରୋଡ୍-ପେ ଆଣ୍ଡ ୟୁଜ୍ ଶୌଚାଳୟ (P&U) (ପ୍ରି-ଫାବ୍ରିକେଟେଡ୍) (ପରିଚଳନ କ୍ଷେତ୍ରରେ), (3) ଭଦ୍ରକ-ପେ ଆଣ୍ଡ ୟୁଜ୍ ଶୌଚାଳୟ (P&U) (ପ୍ଲାଟଫର୍ମ ନଂ.1 ଏବଂ 2, ମଧ୍ୟଭାଗରେ) ।

**ନିଲାମ ଆରମ୍ଭ ହେବା ତାରିଖ ଏବଂ ସମୟ :** ତା.13.10.2023 ରିଖ 1100 ଘଟିକାରେ (କ୍ରମ ସଂ.1, 2 ଏବଂ 3 ନିମନ୍ତେ) ।

**ନିଲାମ ଶେଷ ହେବା ତାରିଖ :** ତା.13.10.2023 ରିଖ (କ୍ରମ ସଂ.1, 2 ଏବଂ 3 ନିମନ୍ତେ) ଏବଂ ନିଲାମ ଶେଷ ହେବା ସମୟ : 1130 ଘଟିକାରେ (କ୍ରମ ସଂ.1 ପାଇଁ), 1140 ଘଟିକାରେ (କ୍ରମ ସଂ.2 ପାଇଁ) ଏବଂ 1150 ଘଟିକା(କ୍ରମ ସଂ.3 ପାଇଁ) ।

ନିଲାମ କାଟ୍‌ଲଗ୍ ନଂ.Prkng-KUR-23-47
ପାର୍କିଙ୍ଗ୍ ଷ୍ଟାଣ୍ଡ ପାଇଁ ଇ-ନିଲାମ

**ଷ୍ଟେସନ ଏବଂ ସ୍ଥାନ :** (1) ରାଜସୁନାଖଳା-2 ଚକିଆ (ଷ୍ଟେସନ ବିଲ୍ଡିଙ୍ଗର ବେସ୍‌ମେଣ୍ଟରେ), (2) ନିରାକାରପୁର - ମିଶ୍ରିତ - 2 ତଥା 4 ଚକିଆ (ପରିଚଳନ କ୍ଷେତ୍ର ନିକଟରେ) ।

**ନିଲାମ ଆରମ୍ଭ ହେବା ତାରିଖ ଏବଂ ସମୟ :** ତା.13.10.2023 ରିଖ 1300 ଘଟିକାରେ (କ୍ରମ ସଂ.1 ଏବଂ 2 ନିମନ୍ତେ) ।

**ନିଲାମ ଶେଷ ହେବା ତାରିଖ :** ତା.13.10.2023 ରିଖ (କ୍ରମ ସଂ.1 ଏବଂ 2 ନିମନ୍ତେ) ଏବଂ ନିଲାମ ଶେଷ ହେବା ସମୟ : 1330 ଘଟିକା (କ୍ରମ ସଂ.1 ପାଇଁ) ଏବଂ 1340 ଘଟିକା (କ୍ରମ ସଂ.2 ପାଇଁ) ।

ଦ୍ରଷ୍ଟବ୍ୟ: ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଶାୟୀ ବିଡ଼ରଙ୍କୁ ୱେବ୍‌ସାଇଟ୍ https://www.ireps.gov.in ର ଇ-ଅକ୍ସନ ଲିଜିଙ୍ଗ୍ ଟ୍ୟାବ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ଖୋର୍ଦ୍ଧା ରୋଡ଼
PR-634/O/23-24

**ଟ୍ରାଫିକ୍ ଉଲ୍ଲଂଘନକାରୀଙ୍କୁ ଗୋଲାପ ଫୁଲ**

କୁଜଙ୍ଗ, (ମନୋଜ ପ୍ରଧାନ): ଗାନ୍ଧୀ ଜୟନ୍ତୀ ଅବସରରେ କଟକ-ପାରାଦୀପ ରାସ୍ତାର ପଙ୍କପାଳଠାରେ କୁଜଙ୍ଗ ପୋଲିସ, ବ୍ୟାସ ଫାଉଣ୍ଡେଶନ ଓ ଜ୍ଞାନ ବିକାଶ ସ୍କୁଲର ମିଳିତ ସହଯୋଗରେ ଟ୍ରାଫିକ ଉଲ୍ଲଂଘନକାରୀଙ୍କୁ ଗୋଲାପ ଫୁଲ ଦିଆଯାଇ ଆଉ ନିୟମ ନ ଭାଙ୍ଗିବାକୁ ପରାମର୍ଶ ଦିଆଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଥାନା ଅଧିକାରୀ ରଶ୍ମିରଞ୍ଜନ ଦାଶ, ସାମାଜିକ କର୍ମୀ ସୁନାକର ବେହେରା, ବ୍ୟାସ ଫାଉଣ୍ଡେଶନର ଅଧକ୍ଷା ସ୍ନେହମୟୀ ଆଚାର୍ଯ୍ୟ,ଡାକ୍ତର ପ୍ରଶନ ପଣ୍ଡାଙ୍କ ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ଯୁବକ ମୃତ

ପାରାଦୀପ,୨।୧୦(ଶରତ ରାଉତ)

ପାରାଦୀପ ଆଦର୍ଶଥାନାରୁ ମାତ୍ର ୫୦୦ ମିଟର ଦୂର ପୁରୁଣା କଲେଜ ରାସ୍ତାରେ ସୋମବାର ସନ୍ଧ୍ୟାରେ ଦୁର୍ଘଟଣା ଯୋଗୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନୂଆବଜାର ବାସିନ୍ଦା ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ(ସିପୁନ)। ସେ ଏକ ଘରୋଇ ଶିପିଂ କମ୍ପାନୀରେ କାମ କରନ୍ତି। ବର୍ଷାବେଳେ ସନ୍ଧ୍ୟାରେ ସେ ବାଇକ ଯୋଗେ ବଡ଼ପଡିଆ ଅଭିମୁଖେ ଯିବାବେଳେ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇଯାଇଥିଲା। ଗୁରୁତର ଆହତ ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ବିଜୁ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ଅଧିକ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିଥିଲେ। କଟକରେ ପହଞ୍ଚିବା ପୂର୍ବରୁ ତାଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଏହି ଖବର ଜଣାପଡିବା ପରେ ନୂଆବଜାର ମୁକ୍ତେଶ୍ୱର ମନ୍ଦିର ବସ୍ତିର ଲୋକଙ୍କ ମଧ୍ୟରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ରିପୋର୍ଟ ଲେଖା ହେବା ସୁଦ୍ଧା ମାମଲା ରୁଜୁ ହୋଇ ନ ଥିଲା।

### ନିଶାମୁକ୍ତ ସମାଜ ବିନା ଅଭିନବ ଭାରତ ଗଠନ ଅସମ୍ଭବ

କୁଜଙ୍ଗ,୨।୧୦ (ମନୋଜ ପ୍ରଧାନ)

ସୁନାର ଭାରତ ଗଠନରେ ଯୁବପିଢ଼ିର ଭୂମିକା ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ଦୁଃଖ ଓ ପରିତାପର ବିଷୟ ଆଜିର ଯୁବପିଢ଼ି ନିଶାକବଳରେ ପଡି ନିଜକୁ ଜଳେଇବା ସହ ଏକ ଆଦର୍ଶ ଭାରତଗଠନରୁ ଦୁରେଇ ଯାଉଛନ୍ତି । ତେଣୁ ନିଶାମୁକ୍ତ ସମାଜ ବିନା ଅଭିନବ ଭାରତ ଗଠନ ଅସମ୍ଭବ ବୋଲି ଗାନ୍ଧିଜୟନ୍ତୀ ଅବସରରେ ମିଳିତ ଓଡିଶା ନିଶାନିବାରଣ ଅଭିଯାନ କୁଜଙ୍ଗଶାଖା ଓ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ମତବ୍ୟକ୍ତ କରାଯାଇଛି । ଗାନ୍ଧୀ ଜୟନ୍ତୀ ଅବସରରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ କୁଜଙ୍ଗ ଶାଖା ସଭାପତି ତଥା ସାମ୍ୟବାଦୀ ବାବୁରାମ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଥିଲେ। ପରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ସାହିତ୍ୟିକ ଅନଙ୍ଗ ମହାପାତ୍ର, କବୟିତ୍ରୀ ମାନସି ସ୍ୱାଇଁ, କବି ନବୀନ ପ୍ରଧାନ, ନବ ନିର୍ମାଣ କୃଷକ ସଂଗଠନର କୁଜଙ୍ଗ ବ୍ଲକ ସଂଯୋଜକ ବିଭୁତି ଜେନା, ନୂତନ ତ୍ରିପାଠୀ, ରଞ୍ଜନ କୁମାର ଖୁଣ୍ଟିଆ, କବି ସୁରେଶ ପ୍ରଧାନ, ଶଙ୍କର ଦାସ ଓ ଜୀବନାନନ୍ଦ ଅଧିକାରୀ ପ୍ରମୁଖ ଯୋଗଦେଇ ନିଶାମୁକ୍ତ ଭାରତ ଗଠନ ପାଇଁ ଆହ୍ୱାନ ଦେଇଥିଲେ।

# ଆଦର୍ଶର ପ୍ରତୀକ ଗାନ୍ଧିଜୀ

ଏରସମା,୨।୧୦ (ଦୀପ୍ତି ରଞ୍ଜନ ଖଣ୍ଡୁଆଳ)

ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ସ୍ୱାଧୀନତା ସଂଗ୍ରାମୀ ସ୍ମୃତିପୀଠ ପରିସରରେ ସୋମବାର ବିଭିନ୍ନ ସଂଗଠନ ପକ୍ଷରୁ ଗାନ୍ଧୀ। ଜୟନ୍ତୀ ପାଳିତ ହୋଇଯାଇଛି। ବିଜେଡି ଏରସମା ବ୍ଲକ ସଭାପତି ପୀତବାସ ଗଛାୟତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବାଲିକୁଦା ଏରସମା ବିଧାୟକ ରଘୁନନ୍ଦନ ଦାସ ଯୋଗଦେଇ କହିଥିଲେ, ଜାତିର ଜନକ ମହାତ୍ମା ଗାନ୍ଧୀ ଥିଲେ ଆଦର୍ଶର ପ୍ରତୀକ। ତାଙ୍କ ଉଦ୍ୟମ ଯୋଗୁ ଆଜି ଆମେ ସ୍ୱାଧୀନତା ପାଇପାରିଛୁ। ସଭା ପ୍ରାରମ୍ଭରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇଥିଲା । ଏଥିରେ ବିଜେଡି ଉପସଭାପତି ବିଜୟ ପାଲ, ପୂର୍ବତନ ଉପାଧ୍ୟକ୍ଷା ପୁଷ୍ପଲତା ବେଉରା, ପ୍ରଣବ ସ୍ୱାଇଁ, ପାର୍ଥ ସାରଥି ରାଉତ, ଲକ୍ଷ୍ମୀପ୍ରିୟା ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏରସମା ବ୍ଲକ କଂଗ୍ରେସ ସଭାପତି ବଲ୍ଲବାନନ୍ଦ ସ୍ୱାଇଁ ଏଥିରେ ସଭାପତିତ୍ୱ କରିଥିଲେ। ଅନୁଷ୍ଠିତ ସଭାରେ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ରବୀନ୍ଦ୍ର ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କୃଷ୍ଣଚନ୍ଦ୍ରପୁରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ଜାତୀୟ ସେବା ସଂସ୍ଥା ପକ୍ଷରୁ ଅଧାପିକା ତିଥି ରାୟଙ୍କ ସହ ବିବେକାନନ୍ଦ ଭୋଳ,




ଏରସମାରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ନିକଟରେ ଜୟନ୍ତୀ ପାଳନ କରାଯାଉଛି।

ମୁକେଶ କୁମାର ଭୋଳ, ସ୍ମୃତିରଞ୍ଜନ ବେହେରା, ବରୁଣ ମିଶ୍ର, ରାଜଲକ୍ଷ୍ମୀ ଦାଶ, ଜ୍ୟୋତିର୍ମୟୀ ପ୍ରଧାନ ପ୍ରମୁଖ ଉପସ୍ଥିତ ହୋଇ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ ଆଦର୍ଶ ଜୀବନ ଉପରେ ଆଲୋକପାତ କରିଥିଲେ ।

**ରଘୁନାଥପୁର, (ରାଜେନ୍ଦ୍ର ନାରାୟଣ ସିଂହ):** ଗାନ୍ଧୀ ଜୟନ୍ତୀ ଅବସରରେ ରଘୁନାଥପୁର ବ୍ଲକ ଗୋପାଳପୁରସ୍ଥିତ ବୈଷ୍ଣବ ଜେନା ମେମୋରିଆଲ ଟ୍ରଷ୍ଟ ଓ ଗାନ୍ଧୀ ଶାନ୍ତି ଫାଉଣ୍ଡେଶନ ପକ୍ଷରୁ ସମାଜରେ ଗାନ୍ଧିଜୀଙ୍କ ଆବଶ୍ୟକତା ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଟ୍ରଷ୍ଟ ଅଧ୍ୟକ୍ଷ ସୌଭାଗ୍ୟ ରଞ୍ଜନ ଜେନା ପୌରୋହିତ୍ୟ କରିଥିଲେ। ଏଥିରେ ସାମାଜିକ କର୍ମୀ ତଥା ଲୋହିଆ ଏକାଡେମୀର ସମ୍ପାଦକ ଦେବୀ ପ୍ରସାଦ ରାୟମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗାନ୍ଧିଜୀଙ୍କ ସ୍ୱପ୍ନର ଭାରତ ଓ ଏହାର ବାସ୍ତବତା ଉପରେ ଆଲୋଚନା କରିଥିଲେ। ସମାଜରୁ କିପରି ଦାରିଦ୍ର୍ୟ, ଦୁର୍ନୀତି ଓ ଅରାଜକତା ଦୂର ହୋଇପାରିବ ସେ ସମ୍ପର୍କରେ ବିଶଦ୍ ଆଲୋଚନା କରିଥିଲେ। ସେହିପରି ଜଣାଶୁଣା ସାମାଜିକ କର୍ମୀ ନରେନ୍ଦ୍ର ମହାନ୍ତି ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ଅଲେଖ ଚନ୍ଦ୍ର ବେହେରା,କବୟିତ୍ରୀ ପ୍ରତିଭା ରାୟ,ଫାରୁଖ ଖାଁ, ଜ୍ୟୋତିରଞ୍ଜନ ପରିଡା,ପଦ୍ମଚରଣ ସାହୁ, ଶିକ୍ଷାବିତ ରମାକାନ୍ତ ଦାସ, କିଟ ପ୍ରଶାସନିକ ଅଧିକାରୀ ରୋହିତ ଖୁଣ୍ଟିଆ,ଜାତୀୟ ଶିକ୍ଷା ସଂସ୍ଥାର ପ୍ରଶିକ୍ଷିକା ଜ୍ୟୋତ୍ସ୍ନାରାଣୀ ସ୍ୱାଇଁ ପ୍ରମୁଖ ଆଲୋଚନାଚକ୍ରରେ ଭାଗ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟ ଅଧ୍ୟକ୍ଷ ଜେନା ଉତ୍କଳ ସର୍ବୋଦୟ ମଣ୍ଡଳର ସଭାପତି ମିହିର ପ୍ରତାପ ଦାସ, ସାମାଜିକ କର୍ମୀ ଡ. ବିଶ୍ୱଜିତ, ଆଞ୍ଚଳିକ ଯୁବକ ସଂଘ, ଗୋପବନ୍ଧୁ ଫାଉଣ୍ଡେଶନ ଓ ଗୋରେଖ ବାହିନୀର ସଦସ୍ୟ ଉପସ୍ଥିତ ଥିଲେ।

**ବାଲିକୁଦା(ତାପସ ସ୍ୱାଇଁ):** ବାଲିକୁଦା ବ୍ଲକ ଓଷକଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମହାତ୍ମା ଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରତ୍ୟୁଷରୁ ବିଦ୍ୟାଳୟ ଓ ସ୍ଥାନୀୟ ତାରିଣୀ ମନ୍ଦିର ପରିସର, ରାସ୍ତାକଡ ସଫେଇ କରାଯାଇଥିଲା । ପରେ ନିଶାମୁକ୍ତି ସଚେତନତା ଶୋଭାଯାତ୍ରା ବଜାର ପରିକ୍ରମା କରିଥିଲା। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ନମିତା ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ବାଲିକୁଦା ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ପବିତ୍ର ମୋହନ ସାହୁ, ମୁଖ୍ୟ ବକ୍ତାଭାବେ ବିଦ୍ୟାମନ୍ଦିର ବିଦ୍ୟୁତ୍ ପରିଷଦର ସଭାପତି କୃଷ୍ଣଚନ୍ଦ୍ର ସ୍ୱାଇଁ ଯୋଗଦେଇ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୀବନ ଦର୍ଶନ ଏବଂ ଦେଶପ୍ରେମ ଉପରେ ଆଲୋକପାତ କରିଥିଲେ । ସରୋଜ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଗୁରୁଜୀ ସୁଶାନ୍ତ ଦାସ ଧନ୍ୟବାଦ ଦେଇଥିଲେ। ଶେଷରେ ସ୍ୱଚ୍ଛ ଭାରତ ଅଭିଯାନ ଉପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଏକ ନୃତ୍ୟ ପରିବେଷଣ କରାଯାଇଥିଲା।

### ବିଦ୍ୟାଳୟରୁ ବିଜୁଳି ପ୍ରତିରୋଧୀ ଯନ୍ତ୍ର ଚୋରି ଅଭିଯୋଗ: ଜଣେ ଗିରଫ

କୁଜଙ୍ଗ,୨।୧୦ (ମନୋଜ ପ୍ରଧାନ)

କୁଜଙ୍ଗ ଥାନା ଅନ୍ତର୍ଗତ ବନବିହାରୀ ବିଦ୍ୟାଳୟରେ ଲାଗିଥିବା ବିଜୁଳି ପ୍ରତିରୋଧୀ ଯନ୍ତ୍ର ବା ଆରେଷ୍ଟର ଚୋରି ଅଭିଯୋଗରେ ପୋଲିସ ସୋମବାର ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ବଳରାମପୁର ଗ୍ରାମର ଶିବ ପ୍ରକାଶ ନାଥ। ତାଙ୍କଠାରୁ ଚୋରି ସାମଗ୍ରୀ ଜବତ କରାଯାଇଛି ବୋଲି ଥାନା ଅଧିକାରୀ ରଶ୍ମିରଞ୍ଜନ ଦାଶ କହିଛନ୍ତି। ପ୍ରକାଶ ଯେ, ବିଜୁଳି ଓ ବଜ୍ରପାତରୁ ଛାତ୍ରୀଛାତ୍ରଙ୍କୁ ସୁରକ୍ଷିତ ରଖିବା ନିମନ୍ତେ ବିଭିନ୍ନ କୋଠାଘରେ ୪ଟା ବିଜୁଳି ପ୍ରତିରୋଧୀ ଯନ୍ତ୍ର ବା ଆରେଷ୍ଟର ଲାଗିଥିଲା । ବିଦ୍ୟାଳୟ ବନ୍ଦ ଥିବା ସମୟରେ ଗତ ଶୁକ୍ରବାର କେହି ଦୁର୍ବୃତ୍ତ ସ୍ମାର୍ଟ କ୍ଲାସରୁମ୍ ଓ କାର୍ଯ୍ୟାଳୟରେ ଲାଗିଥିବା ୩୦ ଓ ୨୦ ଇଞ୍ଚର ୨ଟି ଆରେଷ୍ଟର ସହ ୨ ମିଟର ତମ୍ବାତାର ଚୋରି କରିନେଇଥିଲେ। ଏନେଇ ପ୍ରଧାନ ଶିକ୍ଷକ ମନୋଜ କୁମାର ବେହେରା ଶନିବାର କୁଜଙ୍ଗ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି କୁଜଙ୍ଗ ପୋଲିସ ମାମଲା (ନଂ.୪୪୩/୨୩) ରୁଜୁକରି ତଦନ୍ତ ଜାରି ରଖିଥିଲା।

# ପଞ୍ଚାୟତଗୁଡ଼ିକରେ ସଙ୍ଗଠନକୁ ସୁଦୃଢ଼ କରିବାକୁ ନିଷ୍ପତ୍ତି

## ବ୍ଲକ ଯାଦବ ମହାସଭାର ସାଙ୍ଗଠନିକ ବୈଠକ



ବୈଠକରେ ଯୋଗଦେଇଥିବା ଯାଦବ ମହାସଂଘର ସଦସ୍ୟମାନେ।

ବାଲିକୁଦା, ୨।୧୦ (ତାପସ ସ୍ୱାଇଁ)

ବାଲିକୁଦା ବ୍ଲକ ଯାଦବ ମହାସଭା ତରଫରୁ କଣିଆସ୍ଥିତ କାର୍ଯ୍ୟାଳୟ ପରିସରରେ ରବିବାର ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବ୍ଲକ ମହାସଂଘର ସଭାପତି ବାବାଜୀ ଚରଣ ଦାସ ଅଧ୍ୟକ୍ଷତା କରିଥିଲେ। ସଭାରେ ଉପସଭାପତି ଶରତ ଚନ୍ଦ୍ର ଦାସ, ଅଧ୍ୟାପକ ଅକ୍ଷୟ କୁମାର ଜେନା, ସାଧାରଣ ସମ୍ପାଦକ କାର୍ତ୍ତିକଚନ୍ଦ୍ର ବେହେରା, ବିଷ୍ଣୁ ପ୍ରସାଦ ଦାସ, ଚିତ୍ତରଞ୍ଜନ ଦାସ, ନରେଶ ଚନ୍ଦ୍ର ଦାସ, ମିଟୁ ଦାସ, ଗୌରାଙ୍ଗ ଚରଣ ପରିଡ଼ା, ଶୁକ ଦାସ, କୋଷାଧ୍ୟକ୍ଷ ପ୍ରଫୁଲ୍ଲ ବାହାଲିଆ, ସୁଶାନ୍ତ କୁମାର ଦାସ, ହେମନ୍ତ କୁମାର ଦାସ,ବିଶ୍ୱନାଥ ପରିଡା ପ୍ରମୁଖ ଯୋଗଦେଇଥିଲେ।

ସଭାରେ ଯାଦବମାନଙ୍କ ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ଓ ରାଜନୈତିକ ବିକାଶ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ବାଲିକୁଦା ବ୍ଲକର ବିଭିନ୍ନ ପଞ୍ଚାୟତର ଗୋପାଳମାନଙ୍କ ସମସ୍ୟା ସମ୍ପର୍କରେ ଚର୍ଚ୍ଚା ହୋଇଥିଲା। ବିଭିନ୍ନ ପଞ୍ଚାୟତରେ ଯାଦବ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ସ୍ଥିର କରାଯାଇଥିଲା। ଏନେଇ ବାଲିକୁଦା ବ୍ଲକରେ ଯୁବ ଯାଦବ ମହାସଭା ଓ ବ୍ଲକ ମହିଳା ଯାଦବ ମହାସଭା ଗଠନ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ମହାସଭା ପାଇଁ ବ୍ୟକ୍ତିମାନଙ୍କ ନାମ ଚୟନ କରାଯାଇଥିଲା ଓ କର୍ମକର୍ତ୍ତା ନିର୍ବଚନ କରାଯାଇଥିଲା। ଅଖିଳ ଭାରତ ଯାଦବ ମହାସଭା ତରଫରୁ ଇଂ.ପ୍ରଦୀପ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ବାଲିକୁଦା ବ୍ଲକସ୍ତରରେ ଯୁବଯାଦବଙ୍କୁ ନେଇ ଯୁବ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ଏକ କର୍ମଶାଳା ଆଗାମୀ ଦିନରେ କରିବା ପାଇଁ ପ୍ରସ୍ତାବ ଆଗତ ହୋଇଥିଲା । ବାଲିକୁଦା ବ୍ଲକ ଯାଦବ ମହାସଭା ତରଫରୁ ପ୍ରତି ମାସର ଶେଷ ରବିବାର ତିନୋଟି ଲେଖାଏଁ ପଞ୍ଚାୟତକୁ ନେଇ ପ୍ରତି ମାସରେ ବୈଠକ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା।

# ଭିତ୍ତିଭୂମିର ବିକାଶ, ଶିକ୍ଷକ ପଦବୀ ପୂରଣ ଦାବି

## ଏମ୍ଏନ୍ ହାଇସ୍କୁଲ ପୁରାତନ ଛାତ୍ର ସଂସଦର ବାର୍ଷିକ ଉତ୍ସବ



ପଟ୍ଟାମୁଣ୍ଡାଇ,୨।୧୦ (ଅକ୍ଷୟ ବିଶ୍ୱାଳ)

ପଟ୍ଟାମୁଣ୍ଡାଇ ଅଞ୍ଚଳର ସର୍ବ ପୁରାତନ ସରକାରୀ ଶିକ୍ଷାନୁଷ୍ଠାନ ଏମ୍ଏନ୍ ହାଇସ୍କୁଲ ପୁରାତନ ଛାତ୍ର ସଂସଦର ତ୍ରୟୋଦଶ ତମ ବାର୍ଷିକ ଉତ୍ସବ ବିଦ୍ୟାଳୟ ସଭାଗୃହରେ ପାଳିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦର ସଭାପତି ପ୍ରଫେସର ଦୁର୍ଯ୍ୟୋଧନ ପରିଡ଼ାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି ପୌରାଧ୍ୟକ୍ଷ ହେମନ୍ତ କୁମାର ସାହୁ, ମୁଖ୍ୟବକ୍ତା ଭାବେ ପୁରାତନ ଛାତ୍ର ସଂସଦର ଉପଦେଷ୍ଟା ପ୍ରଫେସର ଡ. ବୈଷ୍ଣବ ଚରଣ ସିଂ, ସମ୍ମାନିତ ଅତିଥି ଭାବେ ଉପଦେଷ୍ଟା ସନାତନ ବେହୁରା, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗଗନ ବିହାରୀ ସୂତାର, ସମ୍ମାନିତ ଅତିଥି ଭାବେ ଉପଦେଷ୍ଟା ତ୍ରୈଲୋକ୍ୟନାଥ ପଣ୍ଡା, ଜଗନ୍ନାଥ ସଂସ୍କୃତି ପ୍ରଚାରକ ପରିକ୍ଷିତ ମିଶ୍ର, ସମ୍ପାଦକ କସ୍ତୁରି ଚରଣ ସ୍ୱାଇଁ, କୋଷାଧ୍ୟକ୍ଷ ଆଡଭୋକଟ ଗୋପୀନାଥ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ସେମାନେ ବିଦ୍ୟାଳୟର ବିଭିନ୍ନ ସମସ୍ୟା ଓ ଏହାର ଆଶୁ ସମାଧାନ ବିଷୟରେ ଆଲୋକପାତ କରିଥିଲେ। ୨୦୨୦ଠାରୁ ଏହି ବିଦ୍ୟାଳୟ ସେଣ୍ଟର ଅଫ୍ ଏକ୍ସେଲେନ୍ସ ବିଦ୍ୟାଳୟ ଭାବେ ଘୋଷିତ ହୋଇଥିଲେ ମଧ୍ୟ ଏହାର ସର୍ବନିମ୍ନ ଆବଶ୍ୟକତା ଭିତ୍ତିଭୂମିର ବିକାଶ, ଖାଲି ପଡିଥିବା ଶିକ୍ଷକ ଓ କର୍ମଚାରୀ ପଦବୀ ପୂରଣ କରାଯାଇନାହିଁ। ସରକାରଙ୍କ ୫-ଟି ରୂପାନ୍ତରୀକରଣ କାର୍ଯ୍ୟକ୍ରମ ଏହି ବିଦ୍ୟାଳୟରେ କରାଯାଇଥିଲେ ମଧ୍ୟ ୨ଟି ସ୍ମାର୍ଟ ଶ୍ରେଣୀଗୃହ କାର୍ଯ୍ୟ ସମାପ୍ତ ହୋଇନାହିଁ। ବିଦ୍ୟାଳୟର ଖେଳପଡିଆ ଖାଲଖମା ହୋଇଥିବା ବେଳେ ବିଦ୍ୟାଳୟର ମୁଖ୍ୟ ଗେଟ୍ ଖୋଲା ପଡି ରହିଛି। ଫଳରେ ଗୋରୁ, ଛେଳି ଓ ମେଣ୍ଢା ଅବାଧରେ ବିଦ୍ୟାଳୟ ହତାକୁ ପ୍ରବେଶ କରି ଶୈକ୍ଷିକ ବାତାବରଣ ନଷ୍ଟ କରୁଥିବାରୁ ବକ୍ତାମାନେ କ୍ଷୋଭ ପ୍ରକାଶ କରିଥିଲେ। ଏହାର ଆଶୁ ସମାଧାନ ପାଇଁ କେନ୍ଦ୍ରାପଡ଼ା ଜିଲାପାଳଙ୍କୁ ସଭାରେ ଅନୁରୋଧ କରାଯାଇଥିଲା। ପୌରାଧ୍ୟକ୍ଷ ସାହୁ ତାଙ୍କ ଅଭିଭାଷଣରେ ବିଦ୍ୟାଳୟର ପଡିଆକୁ ଖାଲଥିବା ସ୍ଥାନ ମାଟି ପୂରଣ କରିବା ସହ ପୋତାନଈ ପଟକୁ ଆବଶ୍ୟକ ଧସା ଫିଲିଙ୍ଗି କରି ପିଲାଙ୍କ ଖେଳିବା ପାଇଁ ପାର୍କ କରିବାକୁ ଘୋଷଣା କରିଥିଲେ। ସଭା ପ୍ରାରମ୍ଭରେ ଦିବଂଗତ ଛାତ୍ରୀଛାତ୍ରଙ୍କ ଆତ୍ମାର ସଦ୍‌ଗତି ପାଇଁ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ବରିଷ୍ଠ ସଭ୍ୟ ବିଜୟ କୁମାର ସାହୁ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ କସ୍ତୁରି ଚରଣ ସ୍ୱାଇଁ ପୁରାତନ ଛାତ୍ର ସଂସଦର ବାର୍ଷିକ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. କେଳୁଚରଣ ସ୍ୱାଇଁ, ପ୍ରଫେସର ଅନିରୁଦ୍ଧ ରାଉଳ, ପ୍ରଫେସର କୈଳାସ ଚନ୍ଦ୍ର ପାତ୍ର, ପ୍ରଫେସର ଡ. ଅର୍ଜୁନ ଚରଣ ନାୟକ, ସଂସଦର ଉପସଭାପତି ରାଜେନ୍ଦ୍ର କୁମାର ଦାଶ, ଶିଶିର କୁମାର ମଲ୍ଲିକ, ସଞ୍ଜୟ କୁମାର ବର୍ମା, ବିଜୟଲକ୍ଷ୍ମୀ ମହାନ୍ତି, ସାଙ୍ଗଠନିକ ସମ୍ପାଦକ ରମେଶ ଚନ୍ଦ୍ର ଦେ, ପରିଚାଳନା କମିଟି ସଭାପତି ତପନ କୁମାର ଦାସ ପ୍ରମୁଖ ଯୋଗଦେଇ ଛାତ୍ର ଜୀବନର ଅଭୁଲା ସ୍ମୃତି ବିଷୟରେ ଆଲୋକପାତ କରିଥିଲେ। ଶେଷରେ ସଭ୍ୟ ପ୍ରମୋଦ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ଏଡ଼ାଇବା ପାଇଁ ସଚେତନତା

## ଓଡ଼ିଶା ମୋଟର ଚାଳକ ସଂଘ ରାହାମା ଶାଖାର ସାଧାରଣ ସଭା

ରାହାମା,୨।୧୦(ଶ୍ରୀକାନ୍ତ ଦାସ)




ସାଧାରଣ ବୈଠକରେ ଯୋଗ ଦେଇଥିବା ଅତିଥିମାନେ।

କୁଜଙ୍ଗ ବ୍ଲକ ସାଇଲୋ ପଞ୍ଚାୟତ ଅନ୍ତର୍ଗତ ସାଇ କଲ୍ୟାଣ ମଣ୍ଡପ ସଭାଗୃହରେ ଓଡ଼ିଶା ମୋଟର ଚାଳକ ସଂଘ ରାହାମା ଶାଖାର ପ୍ରଥମ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହାପୂର୍ବରୁ ସଂଘ ସଭ୍ୟମାନଙ୍କ ଦ୍ୱାରା ରାହାମା ବଜାରରେ ପ୍ରବାଦ ପୁରୁଷ ବିଜୁପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହାପରେ ସଡ଼କ ସୁରକ୍ଷା ଜୀବନ ରକ୍ଷା ଓ ସ୍ୱଚ୍ଛଭାରତ ସ୍ଲୋଗାନ ଦେଇ ସଂଘ ସଦସ୍ୟ ଓ ଅତିଥିମାନେ କଲ୍ୟାଣମଣ୍ଡପରେ ପହଞ୍ଚିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜଗତ୍‌ସିଂହପୁର ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ଚନ୍ଦ୍ର ମହାନ୍ତି, ସ୍ୱତନ୍ତ୍ର ଅତିଥିଭାବେ ତିର୍ତ୍ତୋଲ ଥାନା ଅଧିକାରୀ ଅଭିମନ୍ୟୁ ନାୟକ, ମୁଖ୍ୟବକ୍ତା ଓଡ଼ିଶା ମୋଟର ଚାଳକ ସଂଘ ରାଜ୍ୟ ସାଧାରଣ ସମ୍ପାଦକ ପ୍ରଭାକର ମଲ୍ଲିକ, ସମ୍ମାନିତ ଅତିଥିଭାବେ ବଜାର କମିଟି ରାହାମା ସମ୍ପାଦକ ଆଡ୍‌ଭୋକେଟ ସୁନାକର ବେହେରା, ସାଇଲୋ ସରପଞ୍ଚ ସରୋଜ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

ରାଜ୍ୟ ଚାଳକ କଲ୍ୟାଣ ପାଣ୍ଠି ସଭାପତି ଦେବଦତ୍ତ ଡାକୁଆ ମଞ୍ଚ ସଞ୍ଚାଳନ କରିବା ସହ ସଂଘର ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ମହାନ୍ତି ବୈଠକରେ ମୋଟର ଚାଳକ ସଂଘ କର୍ମକର୍ତ୍ତା ଓ ଚାଳକମାନଙ୍କୁ ସଡ଼କ ଦୁଘଟଣା ଜନିତ ମୃତ୍ୟୁ ଏଡ଼ାଇବା ପାଇଁ ସଚେତନ କରିବା ସହ ପରିବହନ ବ୍ୟବସ୍ଥାର ନୀତିନିୟମ ସମ୍ପର୍କରେ ସୂଚନାଦେଇଥିଲେ। ବୈଠକରେ ଜିଲାର ବିଭିନ୍ନ ବ୍ଲକର କର୍ମକର୍ତ୍ତା, ବାହାର ଜିଲାର କର୍ମକର୍ତ୍ତା ଓ ଉପସ୍ଥିତ ଖବରଦାତାମାନଙ୍କୁ ଉପଢ୍ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ରାହାମା ଶାଖାର ସଭାପତି ଭାବେ ଦେବାଶିଷ ଦାସ, ସମ୍ପାଦକ ପ୍ରଦ୍ୟୁମ୍ନ ଦାସ, କୋଷାଧ୍ୟକ୍ଷ ରବୀନ୍ଦ୍ର କୁମାର ମହାନ୍ତି, ଉପଦେଷ୍ଟା କୈଳାଶ ଚନ୍ଦ୍ର ସାହୁ ଓ ୨୩ ଜଣ ପଦାଧିକାରୀଙ୍କୁ ନେଇ ସଂଘ ସୁପରିଚାଳନା ନିମନ୍ତେ ଏକ କମିଟି ଗଠନ କରାଯାଇ ଥିଲା। ଶେଷରେ କୋଷାଧ୍ୟକ୍ଷ ରବୀନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# 'ମିଶନ ଶକ୍ତି ମା'ମାନଙ୍କୁ ସ୍ୱାବଲମ୍ବୀ କରୁଛି'

## ବିଜେଡି ଜନ ସମ୍ପର୍କ ପଦଯାତ୍ରା

କୁଜଙ୍ଗ,୨।୧୦ (ମନୋଜ ପ୍ରଧାନ)

ବିଜୁ ଜନତାଦଳ ସଭାପତି ନବୀନ ପଟ୍ଟନାୟକଙ୍କ ଆହ୍ୱାନରେ ଗାନ୍ଧୀ ଜୟନ୍ତୀ ଅବସରରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ କୁଜଙ୍ଗ ଥାନା ଅନ୍ତର୍ଗତ ଏରସମା ବ୍ଲକର ୪ ନଂ. ଜୋନ୍‌ରେ ଦଳ ପକ୍ଷରୁ ବାଲିତୁଠାରେ ଏହି ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଯୁବ ନେତା ରମେଶ ଚନ୍ଦ୍ର ପରିଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥିଭାବେ ଏରସମା ବାଲିକୁଦା ନିର୍ବାଚନ ମଣ୍ଡଳୀ ନେତା ସଞ୍ଜୀବ ବିଶ୍ୱାଳ ଯୋଗଦେଇ ବିଜେଡି ସରକାରର ଜନ ହିତକର ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ମିଶନ ଶକ୍ତି ଜରିଆରେ ଚାଲିଥିବା ଯୋଜନା ମାଧ୍ୟମରେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରାଯାଉଛି ବୋଲି ସେ ଆଲୋକପାତ କରିଥିଲେ। ମା'ମାନଙ୍କ ପାଇଁ ରାଜନୀତିରେ ଶତକଡା ୩୩ ଭାଗ ସଂରକ୍ଷଣ ବ୍ୟବସ୍ଥା କରିବା ନବୀନ ପଟ୍ଟନାୟକଙ୍କ ବଡ଼ ସଫଳତା ବୋଲି ବିଶ୍ୱାଳ କହିଥିଲେ। ଏଥିରେ ବରିଷ୍ଠ ବିଜେଡି ନେତା କୈଳାସ ଚନ୍ଦ୍ରଦାସ, ଶଶି ରଞ୍ଜନ ପରିଡ଼ା, କରୁଣାକର ପଣ୍ଡା, ଗଣେଶ ରାଉତ, ନାରୀନେତ୍ରୀ ପ୍ରଦୟିନୀ ମହାନ୍ତିଙ୍କ ସମେତ ୨ ହଜାରରୁ ଊର୍ଦ୍ଧ୍ୱ କର୍ମୀ ସାମିଲ ହୋଇଥିଲେ । ଏହି ପଦଯାତ୍ରା ବାଲିତୁଠ ହାଇସ୍କୁଲଠାରୁ ଆରମ୍ଭ ହୋଇ ବିଜିପୁର ଶନି ମନ୍ଦିରଠାରେ ଶେଷ ହୋଇଥିଲା। ସେହିପରି କୁଜଙ୍ଗ ବ୍ଲକ ବିଜେଡି ପକ୍ଷରୁ ପଙ୍କପାଳ ପଞ୍ଚାୟତରେ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ଜନ ସମ୍ପର୍କ ପଦଯାତ୍ରା ଆରମ୍ଭ କରିଛନ୍ତି । ପଙ୍କପାଳ ଗଡାରୁ ଏକ ଶୋଭାଯାତ୍ରାରେ ବାହାରି ସେ ଜନପାଳଠାରେ ପହଞ୍ଚିଥିଲେ। ପଦଯାତ୍ରାରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ନିନାରାଣୀ ସାହୁ, ଏମ୍‌ପିଙ୍କ ପ୍ରତିନିଧି ସୁଢ଼ଳ ସ୍ୱାଇଁ, ପଞ୍ଚାୟତ ସମିତି ଅଧ୍ୟକ୍ଷ ସତ୍ୟଜିତ ସ୍ୱାଇଁ, ପାରାଦୀପ ନିର୍ବାଚନ ମଣ୍ଡଳୀ ଯୁବ ବିଜେଡି ସଂଯୋଜକ ମାନଭଞ୍ଜନ ମଲ୍ଲ, ବ୍ଲକ ଯୁବବିଜେଡି ସଭାପତି ଅରୁ ପ୍ରସାଦ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।



ବିରିଡ଼ିରେ ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ପଦଯାତ୍ରାରେ ସାମିଲ ହୋଇଛନ୍ତି।

**ବିରିଡ଼ି,(ପ୍ରଶାନ୍ତ କୁମାର ରାଉତ):** ବିରିଡ଼ି ବ୍ଲକ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସ ଏହାର ନେତୃତ୍ୱ ନେଇଥିଲେ। ବିଜେଡି ଜିଲା ସଭାପତି ରବିନାରାୟଣ ଜେନା, ବ୍ଲକ ସଭାପତି ରବୀନ୍ଦ୍ର ରାଉଳ, ବ୍ଲକ ମହିଳା ସଭାନେତ୍ରୀ ମମତା ପାତ୍ର, ଉପାଧ୍ୟକ୍ଷା ପିନାକୀ ପ୍ରିୟଦର୍ଶିନୀ, ଜିଲାପରିଷଦ ସଭ୍ୟା ଦୀପ୍ତିମୟୀ ରାୟ, ସଭ୍ୟ ଚନ୍ଦ୍ର ଶେଖର ଦାଶ, ଯୁବ ବିଜେଡି ସଭାପତି ସୁଶାନ୍ତ ସାହୁ, ଛାତ୍ର ବିଜେଡି ସଭାପତି ଗୋରେଖ ଆଶ୍ରିତ ବେହେରା ପ୍ରମୁଖଙ୍କ ସମେତ ଶତାଧିକ ବିଜେଡି କର୍ମୀ ଏଥିରେ ସାମିଲ ହୋଇଥିଲେ। ପ୍ରଥମେ ବିରିଡି ବିଜେଡି କାର୍ଯ୍ୟାଳୟରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ କର୍ମୀମାନେ ପଦଯାତ୍ରାରେ ବାହାରି ବିରିଡି ହାଟସ୍ଥିତ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଶେଷ କରିଥିଲେ ।

**ପାରାଦୀପ, (ଶରତ ରାଉତ):** ପାରାଦୀପ ନଗର ବିଜେଡି ପକ୍ଷରୁ ସୋମବାର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଜେଡି ନଗର ସଭାପତି ତଥା ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ନେତୃତ୍ୱରେ ଅତିରିକ୍ତ ଜିଲାପାଳ କାର୍ଯ୍ୟାଳୟ ନିକଟ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ପାଖରୁ ଏହି ଶୋଭାଯାତ୍ରା ବାହାରିଥିଲା। ଅଠରବାଙ୍କୀ ଛକରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ପଥପ୍ରାନ୍ତ ସଭା ହୋଇଥିଲା। ଏଥିରେ ମହିଳା ନେତ୍ରୀ ସବିତା ମହାପାତ୍ର, ଚପଳା ସ୍ୱାଇଁ, ପ୍ରଭାତୀ ନାୟକ, ଜିଲା ଉପସଭାପତି ଜ୍ୟୋତିକାନ୍ତ ପରିଡ଼ା ପ୍ରମୁଖ ଯୋଗଦେଇଥିଲେ।

**ପୂର୍ବ ତଟ ରେଳପଥ**

ନିଲାମ କାଟ୍‌ଲଗ୍ ନଂ.PnU-T-KUR-23-24
ପେ ଆଣ୍ଡ ୟୁଜ୍ ଶୌଚାଳୟ ପାଇଁ ଇ-ନିଲାମ

**ଷ୍ଟେସନ ଏବଂ ସ୍ଥାନ :** (1) କଟକ-ପେ ଆଣ୍ଡ ୟୁଜ୍ (P&U)ଶୌଚାଳୟ (ପ୍ଲାଟଫର୍ମ ନଂ.1, ଭଦ୍ରକ ସୀମାରେ), (2) ଯାଜପୁର କେନ୍ଦୁଝର ରୋଡ଼-ପେ ଆଣ୍ଡ ୟୁଜ୍ ଶୌଚାଳୟ (P&U) (ପ୍ରି-ଫାବ୍ରିକେଟେଡ୍) (ପରିଚଳନ କ୍ଷେତ୍ରରେ), (3) ଭଦ୍ରକ-ପେ ଆଣ୍ଡ ୟୁଜ୍ ଶୌଚାଳୟ (P&U) (ପ୍ଲାଟଫର୍ମ ନଂ.1 ଏବଂ 2, ମଧ୍ୟଭାଗରେ) ।

**ନିଲାମ ଆରମ୍ଭ ହେବା ତାରିଖ ଏବଂ ସମୟ :** ତା.13.10.2023 ରିଖ 1100 ଘଟିକାରେ (କ୍ରମ ସଂ.1, 2 ଏବଂ 3 ନିମନ୍ତେ) ।

**ନିଲାମ ଶେଷ ହେବା ତାରିଖ :** ତା.13.10.2023 ରିଖ (କ୍ରମ ସଂ.1, 2 ଏବଂ 3 ନିମନ୍ତେ) ଏବଂ ନିଲାମ ଶେଷ ହେବା ସମୟ : 1130 ଘଟିକାରେ (କ୍ରମ ସଂ.1 ପାଇଁ), 1140 ଘଟିକାରେ (କ୍ରମ ସଂ.2 ପାଇଁ) ଏବଂ 1150 ଘଟିକା(କ୍ରମ ସଂ.3 ପାଇଁ) ।

ନିଲାମ କାଟ୍‌ଲଗ୍ ନଂ.Prkng-KUR-23-47
ପାର୍କିଙ୍ଗ୍ ଷ୍ଟାଣ୍ଡ ପାଇଁ ଇ-ନିଲାମ

**ଷ୍ଟେସନ ଏବଂ ସ୍ଥାନ :** (1) ରାଜସୁନାଖଳା-2 ଚକିଆ (ଷ୍ଟେସନ ବିଲ୍ଡିଂର ବେସ୍‌ମେଣ୍ଟରେ), (2) ନିରାକାରପୁର - ମିଶ୍ରିତ - 2 ତଥା 4 ଚକିଆ (ପରିଚଳନ କ୍ଷେତ୍ର ନିକଟରେ) ।

**ନିଲାମ ଆରମ୍ଭ ହେବା ତାରିଖ ଏବଂ ସମୟ :** ତା.13.10.2023 ରିଖ 1300 ଘଟିକାରେ (କ୍ରମ ସଂ.1 ଏବଂ 2 ନିମନ୍ତେ) ।

**ନିଲାମ ଶେଷ ହେବା ତାରିଖ :** ତା.13.10.2023 ରିଖ (କ୍ରମ ସଂ.1 ଏବଂ 2 ନିମନ୍ତେ) ଏବଂ ନିଲାମ ଶେଷ ହେବା ସମୟ : 1330 ଘଟିକା (କ୍ରମ ସଂ.1 ପାଇଁ) ଏବଂ 1340 ଘଟିକା (କ୍ରମ ସଂ.2 ପାଇଁ) ।

ଦ୍ରଷ୍ଟବ୍ୟ: ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଶାୟୀ ବିଡ଼ରଙ୍କୁ ୱେବ୍‌ସାଇଟ୍ https://www.ireps.gov.in ର ଇ-ଅକ୍ସନ ଲିଜିଙ୍ଗ୍ ଟ୍ୟାବ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ଖୋର୍ଦ୍ଧା ରୋଡ଼
PR-634/O/23-24

**ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ**

ଭାପୁର,(ଭରତ କୁମାର ବେହେରା ): ଫତେଗଡ଼ ଥାନା ଅଧୀନ ଭାପୁର ବ୍ଲକ ଗୋଲାପୋଖରୀ ପଞ୍ଚାୟତ ମରିଚିଆ ଗ୍ରାମ ଶାଳବଣୀର ତ୍ରିନାଥ ଖୁଣ୍ଟିଆ (୪୫)ଙ୍କ ପୋଖରୀ ବୁଡ଼ି ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ ମରିଚିଆରେ ରବିବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ତ୍ରିନାଥ ମେଳା ଅନୁଷ୍ଠିତ ହୋଇଥିଲା। ମେଳାରେ ତ୍ରିନାଥ ବଇଁଶୀ ବାଦନ କରିଥିଲେ। ସୋମବାର ସକାଳୁ ପୋଖରୀକୁ ଗାଧେଇବା ପାଇଁ ଯାଇଥିଲେ। ଗୋଡ଼ ଖସି ଯିବାରୁ ପୋଖରୀ ଭିତରକୁ ମୁହଁ ମାଡ଼ି ପଡ଼ିଯାଇଥିଲା। ସ୍ଥାନୀୟ ଯୁବକମାନେ ପୋଖରୀ ଭିତରୁ ଉଦ୍ଧାର କରି ବାଇକ୍‌ରେ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ।

## ସଂକ୍ଷେପରେ

### ସ୍ୱଚ୍ଛ ପରିବେଶ, ସୁସ୍ଥ ପରିବେଶ କାର୍ଯ୍ୟକ୍ରମ

**ଖଣ୍ଡପଡା,୨।୧୦(ଅଜୟ କୁମାର ମହାରଣା):** କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ଜାତୀୟ ସେବା ସଂସ୍ଥା ପକ୍ଷରୁ ରବିବାର ଏକ ସ୍ୱଚ୍ଛ ପରିବେଶ, ସୁସ୍ଥ ପରିବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ରଞ୍ଜିତ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଜାତୀୟ ସେବା ସଂସ୍ଥା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ମାନଗୋବିନ୍ଦ ରାଉତରାୟ ଓ ହୃଷୀକେଶ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ସେମାନେ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା କଲେଜ ପରିସରକୁ ସ୍ୱଚ୍ଛ କରିବା ସହ ସ୍ୱଚ୍ଛ ପରିବେଶ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହାଛଡା ଉପସ୍ଥିତ ଛାତ୍ରୀଛାତ୍ରମାନେ ନିଜ ନିଜ ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ଶପଥ ଗ୍ରହଣ କରିଥିଲେ। ଏହି ଅବସରରେ ଏକ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲାଜ। ପରେ ପରେ ମହିଳା ଓ ଯୁବକମାନେ ଗ୍ରାମର ପରିବେଶକୁ ସଫା କରିଥିଲେ। ସ୍ଥାନୀୟ ଅଞ୍ଚଳର ମହିଳା ସଂକୀର୍ତ୍ତନ ମଣ୍ଡଳୀ ଓ ୪ଜଣ କଳାକାରଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର ପ୍ରଦାନ କରାଯାଇ ସମ୍ମାନୀତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନାରେ ସ୍ଥାନୀୟ ଗ୍ରାମବାସୀ ସହଯୋଗ କରିଥିଲେ।

### ଖଣ୍ଡପଡାରେ ଗାନ୍ଧୀ ଜୟନ୍ତୀ

**ଖଣ୍ଡପଡା,୨।୧୦(ଅଜୟ କୁମାର ମହାରଣା):** ଖଣ୍ଡପଡା ବ୍ଲକ ଅନ୍ତର୍ଗତ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଉତ୍ସବ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି। ଶିକ୍ଷାନୁଷ୍ଠାନଗୁଡିକରେ ଶିକ୍ଷୟିତ୍ରୀଶିକ୍ଷକମାନଙ୍କଠାରୁ ଆରମ୍ଭ କରି ଛାତ୍ରୀଛାତ୍ରମାନେ ଗାନ୍ଧିଜୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ କୁଞ୍ଜବିହାରୀ ନୋଡାଲ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ବାସନ୍ତୀ ପଣ୍ଡା ପୌରୋହିତ୍ୟ କରି ଗାନ୍ଧିଜୀଙ୍କ ନୀତି ଆଦର୍ଶରେ ସମସ୍ତେ ଅନୁପ୍ରାଣିତ ହେବାକୁ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ଉପସ୍ଥିତ ଶିକ୍ଷୟିତ୍ରୀଶିକ୍ଷକମାନେ ଗାନ୍ଧିଜୀଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ଖଣ୍ଡପଡା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ଉତ୍ସବରେ ମାନ୍ୟଗଣ୍ୟ ବ୍ୟକ୍ତି, ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଯୋଗ ଦେଇଥିବା ବେଳେ ଗାନ୍ଧିଜୀଙ୍କ ନୀତି ଆଦର୍ଶରେ ସମସ୍ତେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦିଆଯାଇଥିଲା। ସେହିପରି ଖଣ୍ଡପଡା ବ୍ଲକ ପରିସରରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାନ୍ୟଗଣ୍ୟ ବ୍ୟକ୍ତିମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

### ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ

**ନୂଆଗାଁ, ୨।୧୦ (ଧନେଶ୍ୱର ସାହୁ):** ନୟାଗଡ ଜିଲା ନୂଆଗାଁ ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଗାନ୍ଧି ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇ ଯାଇଛି ତ।ଏହି ଅବସରରେ ଶିକ୍ଷାନୁଷ୍ଠାନଗୁଡିକରେ ଛାତ୍ରୀଛାତ୍ରମାନେ ଜାତିର ପିତା ମହାତ୍ମା ଗାନ୍ଧୀ ଓ ଲାଲ୍ ବାହାଦୂର ଶାସ୍ତ୍ରୀଙ୍କ ଫଟୋରେ ପୁଷ୍ପମାଲ୍ୟ ଓ ଧୂପ ଦ୍ୱୀପ ଦେଇଥିଲେ। ଏହା ପରେ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ବିଷୟରେ ବକ୍ତୃତା ଦେଇଥିଲେ। ଏହିକ୍ରମରେ ଚାହାଳି ସରକାରୀ ଜନଶକ୍ତି ଉଚ୍ଚ ବିଦ୍ୟାଳୟରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇ ଯାଇଛି। ପ୍ରଥମେ ଗାନ୍ଧୀ ଓ ଶାସ୍ତ୍ରୀ ଓ ପରେ ସ୍କୁଲ ପରିସରରେ ଥିବା ଅନ୍ୟ ସମସ୍ତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ସମସ୍ତ ଛାତ୍ରୀଛାତ୍ର ଓ କର୍ମଚାରୀମାନଙ୍କୁ ନେଇ ସଭା ଆୟୋଜନ କରି ମହାପୁରୁଷଙ୍କ ଜୀବନ ଆଦର୍ଶ ଉପରେ ଆଲୋଚନା କରାଯାଇଥିଲା। ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନିକଟସ୍ଥ ଶୁଳିଆଦେବୀ ମନ୍ଦିର ଓ ନୀଳକଣ୍ଠେଶ୍ୱର ମନ୍ଦିର ପରିସର ସଫେଇ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍କୁଲ ପ୍ରଧାନ ଶିକ୍ଷକ ଶତ୍ରୁଘ୍ନ ପ୍ରଧାନ , ଶିକ୍ଷକ ସତ୍ୟନାରାୟଣ ସାହୁ , ଚିନ୍ତାମଣୀ ମିଶ୍ର, ଲକ୍ଷ୍ମୀଧର ସାହୁ , ବିରଞ୍ଚି ନାରାୟଣ ବେହେରା, କବିତା ବେହେରା ଓ ମଞ୍ଜୁଳା ବିଶୋଇଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

# ବୁଲିଲା ସଚେତନତା ରଥ

**ନୟାଗଡ଼,୨।୧୦(ଲୋକନାଥ ମିଶ୍ର)**

## ସାଇବର ସୁରକ୍ଷା ସଚେତନତା ଅଭିଯାନ


ବିଧାୟକ ଅରୁଣ ସାହୁ ସଚେତନତା ରଥକୁ ପତାକା ଦେଖାଇ ଉଦ୍‌ଘାଟନ କରୁଛନ୍ତି।

ସାଇବର ସୁରକ୍ଷା ସଚେତନତା ଅଭିଯାନ ନୟାଗଡ଼ ଟ୍ରାଫିକ ଛକରୁ ସୋମବାର ଉଦ୍‌ଘାଟିତ ହୋଇଛି। ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଓ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ଏ ଅବସରରେ ନୟାଗଡ଼ ଏସ୍‌ପି ରାହୁଲ ଜୈନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ସାହୁ, ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଜିଲାପାଳ ସାହୁ, ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ, ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ସେମାନେ ସାଇବର ଅପରାଧର ଭୟାବହତା ଉପରେ ଟିପ୍ପଣୀ ଦେଇଥିଲେ। ସୋମବାରଠାରୁ ସଚେତନତା ରଥ ନୟାଗଡ଼ ଟାଉନ ଥାନା ଅଞ୍ଚଳରେ ପରିକ୍ରମା ଆରମ୍ଭ କରିଛି। ଏହି ରଥ ଅକ୍ଟୋବର ୩ରେ ନୟାଗଡ଼ ସଦର ଥାନା, ୪ରେ ନୂଆଗାଁ ଥାନା, ୫ରେ ଦଶପଲ୍ଲା ଥାନା, ୬ରେ ବାଣିଗୋଛା ଥାନା, ୭ରେ ଗଣିଆ ଥାନା, ୮ରେ ଖଣ୍ଡପଡା ଥାନା, ୯ରେ ଫତେଗଡ ଥାନା, ୧୦ରେ ଇଟାମାଟି ଥାନା, ୧୧ରେ ଚାନ୍ଦପୁର ଥାନା, ୧୨ରେ ରଣପୁର ଥାନା, ୧୩ରେ ଓଡ଼ଗାଁ ଥାନା, ୧୪ରେ ଶରଣକୁଳ ଥାନା ଓ ୧୫ରେ ନୟାଗଡ ଟାଉନ ଥାନା ଅଞ୍ଚଳରେ ସଚେତନତା ରଥ ପରିକ୍ରମା କରିବ। ୧୪ରେ ଜିଲାର ବରିଷ୍ଠ ନାଗରିକଙ୍କୁ ସଚେତନତା କରାଯିବ। ୧୫ତାରିଖରେ ଉକ୍ତ କାର୍ଯ୍ୟକ୍ରମ ଉଦ୍‌ଯାପନ କରାଯିବ ବୋଲି ନୟାଗଡ଼ ଏସ୍‌ପି ସୂଚନା ଦେଇଛନ୍ତି।

## କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି

**ଖଣ୍ଡପଡ଼ା,୨।୧୦ (ଅଜୟ କୁମାର ମହାରଣା)**


ସୁରଭି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି।

ଖଣ୍ଡପଡ଼ା ବ୍ଲକ ବେଣାଗାଡିଆ ପଞ୍ଚାୟତ ଅଧୀନ ଗୋପୀନାଥପୁର ବିଦ୍ୟାଳୟ ପରିସରରେ କଣ୍ଟିଲୋ କ୍ଲଷ୍ଟରସ୍ତରୀୟ ଏକ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ସିଆରସିସି ଅରୁଣ କୁମାର ନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ କଣ୍ଟିଲୋ କ୍ଲଷ୍ଟରର ଉଚ୍ଚ ବିଦ୍ୟାଳୟ, ମଧ୍ୟ ଇଂରାଜୀ ବିଦ୍ୟାଳୟ ଓ ପ୍ରାଥମିକ ବିଦ୍ୟାଳୟ ପରି ୧୧ଟି ଶିକ୍ଷାନୁଷ୍ଠାନର ୭୨ ଜଣ ପ୍ରତିଯୋଗି, ଛାତ୍ରୀଛାତ୍ର ବରିଷ୍ଠ ଓ କନିଷ୍ଠ ବିଭାଗ ତର୍କ, ପ୍ରବନ୍ଧ, ସଙ୍ଗୀତ, ଚିତ୍ରାଙ୍କନ, କୁଇଜ୍, ସୃଜନଶୀଳ ଲିଖନ, ଏଲୋକେସନ, ହସ୍ତାକ୍ଷର ସାଂସ୍କୃତିକ କାର୍ଯ୍ୟ ଆଦି ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ଗ୍ରାମ ସଭାପତି ରାଜ କିଶୋର ଜେନା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଏମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କଳିଙ୍ଗ ଚନ୍ଦ୍ର ନାଏକ ଓ ସମ୍ମାନୀତ ଅତିଥି ଭାବେ ପ୍ରଦୀପ କିଶୋର ସାହୁ, ପ୍ରଧାନ ଶିକ୍ଷକ ନିରଞ୍ଜନ ମିଶ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅମର ପ୍ରସାଦ ଜେନା, ମୋ ସ୍କୁଲ ସଭାପତି ଅନାଦି ଚରଣ ସ୍ୱାଇଁ, ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମହାରଣା, ଶିକ୍ଷକ ବିଷ୍ଣୁ ପ୍ରସାଦ ସାହୁ ସିଦ୍ଧାର୍ଥ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। କ୍ଲଷ୍ଟରସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀ ଛାତ୍ର ମାନେ ବ୍ଲକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଆସନ୍ତା ୪ ତାରିଖ ଅଂଶ ଗ୍ରହଣ କରିବେ ବୋଲି ସୂଚନା ମିଳିଛି।

### ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଗାନ୍ଧୀ ଜୟନ୍ତୀ

**ଦଶପଲ୍ଲା ୨।୧୦ (ପ୍ରକାଶ କୁମାର ପାଣି):** ସୋମବାର ଦଶପଲ୍ଲାର ବିଭିନ୍ନ ଅଞ୍ଚଳରେ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ତର୍କ ଓ ବକ୍ତୃତା ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହିଅବସରରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ବିଜେଡି କର୍ମୀମାନେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ମେଡିକାଲ ଛକଠାରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସେହିପରି ସାଇ ସୋ ଗ୍ରୁପ ପକ୍ଷରୁ ମଧ୍ୟ ଗାନ୍ଧିଜୀ ସମେତ ବିଭିନ୍ନ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା।

### ବରିଷ୍ଠ ନାଗରିକ ମଞ୍ଚର ବୈଠକ

**ଦଶପଲ୍ଲା,୨।୧୦(ପ୍ରକାଶ କୁମାର ପାଣି):** ଦଶପଲ୍ଲା ବରିଷ୍ଠ ନାଗରିକ ମଞ୍ଚର ବୈଠକ ସାତପାଟଣା ଗୋପୀନାଥଜୀଉ ମନ୍ଦିରରେ ଅନୁଷ୍ଠିତ ହୋଇଥିଲା , ବରିଷ୍ଠ ନାଗରିକ ମଞ୍ଚର ସଭାପତି ପ୍ରାଣକୃଷ୍ଣ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକ ପରଲୋକଗତ ବରିଷ୍ଠ ସଦସ୍ୟଙ୍କ ପାଇଁ ଶୋକ ପ୍ରକାଶ କରାଯାଇଥିଲା। ଏଥିରେ ବରିଷ୍ଠ ନାଗରିକଙ୍କ ବିଭିନ୍ନ ସମସ୍ୟା, ମାସକୁ ୫ ଶହ ଟଙ୍କା ପରିବର୍ତ୍ତେ ୩ ହଜାର ଟଙ୍କା ଭତ୍ତା ପ୍ରଦାନ, ସେମାନଙ୍କୁ ବିଭିନ୍ନ କାର୍ଯ୍ୟକ୍ରମକୁ ସମ୍ମାନର ସହ ଡକାଯିବା, ଏକ ସଭାଗୃହ ନିମନ୍ତେ ଜାଗା ଯୋଗାଇ ଦେବା ଆଦି ୭ଦଫା ଦାବି ଉପରେ ଆଲୋଚନା ହୋଇଥିଲା। ଏଥିରେ ଡା. ଅନ୍ତର୍ଯ୍ୟାମୀ ଭୂୟାଁ, ଦିଲୀପ ମିଶ୍ର, ସୁରେନ୍ଦ୍ର ମିଶ୍ରଙ୍କ ସହ ବରିଷ୍ଠ ନାଗରିକମାନେ ଉପସ୍ଥିତ ଥିଲେ।

## କୁଞ୍ଜନଗଡ ଲୋକ କଳା ଗ୍ରାମର ଉତ୍ସବ

**ଦଶପଲ୍ଲା ୨।୧୦ (ପ୍ରକାଶ କୁମାର ପାଣି):** ସୋମବାର ଦଶପଲ୍ଲା କୁଞ୍ଜନଗଡ ଲୋକକଳା ଗ୍ରାମର ୪ର୍ଥ ସ୍ୱନକ୍ଷତ୍ର ଉତ୍ସବ ଦଶପଲ୍ଲା ଏନଏସି ପକ୍ଷରୁ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ରୂପେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ସମ୍ମାନୀତ ଅତିଥି ରୂପେ ଏନଏସି ଚେୟାରମେନ ପୁନମ ପ୍ରିୟଦର୍ଶନୀ, କାର୍ଯ୍ୟନିର୍ବାହୀ ଅଧିକାରୀ ସାମନ୍ତ ବିଶ୍ୱମ୍ବର ମହାପାତ୍ର, ବ୍ଲକ ଚେୟାରମେନ ସୁନନ୍ଦା ସାହୁ ସମେତ ବହୁ କାଉନସିଲର ଯୋଗଦାନ କରିଥିଲେ। ଏଥିରେ ବହୁ କଳାକାର ଏବଂ ସ୍ଥାନୀୟ ଜନସାଧାରଣ ଯୋଗଦାନ କରିଥିଲେ। ଉତ୍ସବରେ କଳାକାରମାନଙ୍କୁ ସମ୍ମାନୀତ କରାଯାଇଥିଲା। ଏହି ଉପଲକ୍ଷେ ଏକ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରିଥିଲା।



ଶୋଭାଯାତ୍ରାର ଦୃଶ୍ୟ

# ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାନାନ୍ତରକୁ ବିରୋଧ: ଅନଶନକୁ ୪ ଦିନ ବିତିଲା


ଅନଶନରତ କାଉନ୍‌ସିଲର ଓ ଅନ୍ୟମାନେ।

**ଖଣ୍ଡପଡ଼ା,୨।୧୦(ଅଜୟ କୁମାର ମହାରଣା):** ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ୟତ୍ର ସ୍ଥାନାନ୍ତରକୁ ବିରୋଧ କରି କାଉନ୍‌ସିଲର ସରୋଜ କୁମାର ପ୍ରଧାନ ଓ ସହଯୋଗୀମାନେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ୪ ଦିନ ହେଲା ଆମରଣ ଅନଶନରେ ବସି ରହିଛନ୍ତି। ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା, ରାଜନେତା ଓ ନେତ୍ରୀ, ଖଣ୍ଡପଡ଼ା ଯୁବକ ସଙ୍ଗଠନ, ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକ ଅନଶନରତ ଯୁବକମାନଙ୍କୁ ସମବେଦନା ଜଣାଇଥିବା ବେଳେ ଅଦ୍ୟାବଧି ସ୍ୱାସ୍ଥ୍ୟ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ନତୁବା ଜିଲା ପ୍ରଶାସନର କୌଣସି ଅଧିକାରୀ ଅନଶନସ୍ଥଳକୁ ଆସି ନ ଥିବା ଜଣାପଡ଼ିଛି। ନୟାଗଡ଼ ଜିଲାପାଳ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଏ ସମ୍ପର୍କରେ ଅବଗତ ଥିଲେ ହେଁ ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସ୍ୱାସ୍ଥ୍ୟ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଘଟଣାରେ ହସ୍ତକ୍ଷେପ କରିବାକୁ ଖଣ୍ଡପଡ଼ା ଅଞ୍ଚଳବାସୀ ଦାବି କରିଛନ୍ତି।

## ଓଡ଼ଗାଁ ଡାକ୍ତରଖାନାରେ ସ୍ୱଚ୍ଛତା ହିଁ ସେବା

**ଓଡ଼ଗାଁ,୨।୧୦(ଆଦର୍ଶ କୁମାର ପଟ୍ଟନାୟକ):** ନୟାଗଡ଼ ଜିଲା ଓଡ଼ଗାଁରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ତଥା ସେପ୍ଟମ୍ବର ୧୫ ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ଆୟୋଜିତ ସ୍ୱଚ୍ଛତା ପକ୍ଷୌତା ପାଳନ ଅବସରରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବ୍ୟାପକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରବିବାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦୀପକ ବଳ, ଡାକ୍ତର ନୀଳାଞ୍ଜନ ଦାସ, ଡାକ୍ତର ପ୍ରଣତି ମଞ୍ଜରୀ ଶର୍ମା ଓ ଡାକ୍ତର ତରୁଣ କୁମାର ସାଏଙ୍କ ସମେତ ସମସ୍ତ ଫାର୍ମାସିଷ୍ଟ, ନର୍ସିଂ ଷ୍ଟାଫ, ସଫେଇ କର୍ମଚାରୀ ସକାଳ ୧୦ ରୁ ୧୧ ପର୍ଯ୍ୟନ୍ତ ସାମୁହିକ ସଫେଇ କାର୍ଯ୍ୟରେ ସାମିଲ ହୋଇଥିଲେ । ଏହା ସହିତ ଏନସିସି କ୍ୟାଡେଟ, ଶିକ୍ଷକ,ଖବରଦାତା ଓ ସ୍ଥାନୀୟ ବୁଦ୍ଧିଜିବୀ ଏହି କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିବା ସହିତ ବର୍ଷ ସାରା ଏହାକୁ ବ୍ୟାପକ ଭାବେ ନିୟମିତ କରିବାକୁ ପଣ କରିଥିଲେ । ଏହା ସହିତ ପ୍ରତି ପଞ୍ଚାୟତ ଏବଂ କେତେଜଣ ସ୍ୱେଚ୍ଛାସେବୀ ସଙ୍ଗଠନ ମାଧ୍ୟମରେ ଏହି କାର୍ଯ୍ୟକ୍ରମକୁ ପାଳନ କରିବା ଅବସରରେ ସଫେଇ କାର୍ଯ୍ୟକୁ ପ୍ରାଧାନ୍ୟ ଦେବାକୁ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ଉଦ୍ୟମ କରାଯାଇଛି ।

## ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ସ୍ୱଚ୍ଛତା ହିଁ ସେବା ଅଭିଯାନ



ସ୍ୱଚ୍ଛଭାରତ ମିଶନ୍‌ରେ ଭାଜପା ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା ଓ ଅନ୍ୟମାନେ।

**ଖଣ୍ଡପଡା,୨।୧୦(ଅଜୟ କୁମାର ମହାରଣା):** ଆମ ପରିବେଶ ସୁସ୍ଥ ରହିଲେ ଆମେ ସୁସ୍ଥ ରହିବା ସତ୍ୟ ଅହିଁସାର ପଥ ପଦର୍ଶକ ଗାନ୍ଧିଜୀଙ୍କ ଜୟନ୍ତୀ ସାରା ଦେଶରେ ପାଳନ କରାଯାଉଛି। ଏହି ଅବସରରେ ଦେଶ ପାଳନ କରୁଛି ସ୍ୱଚ୍ଛତା ହିଁ ସେବା ଅଭିଯାନ। ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ମନ କି ବାତରେ ସାଧାରଣ ଜନତା ୧ ଘଣ୍ଟା ସାମୂହିକ ଶ୍ରମଦାନ କରିବା ନେଇ ନିବେଦନ କରିଥିଲେ। ଯାହାକୁ ନେଇ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀରେ ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡାଙ୍କ ସମେତ ଅନ୍ୟ କାର୍ଯ୍ୟକର୍ତ୍ତାଙ୍କ ସହଯୋଗରେ ସୋମବାର ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱଚ୍ଛତା ହିଁ କର୍ମ ଅନୁକ୍ରମରେ ଏହି କାର୍ଯ୍ୟକ୍ରମରେ ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ସହ ପଣ୍ଡା ଖଳିସାହି ନେଳିଆ ଛକ, ଖଳିସାହି ବଜାର, ସ୍କୁଲ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଓ ଦଶଦୋଳ ପଡିଆ ଆଦି ବିଭିନ୍ନ ସ୍ଥାନକୁ ସଫେଇ କରାଯାଇଛି। ଏତଦ୍‌ବ୍ୟତିତ ସାଧାରଣ ଜନତା କିପରି ନିଜ ପରିବେଶକୁ ସ୍ୱଚ୍ଛ ରଖିବେ ସେ ନେଇ ଜନସଚେତନତା କରାଯାଇଥିଲା। ତେବେ ଏହି ସ୍ୱଚ୍ଛତା ଅଭିଯାନରେ ସ୍ଥାନୀୟ ଜନସାଧାରଣ ସାମିଲ ହୋଇ କାର୍ଯ୍ୟକ୍ରମରେ ସହଯୋଗ କରିବା ସହ ନିଜ ନିଜ ଗାଁ ପରିଷ୍କାର ରଖିବେ ବୋଲି ସଂକଳ୍ପ କରିଥିଲେ। ପ୍ରତି ଗ୍ରାମରେ କିପରି ଡ଼ଷ୍ଟବିନର ବ୍ୟବହାର ହୋଇପାରିବ ସେ ନେଇ ପଣ୍ଡା ଉପସ୍ଥିତ ଜନସାଧାରଣ ବିଶେଷକରି ଯୁବପିଢିଙ୍କୁ ପରାମର୍ଶ ଦେଇଥିଲେ।

## ସରକାରଙ୍କ ଯୋଜନା ଗ୍ରାମାଞ୍ଚଳ ବରିଷ୍ଠ ନାଗରିକଙ୍କ ପାଖରେ ପହଞ୍ଚିପାରୁନି

**ଖଣ୍ଡପଡା,୨।୧୦(ଅଜୟ କୁମାର ମହାରଣା):** ଗ୍ରାମାଞ୍ଚଳର ବରିଷ୍ଠ ନାଗରିକମାନଙ୍କ ନିକଟରେ ସରକାରଙ୍କ ବିଭିନ୍ନ ଯୋଜନାମାନ ଠିକ୍ ଭାବରେ ପହଞ୍ଚି ପାରୁ ନ ଥିବା ବେଳେ ସେମାନଙ୍କୁ ସଚେତନତା କରିବା ଲକ୍ଷ୍ୟରେ ଖଣ୍ଡପଡା ତାଲୁକ ଆଇନ ସେବା କମିଟି ଆନୁକୂଲ୍ୟରେ ରବିବାର ପୂର୍ବାହ୍ନରେ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାଖା ଶିବ ସ୍ମୃତି ଭବନ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡା ବରିଷ୍ଠ ଦେୱାନୀ ସବ୍ ଜଜ୍ ବିଭୂତି ଭୂଷଣ ନାୟକ ଓ ସମ୍ମାନୀତ ଅତିଥି ଭାବେ ସରକାରୀ ଆଡଭୋକେଟ ଯୁଧିଷ୍ଠିର ସାହୁ, ଆଇନଜୀବି ଅରୁଣ କୁମାର ଦାସ, ହୃଦାନନ୍ଦ ବେହେରା, ସିଦ୍ଧାର୍ଥ ଶଙ୍କର ରାୟ ପ୍ରମୁଖ ଯୋଗଦେଇ ସିନିୟର ସିଟିଜେନ ଆକ୍ଟ ୨୦୦୭ ଓ ସରକାରଙ୍କ ପକ୍ଷରୁ ବରିଷ୍ଠ ନାଗରିକମାନଙ୍କ ପାଉଥିବା ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହାଛଡା ଅସହାୟ ଗରିବ ଜନସାଧାରଣଙ୍କୁ କିପରି ସର୍ବାଗ୍ରେ ନ୍ୟାୟ ପ୍ରଦାନ କରାଯାଇ ଆଇନ ସହାୟତା ଦିଆଯାଇ ପାରିବ ସେ ସମ୍ପର୍କରେ ବୁଝାଇବା ସହ ପ୍ରତ୍ୟେକ କ୍ଷେତ୍ରରେ ବରିଷ୍ଠ ନାଗରିକମାନଙ୍କ ପ୍ରତି ଅବହେଳା ପ୍ରଦର୍ଶନ ନ କରିବା ଏବଂ ସେମାନଙ୍କୁ ଆବଶ୍ୟକୀୟ ଆଇନ୍‌ଗତ ଓ ସାମାଜିକ ସୁରକ୍ଷା ଯୋଗାଇ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବୀ ଗିରିଜା ଶଙ୍କର ତରାସିଆ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ କ୍ଷେତ୍ରରେ ସ୍ୱାସ୍ଥ୍ୟଗତ ସମସ୍ୟା ଓ ପାରିବାରକ ସମସ୍ୟା ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ସମାଜକୁ ଦିଗ ଦର୍ଶନ ଦେଉଥିବା ଏହି ବରିଷ୍ଠ ନାଗରିକମାନଙ୍କୁ ଉଚିତ ସମ୍ମାନ ଦେବା ସହ ଆଇନରେ ଉଦ୍ଦିଷ୍ଟ ଥିବା ବିଭିନ୍ନ ଧାରା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ମହେନ୍ଦ୍ର କୁମାର ବାରିକ ସଂଯୋଜନା କରିଥିବା ବେଳେ ବରିଷ୍ଠ ନାଗରିକମାନଙ୍କ କର୍ତ୍ତବ୍ୟ ଓ ଅଧିକାର, ଆଇନର ସହାୟତା ଉପରେ ପ୍ରାରମ୍ଭିକ ଭାଷଣ ଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମକୁ ପ୍ରଜାପିତା ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ପରିଚାଳିକା ବିକେ ଜ୍ୟୋତ୍ସ୍ନା, ବିକେ ସିଲୁ, ବିକେ ଶିବାନୀ, ବିକେ ରଞ୍ଜିତା ଓ ବିକେ ଲୁସି ପରିଚାଳନା କରିଥିଲେ।

## ନାରାୟଣ ଉଚ୍ଚ ବିଦ୍ୟାଳୟରେ ୬୯ତମ ବନ୍ୟପ୍ରାଣୀ ସପ୍ତାହ

**ଶରଣକୁଳ, ୨।୧୦(ଦୀପକ କର):** ଶରଣକୁଳସ୍ଥିତ ନାରାୟଣ ଉଚ୍ଚ ବିଦ୍ୟାଳୟରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ସହ ୬୯ତମ ବନ୍ୟ ପ୍ରାଣୀ ସପ୍ତାହ–୨୦୨୩ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ କାଞ୍ଚନ ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ଶୋଭାଯାତ୍ରାରେ ବାହାରି ଗ୍ରାମ୍ୟ ପରିକ୍ରମା କରିଥିଲେ। ସେମାନେ ବନ୍ୟପ୍ରାଣୀଙ୍କ ସୁରକ୍ଷା ବାର୍ତ୍ତା ପ୍ରଚାର କରିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚରିଡା ରେଞ୍ଜର ସୁଶ୍ରୀ ଚନ୍ଦ୍ରମଣି ମୁର୍ମୁ, ଫରେଷ୍ଟର ସୁମନ୍ତ କୁମାର ପରିଡା, ମାନସ ସେଠି(ଏଫଜି), ସୁଶାନ୍ତ ନାୟକ(ଏଫଜି) ଏବଂ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ରଶ୍ମିରଞ୍ଜନ ମିଶ୍ର, ପ୍ରଜ୍ଞାକ୍ଷ ପାରମିତା ସାହୁ, ସିଆରସିସି ଗୋଦାବରୀ ବସନ୍ତରାଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକମାନେ ସହଯୋଗ କରିଥିଲେ। ମହାପୁରୁଷଙ୍କ ଫୋଟୋରେ ପୁଷ୍ପମାଲ୍ୟ ଅର୍ପଣ ପରେ ଛାତ୍ରୀଛାତ୍ରମାନଙ୍କୁ ବନ୍ୟପ୍ରାଣୀଙ୍କ ସୁରକ୍ଷା ଓ ସଂଖ୍ୟା ଅଭିବୃଦ୍ଧି ଏବଂ ସେମାନଙ୍କ ପାଇଁ ନାଗରିକର କର୍ତ୍ତବ୍ୟ ବିଷୟରେ ସୁଶ୍ରୀ ମୁର୍ମୁ ଉଦବୋଧନ ଦେଇଥିଲେ। ଶେଷରେ ଶିକ୍ଷକ ରଶ୍ମିରଞ୍ଜନ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।




## ଦାସିଆ ଅଜାଙ୍କ ପାଠାଗାରକୁ ଆସିଲା ପୁରାତନ ପୋଥି



ପୁରାତନ ପୋଥି ଦାସିଆ ଅଜାଙ୍କ ପାଠାଗାରକୁ ଜଣେ ବ୍ୟକ୍ତି ଦେଉଛନ୍ତି।

**ଖଣ୍ଡପଡ଼ା,୨।୧୦(ଅଜୟ କୁମାର ମହାରଣା):** ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଉଦୟପୁରରେ ଥିବା ଦାସରଥୀ ଲାଇବ୍ରେରୀ ଟ୍ରଷ୍ଟକୁ ୨ଶହ ବର୍ଷ ତଳର ୫ଟି ପୁରୁଣା ପୋଥି ଆସିଛି। ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ପଞ୍ଚାୟତସ୍ଥିତ ମଝିସାହି ପାଟଣା ଗ୍ରାମର ବରିଷ୍ଠ ନାଗରିକ ସୁଦର୍ଶନ ସାହୁ ରବିବାର ଉକ୍ତ ପୋଥି ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ବରିଷ୍ଠ ନାଗରିକ ଦିବସ ଅବସରରେ ଜିଲା ପ୍ରଶାସନ ପକ୍ଷରୁ ନୟାଗଡ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଡ଼ାଇମଣ୍ଡ ଜୁବୁଲି ହଲରେ ଆୟୋଜିତ ଏକ ସମ୍ମିଳନୀରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ଜିଲାପାଳ ରବିନ୍ଦ୍ର ନାଥ ସାହୁ, ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ ଓ ଖଣ୍ଡପଡା ପଠାଣି ସାମନ୍ତ ନାଗରିକ ଫୋରମ ସଭାପତି ଅଖିଳ କୁମାର ମହାରଣାଙ୍କ ଉପସ୍ଥିତରେ ଏହି ଦୁର୍ଲଭ ପୋଥି ସବୁକୁ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଅବସରପ୍ରାପ୍ତ ଶିକ୍ଷକ ସାହୁ ପ୍ରଦାନ କରିଛନ୍ତି ।

**ପୂର୍ବ ତଟ ରେଳପଥ**

ନିଲାମ କାଟ୍‌ଲଗ୍ ନଂ.PnU-T-KUR-23-24
ପେ ଆଣ୍ଡ୍ ୟୁଜ୍ ଶୌଚାଳୟ ପାଇଁ ଇ-ନିଲାମ

**ଷ୍ଟେସନ ଏବଂ ସ୍ଥାନ :** (1) କଟକ-ପେ ଆଣ୍ଡ ୟୁଜ୍ (P&U)ଶୌଚାଳୟ (ପ୍ଲାଟଫର୍ମ ନଂ.1, ଭଦ୍ରକ ସୀମାରେ), (2) ଯାଜପୁର କେନ୍ଦୁଝର ରୋଡ୍-ପେ ଆଣ୍ଡ ୟୁଜ୍ ଶୌଚାଳୟ (P&U) (ପ୍ରି-ଫାବ୍ରିକେଟେଡ୍) (ପରିଚଳନ କ୍ଷେତ୍ରରେ), (3) ଭଦ୍ରକ-ପେ ଆଣ୍ଡ ୟୁଜ୍ ଶୌଚାଳୟ (P&U) (ପ୍ଲାଟଫର୍ମ ନଂ.1 ଏବଂ 2, ମଧ୍ୟଭାଗରେ) ।

**ନିଲାମ ଆରମ୍ଭ ହେବା ତାରିଖ ଏବଂ ସମୟ :** ତା.13.10.2023 ରିଖ 1100 ଘଟିକାରେ (କ୍ରମ ସଂ.1, 2 ଏବଂ 3 ନିମନ୍ତେ) ।

**ନିଲାମ ଶେଷ ହେବା ତାରିଖ :** ତା.13.10.2023 ରିଖ (କ୍ରମ ସଂ.1, 2 ଏବଂ 3 ନିମନ୍ତେ) ଏବଂ ନିଲାମ ଶେଷ ହେବା ସମୟ : 1130 ଘଟିକାରେ (କ୍ରମ ସଂ.1 ପାଇଁ), 1140 ଘଟିକାରେ (କ୍ରମ ସଂ.2 ପାଇଁ) ଏବଂ 1150 ଘଟିକା(କ୍ରମ ସଂ.3 ପାଇଁ) ।

ନିଲାମ କାଟ୍‌ଲଗ୍ ନଂ.Prkng-KUR-23-47
ପାର୍କିଙ୍ଗ୍ ଷ୍ଟାଣ୍ଡ ପାଇଁ ଇ-ନିଲାମ

**ଷ୍ଟେସନ ଏବଂ ସ୍ଥାନ :** (1) ରାଜସୁନାଖଳା-2 ଚକିଆ (ଷ୍ଟେସନ ବିଲ୍ଡିଂର ବେସ୍‌ମେଣ୍ଟରେ), (2) ନିରାକାରପୁର - ମିଶ୍ରିତ - 2 ତଥା 4 ଚକିଆ (ପରିଚଳନ କ୍ଷେତ୍ର ନିକଟରେ) ।

**ନିଲାମ ଆରମ୍ଭ ହେବା ତାରିଖ ଏବଂ ସମୟ :** ତା.13.10.2023 ରିଖ 1300 ଘଟିକାରେ (କ୍ରମ ସଂ.1 ଏବଂ 2 ନିମନ୍ତେ) ।

**ନିଲାମ ଶେଷ ହେବା ତାରିଖ :** ତା.13.10.2023 ରିଖ (କ୍ରମ ସଂ.1 ଏବଂ 2 ନିମନ୍ତେ) ଏବଂ ନିଲାମ ଶେଷ ହେବା ସମୟ : 1330 ଘଟିକା (କ୍ରମ ସଂ.1 ପାଇଁ) ଏବଂ 1340 ଘଟିକା (କ୍ରମ ସଂ.2 ପାଇଁ) ।

ଦ୍ରଷ୍ଟବ୍ୟ: ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଶାୟୀ ବିଡ଼ରଙ୍କୁ ୱେବ୍‌ସାଇଟ୍ https://www.ireps.gov.in ର ଇ-ଅକ୍ସନ ଲିଜିଙ୍ଗ୍ ଟ୍ୟାବ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ଖୋର୍ଦ୍ଧା ରୋଡ଼
PR-634/O/23-24

# କେଏନ୍‌ଡିଏ: ସ୍ୱପ୍ନ ହୋଇଛି ଉନ୍ନୟନ କାର୍ଯ୍ୟ

ଯାଜପୁର,୨।୧୦(ହର୍ଷବର୍ଦ୍ଧନବେହେରା):

■ ୪ ବର୍ଷ ହେଲା ଅପଡେଟ ହେଲାନି ୱେବ୍‌ସାଇଟ୍
■ କେଏନ୍‌ଡିଏ ୱେବ୍‌ସାଇଟରେ ଏବେବି ଜିଲାପାଳ ରଞ୍ଜନ କୁମାର ଦାସ
■ ଟ୍ରାଫିକ ସମସ୍ୟା ଉତ୍କଟ, ରାସ୍ତା ପାର ହୋଇ ଚାଲିଛି କିଣାବିକା

ବଡ଼ ବଡ଼ ସ୍ୱପ୍ନ ଦେଖିବା ଭଲ, ହେଲେ ତାହାକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରୟାସ କଲେ ସଫଳତା ମିଳେ। ହେଲେ ଏଠି ଖାଲି ସ୍ୱପ୍ନ ଦେଖାଯାଉଛି, କ'ଣ ନା କଳିଙ୍ଗନଗର ଉନ୍ନୟନ ପରିଷଦ(କେଏନ୍‌ଡିଏ) ଭାବେ ଯାଜପୁର ରୋଡ ସହର ପରିଣତ ହେବ। କିନ୍ତୁ ବାସ୍ତବ ହେଲା କେଏନଡିଏର କମ୍ପ୍ରେହେନସିଭ ଡେଭ୍‌ଲପମେଣ୍ଟ ପ୍ଲାନ(ସିଡିପି)କୁ ଅନୁମୋଦନ ମିଳିବାର ପ୍ରାୟ ୮ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିବାବେଳେ ଏବେବି ଯୋଜନାବିହୀନ ସହର ନିର୍ମାଣ ଚାଲିଥିବା ଦେଖିବାକୁ ମିଳିଛି। ରାସ୍ତା ଉପରେ ବଡ଼ବଡ଼ ଶପିଂ ମଲ୍ ନିର୍ମାଣ ଚାଲିଛି, କିନ୍ତୁ ସେଥିରେ ପାର୍କିଂ ସୁବିଧା ନାହିଁ। ପାର୍କିଂସ୍ଥାନଠାରୁ ଲୋକେ ବ୍ୟସ୍ତବହୁଳ ରାସ୍ତା ପାର ହୋଇ ମଲ୍‌କୁ ଯାଉଛନ୍ତି। ଅଗ୍ନି ନିର୍ବାପନ ବ୍ୟବସ୍ଥା ନ ଥିବା ଓ ପାର୍କିଂ ସମସ୍ୟା ଉପୁଜୁଥିବା ଅଭିଯୋଗ ହେଉଥିବା ସତ୍ତ୍ୱେ କେଏନ୍‌ଡିଏ କର୍ତ୍ତୃପକ୍ଷ ନୀରବ ରହିଛନ୍ତି। ଯାଜପୁରରୋଡ୍ ସହରକୁ ଏକ ସମନ୍ୱିତ ଯୋଜନାବଦ୍ଧ ସହରରେ ପରିଣତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ କେଏନ୍‌ଡିଏର କାର୍ଯ୍ୟ ଏଭଳି ଢଙ୍ଗରେ ଚାଲିଥିବା ମତପ୍ରକାଶ ପାଇଛି।

ଏପରିକି କେଏନ୍‌ଡିଏର ୱେବ୍‌ସାଇଟ୍‌କୁ ୪ ବର୍ଷ ହେଲା ଅପ୍‌ଡେଟ କରାଯାଇ ନ ଥିବାରୁ ଏବେବି ଯାଜପୁର ଜିଲାପାଳ ଏବଂ କେଏନ୍‌ଡିଏର ଭାଇସ ଚେୟାରମ୍ୟାନ ଭାବେ ରଞ୍ଜନ କୁମାର ଦାସଙ୍କ ନାମ ରହିଛି। ଏହାବାଦ୍ ୱେବସାଇଟ୍‌ରେ କେଏନ୍‌ଡିଏର ଚ୍ୟାୟରମେନ ସଞ୍ଜୀବ ଚୋପ୍ରା ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗର ସଚିବ ଭାବେ ଜି.ମାଥିଭାଥନନ୍‌ଙ୍କ ନାମ ଦେଖିବାକୁ ମିଳିଛି। ୱେବସାଇଟ୍ ଯଦି ୪ ବର୍ଷ ହେବ ଅପ୍‌ଡେଟ ହୋଇ ପାରୁନାହିଁ, ତେବେ କେଏନ୍‌ଡିଏର ପରିକଳ୍ପନା କେତେଦୂର ସଫଳ ହେବ ତାହା ଜଳଜଳ ହୋଇ ଦିଶୁଛି ବୋଲି ମତପ୍ରକାଶ ପାଇଛି।

କେଏନ୍‌ଡିଏ ଅଧୀନରେ ବୃହତ୍ କଳିଙ୍ଗନଗର ସହରାଞ୍ଚଳ ପ୍ରତିଷ୍ଠା ନିମନ୍ତେ ରାସ୍ତା, ଗମନାଗମନ, ପରିବହନ, ପାନୀୟଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ,




ଡ୍ରେନେଜ, ବିମାନ ବନ୍ଦର, ଆଧୁନିକ ବସଷ୍ଟାଣ୍ଡ ଇତ୍ୟାଦି ପ୍ରତିଷ୍ଠା ପାଇଁ ସିଡିପି ପ୍ରସ୍ତୁତ ହୋଇଛି। କିନ୍ତୁ ଅଭିଯୋଗ ହେଉଛି, ଆବଶ୍ୟକ ନିରୀକ୍ଷଣ କରା ନ ଯାଇ ନିର୍ମାଣ ନିମନ୍ତେ ଉଦ୍ଦିଷ୍ଟ ପ୍ଲାନ୍‌କୁ ହାତଗୁଞ୍ଜା ଦେଇ ମଞ୍ଜୁର କରାଯାଉଛି। ଏପରିକି ଆଇନଗତ ପରିସରଭୁକ୍ତ ହେଉ ନ ଥିଲେ ହେଁ ବଡ଼ବଡ଼ ଶପିଂମଲ, କୋଠା ଆଦିକୁ ନିର୍ମାଣ ପାଇଁ ଅନୁମତି ମିଳୁଛି। ଫଳରେ ସହରର ବିଭିନ୍ନ ମୁଖ୍ୟରାସ୍ତାରେ ବେଆଇନ ପାର୍କିଂ ବଢୁଛି ଏବଂ ଟ୍ରାଫିକ ସମସ୍ୟା ଉତ୍କଟ ହେଉଛି।

କଳିଙ୍ଗନଗର ଶିଳ୍ପାଞ୍ଚଳରେ ଗୋଟିଏ ପରେ ଗୋଟିଏ ଶିଳ୍ପ କାରଖାନା ପାଦ ଥାପୁଛନ୍ତି। ଏହିକ୍ରମରେ କେଏନ୍‌ଡିଏର ଭୌଗୋଳିକ ସୀମା ଓ ଲୋକସଂଖ୍ୟା ହୁହୁ ହୋଇ ବଢ଼ିଚାଲିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସିଡିପି ପ୍ରସ୍ତୁତ କରିଛନ୍ତି। ଓଡ଼ିଶା ଡେଭଲପ୍‌ମେଣ୍ଟ ଆକ୍ଟ-୧୯୮୨ ଅନୁଯାୟୀ ୪।୯।୨୦୧୫ରେ ସିଡିପିକୁ ଅନୁମୋଦନ କରାଯାଇଛି। ୪୫୮.୭୮ ବର୍ଗ କିଲୋମିଟର ଅଞ୍ଚଳରେ ୧୬୧ଟି ଗ୍ରାମକୁ ସାମିଲ କରାଯାଇଛି। ପ୍ରଥମ ୫ ବର୍ଷରେ ୧୨୩୫ କୋଟି ଟଙ୍କା ଓ ୨୦୩୦ ମସିହା ସୁଦ୍ଧା ୬୬,୧୩୯କୋଟି ଟଙ୍କା ବ୍ୟୟ କରିବାକୁ ଯୋଜନା ରହିଛି। କିନ୍ତୁ ଏହାର ଅଗ୍ରଗତି ନୈରାଶ୍ୟଜନକ ରହିଛି। ଚୋର୍ଦ୍ଧାଛକ, ଚୋର୍ଦ୍ଧା ଗୋଲେଇ, ଗୋପବନ୍ଧୁ ଛକ, ବ୍ୟାଙ୍କ ଷ୍ଟ୍ରିଟ୍, ବସଷ୍ଟାଣ୍ଡ ବାଇପାସ୍ ଆଦି ନିକଟରେ ଶପିଂମଲ୍ ନିର୍ମାଣ ହୋଇଛି। ହେଲେ ଏହି ଶପିଂମଲ ଚାଲିଥିବା ଅଧିକାଂଶ ବିଲ୍‌ଡିଂରେ ପାର୍କିଂ ସମସ୍ୟା ଉପୁଜୁଥିବା ଅଭିଯୋଗ ହେଉଛି । ସେହିପରି ଗୋପବନ୍ଧୁ ଛକଠାରୁ ଚୋର୍ଦ୍ଧାଛକ ଓ ବସଷ୍ଟାଣ୍ଡ ରାସ୍ତାରେ ମଧ୍ୟ ଗଢ଼ିଉଠିଥିବା ଦୋକାନ ଓ ବଡ଼ ହୋଟେଲଗୁଡ଼ିକରେ ଅବ୍ୟବସ୍ଥା ଲାଗି ରହିଥିବା ଅଭିଯୋଗ ହୋଇଛି। ୧୭।୩।୨୦୧୮ରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସିଡିପିର କ୍ଷମତାସମ୍ପନ୍ନ କମିଟି ବୈଠକରେ ବିଭିନ୍ନ କାର୍ଯ୍ୟ ଯୋଜନା ହାତକୁ ନିଆଯାଇଛି। ହେଲେ ଆଜି ପର୍ଯ୍ୟନ୍ତ କୌଣସି ଆଖିଦୃଶିଆ କାର୍ଯ୍ୟ ହୋଇ ପାରିନାହିଁ। ଏ ସଂକ୍ରାନ୍ତରେ କେଏନ୍‌ଡିଏ ସଚିବ ତଥା ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରେ ସେ କହିଛନ୍ତି, କଳିଙ୍ଗନଗର ଉନ୍ନୟନ କାର୍ଯ୍ୟ ଇଡ୍‌କୋ ଜରିଆରେ ଚାଲିଛି। ପ୍ଲାନିଂ ଅନୁସାରେ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଇଡ୍‌କୋ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦିଆଯାଉଛି।




ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସ୍ୱର୍ଣ୍ଣଲତା



@ ରାଜା



@ ଜ୍ୟୋତିରଞ୍ଜନ



@ ସନ୍ତୋଷ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଲୋକେ ପିଉଛନ୍ତି ଖୋଲା ନଦୀ ଅପମିଶ୍ରିତ ଜଳ





ସୋଲାର ଜଳ ଯୋଗାଣ ପ୍ରକଳ୍ପ ଷ୍ଟାଣ୍ଡ ଅଚଳ । ବତିଘର ପଞ୍ଚାୟତ ଦକ୍ଷିଣ ଖୋଲା ନଦୀକୂଳ ବାସିନ୍ଦା ପିଉଛନ୍ତି ନଦୀରୁ ପାଣି ଘରକୁ ନେଉଛନ୍ତି ।

ମହାକାଳପଡ଼ା,୨।୧୦(ପ୍ରତାପ ଚନ୍ଦ୍ର ସ୍ୱାଇଁ)

■ ସୋଲାର ପାନୀୟ ଜଳ ପ୍ରକଳ୍ପ ଅଚଳ
■ ନଦୀରେ କୁମ୍ଭୀର ଭୟ
■ ଅଭିଯୋଗକଲେ ସ୍ଥାନୀୟ ମହିଳା

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ନଦୀ ନାଳ ଘେରା ଉପାନ୍ତ ବତିଘର ପଞ୍ଚାୟତ ଦକ୍ଷିଣ ଖୋଲା ନଦୀକୂଳ ବାସିନ୍ଦାଙ୍କ ପାଇଁ ପାନୀୟ ଜଳ ସମସ୍ୟା ଉପୁଜିଛି। ଏହି ଅଞ୍ଚଳରେ ସ୍ଥାପନ ହୋଇଥିବା ସୋଲାର ପାନୀୟ ଜଳ ପ୍ରକଳ୍ପ ଅଚଳ ହୋଇପଡିଛି। ପ୍ରକଳ୍ପ ଅଚଳ ଯୋଗୁ ବାଧହୋଇ ଖୋଲା ନଦୀ ଅପମିଶ୍ରିତ ଜଳକୁ ପାନୀୟ ଜଳ ରୂପେ ଗ୍ରହଣ କରୁଛୁ ବୋଲି ସ୍ଥାନୀୟ ମହିଳାମାନେ ଅଭିଯୋଗ କରିଛନ୍ତି। ବର୍ଷାଦିନରେ ଖୋଲା ନଦୀରେ କୁମ୍ଭୀର ଆକ୍ରମଣ ଭୟ ଥିବାରୁ ସତର୍କତା ସହକାରେ ନଦୀରୁ ପାନୀୟ ଜଳ ସଂଗ୍ରହ କରୁଛୁ ବୋଲି କହିଛନ୍ତି ଭାରତୀ ମଣ୍ଡଳ , ଶ୍ରୀମତୀ ମଣ୍ଡଳଙ୍କ ସମେତ ଅନ୍ୟମାନେ। ସ୍ଥାନୀୟ ସରପଞ୍ଚଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କିଛି ପାନୀୟ ଜଳ ସମସ୍ୟା ସମାଧାନ ହୋଇପାରିନାହିଁ। ତେବେ ଏହି ଖୋଲା ନଦୀ ମହାନଦୀ ଶାଖା ହୋଇଥିବାରୁ ନିକଟସ୍ଥ ପାରାଦୀପ ଶିଳ୍ପାଞ୍ଚଳର ବର୍ଜ୍ୟବସ୍ତୁ ନଦୀରେ ମିଶିବା ଯୋଗୁ ବିଷାକ୍ତରେ ପରିଣତ ହେଉଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଏହି ବିଷାକ୍ତ ଜଳକୁ ପାନୀୟ ଜଳ ରୂପେ ଗ୍ରହଣ କରୁଥିବ ଶିଶୁ, ଗର୍ଭବତୀମାନେ ସଂକ୍ରମିତ ରୋଗ ହେବା ଆଶଙ୍କା ରହିଛି। ଅପରପକ୍ଷରେ ଖୋଲା ନଦୀରେ ବହୁସଂଖ୍ୟାରେ କୁମ୍ଭୀର ଦେଖିବାକୁ ମିଳେ ବୋଲି ଶ୍ରୀମତୀ ମଣ୍ଡଳ କହିଛନ୍ତି। ପିଇବା ପାଣି ପାଇଁ ନଦୀରୁ ଆଣୁଥିବା ସମୟରେ ଯଦି କୁମ୍ଭୀର ଆକ୍ରମଣରେ ଶିକାର ହେଉ ତା'ହେଲେ ଏଥିପାଇଁ ଉତ୍ତରଦାୟୀ କିଏ ରହିବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି। ଏ ସମ୍ପର୍କରେ ବ୍ଲକ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ସୁବ୍ରତ କୁମାର ସାହୁଙ୍କୁ ପଚାରିବାରେ ସୋଲାର ପାନୀୟ ଜଳ ପ୍ରକଳ୍ପ ଅଚଳ ହେବା ନେଇ ଖବର ଜାଣି ନ ଥିଲୁ। ତୁରନ୍ତ ସମାଧାନ କରିବା ପାଇଁ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ପୋଖରୀରୁ ଧରାହେଲା ୧୪ ଫୁଟର କୁମ୍ଭୀର

ରାଜନଗର, ୨।୧୦ (ଭାସ୍କର ରାଉତରାୟ)

ପୋଖରୀକୁ ପଶି ଆସି ଆତଙ୍କ ସୃଷ୍ଟି କରିଥିବା ୧୪ ଫୁଟର କୁମ୍ଭୀର ଶେଷରେ ଧରା ପଡ଼ିଛି। ଦୀର୍ଘ ୫ ଘଣ୍ଟା ଧରି ବନ ବିଭାଗ କର୍ମଚାରୀଙ୍କ କସରତ ପରେ ୧୪ ଫୁଟର କୁମ୍ଭୀରକୁ କାବୁ କରିଛନ୍ତି।

ସୂଚନା ମୁତାବକ, ରବିବାର ରାତିରେ ରାଜନଗର ବ୍ଲକ ଯଦୁଚନ୍ଦ୍ରପୁର ଗାଁର କାଙ୍ଗାଳି ପାତ୍ରଙ୍କ ବାଡ଼ିରେ ଥିବା ପୋଖରୀରେ ଏକ ବିରାଟକାୟ କୁମ୍ଭୀରକୁ ଦେଖିବାକୁ ମିଳିଥିଲା। କୁମ୍ଭୀରଟି ପୋଖରୀରୁ ଉଠି ଆସି ପୋଖରୀ ହୁଡ଼ାରେ ଶୋଇ ରହିଥିଲା। କାଙ୍ଗାଳିଙ୍କ ପରିବାର ଲୋକେ ପୋଖରୀ ପାଖକୁ ଯାଇଥିବା ବେଳେ କୁମ୍ଭୀରକୁ ଦେଖି ଚିତ୍କାର କରିଥିଲେ। ଗ୍ରାମବାସୀ ସେଠାରେ ପହଞ୍ଚି ଏ ନେଇ ବନ ବିଭାଗକୁ ଖବର ଦେଇଥିଲେ। ଏସିଏଫ୍ ଗଗନ ବିହାରୀ ମଲ୍ଲିକ, ଫରେଷ୍ଟର ବିଜୟ କୁମାର ପାତ୍ର ରାତିରେ ସେଠାରେ ପହଞ୍ଚି କୁମ୍ଭୀରକୁ ଦେଖିବା ପରେ ଧରିବା ପାଇଁ ଯୋଜନା କରିଥିଲେ। ଡାଙ୍ଗମାଳ ରେଞ୍ଜର ରେସ୍କ୍ୟୁ ସ୍କ୍ୱାଡ୍ ଯଶୋବନ୍ତ ବେହେରାଙ୍କ ନେତୃତ୍ୱରେ ସଞ୍ଜୟ ଦଳାଇ, ଅର୍ଜୁନ ଦଳାଇ, ନିର୍ମଳ ଦଳାଇ, ରଞ୍ଜିତ ବେହେରା, ଚନ୍ଦ୍ରମଣି ବେହେରା, ଭାଗୀରଥି ସିଂ ପ୍ରମୁଖ ସେଠାରେ ପହଞ୍ଚି ଜାଲ ମାଧ୍ୟମରେ କୁମ୍ଭୀରକୁ ଧରିବାରେ ସକ୍ଷମ ହୋଇଥିଲେ। ରାତି ୧୦ଟାରୁ ୩ଟା ଯାଏ ଦୀର୍ଘ ୫ ଘଣ୍ଟାର କସରତ ପରେ କୁମ୍ଭୀରଟି ଧରାପଡ଼ିଥିଲା। କୁମ୍ଭୀର ଧରା ପଡ଼ିବା ପରେ ତାକୁ ବାଉଁଶଗଡ ନଈରେ ଛାଡି ଦିଆଯାଇଛି। ଯଦୁଚନ୍ଦ୍ରପୁର ଗାଁ ହଂସୁଆ ନଦୀ କୂଳରେ ଅବସ୍ଥିତ। ନଦୀଠାରୁ ୪ ଶହ ମିଟର ଦୂରରେ ଥିବା ଏହି ପୋଖରୀ ହୁଡାରେ କୁମ୍ଭୀରକୁ ଦେଖିବାକୁ ମିଳିଥିଲା। ଗତ ୩ ମାସ ତଳେ ଏହି ପଞ୍ଚାୟତର ହାତିଆଗଡି ଗାଁର ଜଣେ ମହିଳାଙ୍କୁ କୁମ୍ଭୀର ଟାଣି ନେଇଥିଲା।



ଧରାପଡ଼ିଥିବା କୁମ୍ଭୀର।

# ବ୍ୟାସନଗରର ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ନେଇ ଜିଲାପାଳଙ୍କ ସମୀକ୍ଷା

ଯାଜପୁରରୋଡ,୨।୧୦
(ପବିତ୍ର ରଞ୍ଜନ ମହାନ୍ତି):

ସୋମବାର ପୂର୍ବାହ୍ନରେ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର,ଯାଜପୁର ଜିଲା ଆରକ୍ଷୀ ଅଧୀକ୍ଷକ ଭୀନିତ ଅଗ୍ରୱାଲ ,ଯାଜପୁର ବିଧାୟକ ତଥା ରାଜ୍ୟ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ,କୋରେଇ ବିଧାୟକ ଅଶୋକ କୁମାର ବଳ ବ୍ୟାସନଗର ଆସି ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ନେଇ ସମୀକ୍ଷା କରିବା ସହିତ ତୁରନ୍ତ କାର୍ଯ୍ୟ ଶେଷ କରିବାକୁ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଥମେ ବ୍ୟାସଦେବ ସନ୍ତରାଠାରେ ଥିବା ସଂସ୍କୃତି ଭବନ ପରିସରରେ ରହିଥିବା ଫୁଡ଼ କୋର୍ଟ,ମିଶନ ଶକ୍ତି କାଫେ ଏବଂ ଉଦ୍ୟାନର ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ଶେଷ କରିବାକୁ ଜିଲାପାଳ ଓ ବିଧାୟକମାନେ ଗୁରୁତ୍ୱରୋପ କରିଥିଲେ । ଏହାପରେ ସେମାନେ ସଂସ୍କୃତି ଭବନ ବୁଲି ଦେଖିଥିଲେ । ପରେ ଦଳା ବାଇପାସ୍ ଛକରେ ଥିବା ବ୍ୟାସଦେବ ଟାଉନ ହଲରେ ପହଞ୍ଚି ଇମ୍ଫା ସହଯୋଗରେ ନିର୍ମାଣଧୀନ ହଲ ବୁଲି ଦେଖିବା ସହିତ ତୁରନ୍ତ କାର୍ଯ୍ୟ ଶେଷ କରିବାକୁ ତାଗିଦା କରିଥିଲେ।



ବ୍ୟାସ ସରୋବର ପ୍ରକଳ୍ପକୁ ବୁଲି ଦେଖୁଛନ୍ତି ଜିଲାପାଳ ଓ ବିଧାୟକ।

ପରେ ଏନ୍‌ଜିଟି ଫାସରେ ପଡି କିଛି ଫ୍ଲାଟରେ ରହିତାଦେଶ ରହିବା ପରେ ଏବେ କ୍ଲିନଚିଟ୍ ମିଳିଥିବା ପୁରାଣ ପ୍ରସିଦ୍ଧ ବ୍ୟାସ ସରୋବର ପ୍ରକଳ୍ପ କାର୍ଯ୍ୟ ବୁଲି ଦେଖିଥିଲେ । ସୂଚନାଯୋଗ୍ୟ, ବ୍ୟାସ ସରୋବର ପ୍ରକଳ୍ପ କାର୍ଯ୍ୟ ବିନା ପରିବେଶ ଅନୁମତି ଏବଂ ଜଙ୍ଗଲ ଆଇନ ବଳରେ ହେଉଥିବା ନେଇ ମାମଲା ରୁଜୁ ହେବା ପରେ ୩୦। ୧।୨୦୨୩ରେ ଯାଜପୁର ଜିଲାପାଳ ଏବଂ ଡିଏଫ୍‌ଓ ଏନେଇ ନିଜର ମତ ରଖିଥିଲେ । ଉଭୟପକ୍ଷଙ୍କ ମତକୁ ତର୍ଜମା କରି ଏନ୍‌ଜିଟି ବ୍ୟାସ ସରୋବର ପ୍ରକଳ୍ପ କାର୍ଯ୍ୟରୁ ସମସ୍ତ ପ୍ରତିବନ୍ଧକ ହଟାଇଥିଲେ। ଏବେ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହେବା ସହିତ ଆଗାମୀ ୬ ମାସ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ନେଇ ଯାଜପୁର ଜିଲାପାଳ ମତ ଦେଇଛନ୍ତି ।

# ନିର୍ମାଣାଧୀନ ୭ ପ୍ରକଳ୍ପ ଅଧୀନରେ ୧୦୦୪ ଗାଁ

କେନ୍ଦ୍ରାପଡ଼ା, ୨।୧୦ (ଜଗନ୍ନାଥ ଧଳ)

■ ବିଶୁଦ୍ଧ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ ଶେଷ ଦାବି
■ ବ୍ୟୟ ବରାଦ ୮୮୬ କୋଟି, କାର୍ଯ୍ୟକାରୀ ନାହିଁ
■ ଶତ ପ୍ରତିଶତ ଟ୍ୟାପ୍ ପାଣି ସଂଯୋଗରେ ମାତ୍ର ଏକ ପଞ୍ଚାୟତ

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ବତିଘର ପଞ୍ଚାୟତରେ ମିଳୁଥିବା ପାଣି ଲୁଣିଆ। ରାଜକନିକା ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ଏହି ସମସ୍ୟା ଅଛି। ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବା ପାଇଁ ପ୍ରତ୍ୟହ ଅଞ୍ଚଳବାସୀ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ପହଞ୍ଚୁଛନ୍ତି। କେନ୍ଦ୍ର ସରକାରଙ୍କ ପ୍ରଥମ ପର୍ଯ୍ୟାୟ ଚିହ୍ନଟ ସମୟରେ ରାଜ୍ୟର ଏକମାତ୍ର ଜଳ ସଙ୍କଟ ଜିଲାର ପରିଚିତି ପାଇଥିବା ଏହି ଜିଲା ପାନୀୟ ଜଳ ଯୋଗାଣ ପ୍ରକଳ୍ପରୁ ଲାଭ ଉଠାଇବାରେ ସମ୍ପୂର୍ଣ୍ଣ ସକ୍ଷମ ହୋଇନାହିଁ। ଜିଲାର ମୋଟ ୧୫୯୧ ରାଜସ୍ୱ ଗ୍ରାମ ମଧ୍ୟରୁ ନିର୍ମାଣାଧୀନ ଓ ପ୍ରସ୍ତାବିତ ୭ ପାନୀୟ ଜଳ ଯୋଗାଣ ପ୍ରକଳ୍ପରେ ୧୦୦୪ ଗ୍ରାମ ଅଦ୍ୟାବଧି ଉପକୃତ ହୋଇନାହାନ୍ତି। ୮୮୬.୨୮ କୋଟି ଟଙ୍କା ଏଥିପାଇଁ ବ୍ୟୟ ବରାଦ ହୋଇଥିଲେ ମଧ୍ୟ କାର୍ଯ୍ୟକାରୀ ହୋଇ ନ ଥିବାରୁ ଗ୍ରାମବାସୀ ପିଇବା ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ଏପରିକି ଜଳଜୀବନ ମିଶନ ତଥ୍ୟ ଅନୁଯାୟୀ ଜିଲାର ୨୪୯ ପଞ୍ଚାୟତ ମଧ୍ୟରୁ ମାତ୍ର ଗୋଟିଏ ଅର୍ଥାତ୍ ପଟ୍ଟାମୁଣ୍ଡାଇ ବ୍ଲକ ଅଣ୍ଡରା ପଞ୍ଚାୟତରେ ଶତ ପ୍ରତିଶତ ଘରକୁ ଟ୍ୟାପ୍ ସଂଯୋଗ ହୋଇଛି। ଏହି ଜିଲାରେ ମୋଟ ୩୦୪୭୨୫ ଘର ଅଛି। ଏଥିମଧ୍ୟରୁ ୧୫୬୯୦୫ ଘରକୁ ପାଇପ ଯୋଗେ ଜଳ ଯୋଗାଣ ହେଉଥିବା ଦର୍ଶାଯାଇଛି। ମୋଟ ୧୨୯ ଗ୍ରାମକୁ ଶତପ୍ରତିଶତ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଥିବା ବେଳେ ଅବଶିଷ୍ଟ ଅଞ୍ଚଳରେ ଟ୍ୟାପ୍ ସଂଯୋଗ ସମସ୍ୟା ରହିଛି।

୨୦୧୮ ନଭେମ୍ବର ୮ରେ ମହାକାଳପଡ଼ା ଓ ମାର୍ଶାଘାଇ ବ୍ଲକର ୨୦୦ ଗ୍ରାମକୁ ପାନୀୟ ଜଳ ଯୋଗାଣ ପାଇଁ ମେଗା



ପ୍ରକଳ୍ପ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିଳାନ୍ୟାସ କରିଥିଲେ। ଏଥିପାଇଁ ମୋଟ ୨୪୧.୩୭ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିଲା। ସେହିପରି ଖରସ୍ରୋତା ପାଣି ବିବାଦ ସୃଷ୍ଟିହେବାରୁ ରାଜ୍ୟ ସରକାର ୨୦୨୧ରେ ଆଳିର ୧୨୬ ଗାଁ ପାଇଁ ୧୧୩.୭୨ କୋଟି ଟଙ୍କା ଓ ରାଜକନିକାରେ ୧୫୬ ଗ୍ରାମ ପାଇଁ ୧୧୪.୧୯ କୋଟି ଟଙ୍କା ବ୍ୟୟରେ ୨ ପ୍ରକଳ୍ପ ମଞ୍ଜୁର କରିଛନ୍ତି। ଅଗଷ୍ଟରେ ପଟ୍ଟାମୁଣ୍ଡାଇର ୧୩୮ ଗ୍ରାମ, ରାଜନଗରର ୨୪୯ ଗ୍ରାମ, ଗରଦପୁରର ୧୩୫ ଗ୍ରାମ ପାଇଁ ୩ ପ୍ରକଳ୍ପ ହେବ ବୋଲି ପ୍ରସ୍ତାବ ପାରିତ ହୋଇଛି। ଏଥିରେ ମୋଟ ୪୧୭ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ମଞ୍ଜୁରୀ ମିଳିଛି। ତେବେ ଏହା କାର୍ଯ୍ୟକାରୀ ହେଉ ନ ଥିବା ନେଇ ମତ ପ୍ରକାଶ ପାଇଛି।

ଏ ସମ୍ପର୍କରେ ସାମାଜିକ କର୍ମୀ ପ୍ରତାପ କୁମାର ତ୍ରିପାଠୀ, ଡ. ପି.ଏନ୍. ଗୌରାଙ୍ଗ, ପ୍ରକାଶ କୁମାର ଦାସ, ଆଶିଷ କୁମାର ଦାଶ ପ୍ରମୁଖ କହିଛନ୍ତି, ପାନୀୟ ଜଳ ଯୋଗାଣ ପରି ମୌଳିକ ସମସ୍ୟାର ସମାଧାନକୁ ସ୍ଥାନୀୟ ରାଜନେତା ଓ ପ୍ରଶାସନିକ ଅଧିକାରୀ ଗୁରୁତ୍ୱ ଦେଉନାହାନ୍ତି। ଏହି ଜିଲା ଉପାନ୍ତରେ ଥିବା ୭ ବ୍ଲକ ଅଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ପାଇବା କଷ୍ଟକର ହୋଇଛି। ଲୁଣା ଜଳ ମିଳିବା ସହ ଫୋଲାରାଇଡ ପରି ଉପାଦାନ ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ଏହାବ୍ୟତୀତ ଏହି ୭ ବ୍ଲକ ଅଞ୍ଚଳର ଭୂତଳ ଜଳ ପରିମାଣ କ୍ରମାଗତ ଭାବେ ହ୍ରାସ ପାଉଥିବା ଜିଲା, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସର୍ଭେ ରିପୋର୍ଟରେ ଉଲ୍ଲେଖ ଅଛି। ଜିଲାରେ ୭ ନଦୀ ପ୍ରବାହିତ ହେଉଥିଲେ ମଧ୍ୟ ଏହାର ମଧୁରଜଳକୁ ଜିଲାବାସୀଙ୍କ ପାଇଁ ଉପଯୋଗୀ କରାଯାଉନାହିଁ। କୋଷ୍ଟାଲ କେନାଲ ଦ୍ୱାରା ନଦୀ ସଂଯୋଗୀକରଣ ମାଧ୍ୟମରେ ଏହାର ବ୍ୟବହାର କରିବା ଆବଶ୍ୟକ। ଜିଲାରେ ଜଳସଙ୍କଟ ଥିବା ବେଳେ ଏଠାରେ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ପାଇଁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲଙ୍କୁ ପଚାରିବାରେ ଏନ୍‌ଜିଟି ମାମଲା ପାଇଁ ମଣିକୁଣ୍ଡା ଜଳ ପ୍ରକଳ୍ପ ନିର୍ମାଣରେ ବିଳମ୍ବ ହୋଇଛି। ୭ଟି ମଧ୍ୟରୁ ନିର୍ମାଣାଧୀନ ୨ଟି ପ୍ରକଳ୍ପ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ସେ କହିଛନ୍ତି।

# ଲାଗୁ ହେଲା ନାହିଁ ପାର୍ବଣ କଟକଣା

ନୟାଗଡ,୨।୧୦(ଲୋକନାଥ ମିଶ୍ର)


ପାର୍ବଣ ପାଇଁ ପୋଲିସର ଫ୍ଲାଗ୍ ମାର୍ଚ୍ଚ।

■ଗଣେଶ ପୂଜା ପରେ ବଢ଼ିଲା ଶବ୍ଦ, ଜଳ ପ୍ରଦୂଷଣ
■ମୂର୍ତ୍ତି ବିସର୍ଜନ ପରେ ବିଷାକ୍ତ ହେଉଛି ଜଳ

ଗଣେଶ ପୂଜାରୁ ପାର୍ବଣ ଆରମ୍ଭ ହୋଇ ଯାଇଥିବାବେଳେ ଜିଲା ପ୍ରଶାସନ ପକ୍ଷରୁ ଏଯାବତ ପାର୍ବଣ ପାଇଁ କୌଣସି କଟକଣା ଲାଗୁ ହୋଇନାହିଁ। ବିଗତ ବର୍ଷମାନଙ୍କରେ ଗଣେଶ ପୂଜା ପୂର୍ବରୁ ଜିଲା ପ୍ରଶାସନ କଟକଣା ଲାଗୁ କରୁଥିଲା। ପାର୍ବଣ ସମୟରେ ଧନ ଜୀବନ ହାନୀଠାରୁ ବିଭିନ୍ନ ଅଘଟଣ ଘଟୁଥିବାରୁ ଜିଲା ପ୍ରଶାସନ କଟକଣା ଉପରେ ଗୁରୁତ୍ୱ ଦେଉଥିଲା। ଚଳିତବର୍ଷ ଗଣେଶ ପୂଜା ଶେଷ ହୋଇ ଦଶହରା ମୁଣ୍ଡ ଉପରେ ଥିବାବେଳେ ପ୍ରଶାସନ ନୀରବତା ଅବଲମ୍ବନ କରିଛି। ଏଣୁ ଗଣେଶ ପୂଜାଠାରୁ ଶବ୍ଦ ଓ ଜଳ ପ୍ରଦୂଷଣ ବଢ଼ିବା ଆରମ୍ଭ ହୋଇଛି। ଗଣେଶ ପୂଜା ମୂର୍ତ୍ତି ବିସର୍ଜନକୁ ଦେଖିଲେ ପୋଖରୀ ଓ ନଦୀର ଜଳ ବିଷାକ୍ତ ହୋଇ ଚାଲିଛି। ମୂର୍ତ୍ତିରେ ବିଭିନ୍ନ ପ୍ରକାରର ରାସାୟନିକ ଉପକରଣ ମିଶୁଥିବାରୁ ଜଳ ପ୍ରଦୂଷିତ ହୋଇ ଚାଲିଛି। ପୁଣି ଡିଜେ ଓ ଟାଙ୍ଗୁ ବାଜିବା ଶବ୍ଦ ପ୍ରଦୂଷଣକୁ ବଢ଼ାଇ ଚାଲିଛି।

ଗତ ପାର୍ବଣ ପୂର୍ବରୁ ଜିଲାପାଳ ଓ ଏସ୍‌ପିଙ୍କ ସ୍ୱାକ୍ଷର ଥାଇ କଟକଣା ବିଜ୍ଞପ୍ତି ପ୍ରକାଶ ପାଉଥିଲା। କଟକଣା ବାଟବଣା ହେଉଥିଲେ ମଧ୍ୟ କିଛିକଂଶରେ ସଫଳ ହେଉଥିଲା। କଟକଣା ବାଟବଣା ପଛରେ ବିଜ୍ଞପ୍ତିକୁ ଅଣଦେଖା କରୁଥିବା ବ୍ୟକ୍ତି ବିଶେଷଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନ ଥିଲା। ଗତବର୍ଷର ପାର୍ବଣ କଟକଣା ଅନୁସାରେ ପୂଜା ପାର୍ବଣରେ ଡିଜେ ଓ ଟାଙ୍ଗୁ ବାଜିବ ନାହିଁ। ରାତ୍ର ୧୦ରୁ ସକାଳ ୬ଟା ପର୍ଯ୍ୟନ୍ତ ମାଇକ ବାଜିବନି। ୬୫ ଡେସିବିଲ୍‌ରୁ ଅଧିକ ବେଗରେ ମାଇକ ବାଜିବା ମନା। ହାଇକୋର୍ଟଙ୍କ ନିର୍ଦ୍ଦେଶ ନଥିବା କୁହାଯାଇ କଟକଣା ଲାଗୁ କରାଯାଇଥିଲା। ସେହିଭଳି ଜାତୀୟ ଓ ରାଜ୍ୟ ରାଜପଥରେ ଶୋଭାଯାତ୍ରା, ପଦଯାତ୍ରା ଓ ଅବରୋଧକୁ ଅନୁମତି ଦିଆଯାଉ ନ ଥିଲା। ଟ୍ରାଫିକ ସମସ୍ୟାକୁ ଏଡାଇବା ପାଇଁ ଅସ୍ଥାୟୀ ଦୋକାନ, ଷ୍ଟଲ ଖୋଲି ଜାତୀୟ ଓ ରାଜ୍ୟ ରାଜପଥରେ ପ୍ରତିବନ୍ଧକ କରାଯାଇ ପାରିବ ନାହିଁ। ସାଂସ୍କୃତିକ କାର୍ଯ୍ୟକ୍ରମ, ମେଳା ଓ ରୀତିନୀତିକୁ ରାତି ୧୦ଟା ପରେ ଅନୁମତି ନାହିଁ। କୌଣସି କାର୍ଯ୍ୟକ୍ରମ ପାଇଁ ଅନୁମତି ନେବାକୁ ହେଲେ ଅନୁମୋଦିତ ତାରିଖ, ସମୟ ଓ ସ୍ଥାନକୁ ଭଲ ଭାବେ ଉଲ୍ଲେଖ କରିବାକୁ ନିର୍ଦ୍ଦେଶ ରହିଥିଲା। ସେହିଭଳି ଜାତୀୟ ଓ ରାଜ୍ୟ ରାଜପଥର ଉଭୟପାର୍ଶ୍ୱରୁ ୨୦ ଫୁଟରୁ ଅଧିକ ପୂଜା ପାଠ, ଭକ୍ତଙ୍କ ସମାବେଶକୁ କଡାକଡି ଭାବେ ଏଡ଼ାଇବା ପାଇଁ ନିର୍ଦ୍ଦେଶ ରହିଥିଲା। ଫାଟକ ଓ ତୋରଣ ଏପରି ତିଆରି ହେବା ଦରକାର ଅଗ୍ନି ନିର୍ବାପକ ଯାନବାହାନ ବିନା ବାଧରେ ଯେପରି ପେଣ୍ଡାଲ ନିକଟରେ ପହଞ୍ଚି ପାରିବ। ପୂଜାପାଠ ଓ ପର୍ବପର୍ବାଣିରେ ଆୟୋଜକ ସ୍ଥଳରେ ଅଗ୍ନି ଦୁର୍ଘଟଣାର ପ୍ରତିଷେଧକ ବ୍ୟବସ୍ଥା ଆୟୋଜକଙ୍କ ଦ୍ୱାରା କରାଯିବ। ପୂଜାପାଠ ସ୍ଥଳୀରେ ଯେପରି ଅଗ୍ନିକାଣ୍ଡ ନ ଘଟିବ ସେଥିପ୍ରତି ପ୍ରଧାନ୍ୟ ଦେଇ କାମ କରିବାକୁ ପଡ଼ିବ। ପୂଜା ପାର୍ବଣରେ କିଛି ଅଘଟଣ ଓ ସମସ୍ୟା ଦେଖା ଦେଲେ ତୁରନ୍ତ ପୋଲିସ ସହ ଯୋଗାଯୋଗ କରିବାକୁ ସଚେତନତା ପାଇଁ ନିର୍ଦ୍ଦେଶ ଦେଇଥିଲା। ଚଳିତବର୍ଷ ସେପରି କୌଣସି ବ୍ୟବସ୍ଥା ନ ଥିବାରୁ ପୂଜା ସମୟରେ କିଛି ବି ଅଘଟଣ ଘଟିଲେ ପୋଲିସ ଓ ଜିଲା ପ୍ରଶାସନ କିପରି ମୁକାବିଲା କରିବ ସମୟ କହିବ।

## ପୋଲିସର ପାର୍ବଣ ସମୀକ୍ଷା

ପାର୍ବଣକୁ ଆଖି ଆଗରେ ରଖି ପୋଲିସ ପକ୍ଷରୁ ଫ୍ଲାଗ ମାର୍ଚ୍ଚ କରାଯାଇଛି। ପୁଣି ବିଭିନ୍ନ ଥାନା ପକ୍ଷରୁ ନୟାଗଡ଼ ଏସ୍‌ପି ନୟାଗଡ଼ ଜିଲାର ବିଭିନ୍ନ ଥାନା ପକ୍ଷରୁ ଆମ ପୋଲିସ ସମିତି ବୈଠକ କରାଯାଇ ପାର୍ବଣ ସମୀକ୍ଷା କରାଯାଇଛି। ତେବେ ପାର୍ବଣ ସମୟରେ ଡିଜେ ବାଜିବ କି ନାହିଁ ସେ ଉପରେ କିଛି ଥାନା ପକ୍ଷରୁ ନାଁ କରାଯାଇଥିବାବେଳେ ଆଉ କେତେକ ଥାନା ପକ୍ଷରୁ ୬ଟି ବକ୍ସ ବାଜି ପାରିବ। ୬୫ ଡେସିବିଲରୁ କମ ଶବ୍ଦ ହେଉଥିବ କୁହାଯାଇଛି। ଅନ୍ୟପକ୍ଷେ ଆଇନଶୃଙ୍ଖଳା, ଟ୍ରାଫିକ ସେବା, ଡିଜେ ଶୋଭାଯାତ୍ରା, ସାଂସ୍କୃତିକ କାର୍ଯ୍ୟକ୍ରମ, ସାଇବର ଠକେଇ ଉପରେ ମଧ୍ୟ ଆମ ପୋଲିସ ସମିତି ବୈଠକରେ ଆଲୋଚନା ହୋଇଥିବା ନୟାଗଡ଼ ଏସ୍‌ପିଙ୍କ କାର୍ଯ୍ୟାଳୟ ପକ୍ଷରୁ ଡିଆଇବି ଡିଏସ୍‌ପି ତପସ୍ୱିନୀ କଅଁର କହିଛନ୍ତି। ଏ ସମ୍ପର୍କରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁଙ୍କୁ ପଚାରିବାରେ ପାର୍ବଣ ଉପରେ କଟକଣା ଦଶହରା ପୂର୍ବରୁ ଲାଗୁ କରାଯିବ। ପାର୍ବଣକୁ ଶାନ୍ତି ଶୃଙ୍ଖଳାର ସହ ଶେଷ କରିବାକୁ କଟକଣା ଲାଗୁ ହେବ। ତେବେ କଟକଣା କେଉଁ ଆଧାରରେ ଲାଗୁ ହେବ ସେନେଇ ଆଲୋଚନା ପରେ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ଅଭିଯୋଗର ୯ ଦିନ ପରେ ବି ପୋଲିସ ବିଫଳ

## ମହିପୁର ଅଞ୍ଚଳରୁ ଯୁବତୀ ନିଖୋଜ


ନିଖୋଜ ଝୁମୁରୀଙ୍କ ଫାଇଲ ଫଟୋ।

ନୂଆଗାଁ,୨।୧୦ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ଥାନା ମହିପୁର ଫାଣ୍ଡି ଅଞ୍ଚଳ ପଥରପାଟଣା ଗ୍ରାମରୁ ଜଣେ ଯୁବତୀ ନିଖୋଜ ହୋଇଯାଇଛନ୍ତି। ଏ ନେଇ ପରିବାର ପକ୍ଷରୁ ନୂଆଗାଁ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ଅଦ୍ୟାବଧି ଯୁବତୀକୁ ଖୋଜିବାରେ ପୋଲିସ ବିଫଳ ହୋଇଛି। ନୂଆଗାଁ ଥାନା ମହିପୁର ଫାଣ୍ଡି ପଥରପାଟଣା ଗ୍ରାମର ପ୍ରମିଳା ବେହେରା ଥାନାରେ କରିଥିବା ଅଭିଯୋଗ ମୁତାବକ, ତାଙ୍କ ଝିଅ ଝୁମୁରୀ ବେହେରା (୨୫) ସେପ୍ଟେମ୍ବର ୨୩ ସନ୍ଧ୍ୟା ସାଢେ ୭ରୁ ଘରୁ କେଉଁ ଆଡେ ଚାଲିଯାଇଛନ୍ତି। ସମ୍ପର୍କୀୟ, ବନ୍ଧୁବାନ୍ଧବଙ୍କୁ ପଚରାଉଚରା କରିଥିଲେ ମଧ୍ୟ ଝୁମୁରୀଙ୍କ ସନ୍ଧାନ ନ ପାଇବାରୁ ୨୫ ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ କରିବାର ୯ ଦିନ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି ପୋଲିସ ନିଖୋଜଙ୍କ ସନ୍ଧାନ ପାଇପାରୁନାହିଁ। ଯାହାକୁ ନେଇ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠାଇଛନ୍ତି ଅଭିଯୋଗକାରୀଙ୍କ ପରିବାର ଲୋକେ। ଏ ସମ୍ପର୍କରେ ଆଇଆଇସି ନାରାୟଣ ଚନ୍ଦ୍ର ଲେଙ୍କାଙ୍କୁ ପଚାରିବାରେ ନିଖୋଜ ଯୁବତୀଙ୍କୁ ଖୋଜିବାକୁ ସବୁ ଦିଗରୁ ଅନୁସନ୍ଧାନ ଚଳାଇଛୁ। ଯୁବତୀ ବ୍ୟବହାର କରୁଥିବା ମୋବାଇଲ ଟ୍ରାକ୍ କରିବା ସହ ସମସ୍ତ ଥାନାକୁ ମଧ୍ୟ ଯୁବତୀଙ୍କ ତଥ୍ୟ ପଠାଇଛୁ ବୋଲି ସେ କହିଛନ୍ତି।

# ହାଇକୋର୍ଟ ବରିଷ୍ଠ ବିଚାରପତିଙ୍କ ପୈତୃକ ଗ୍ରାମ ଗସ୍ତ: ଶ୍ରୀରଘୁନାଥଜୀଉଙ୍କୁ ଦର୍ଶନ


ଓଡ଼ଗାଁ ଶ୍ରୀରଘୁନାଥ ଜୀଉ ମନ୍ଦିରରେ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ ଓ ଅନ୍ୟମାନେ।

ଓଡ଼ଗାଁ, ୨।୧୦
(ଆଦର୍ଶ କୁମାର ପଟ୍ଟନାୟକ)

ହାଇକୋର୍ଟ ମୁଖ୍ୟ ବିଚାରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ଅବ୍ୟବହିତ ପୂର୍ବରୁ ସୋମବାର ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ ସସ୍ତ୍ରୀକ ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ପନ୍ତଖାରୀ ଶାସନ ନିଜ ପୈତୃକ ଗ୍ରାମ ସୋମବାର ଗସ୍ତ କରିଛନ୍ତି। ପୈତୃକ ଗ୍ରାମରେ ନିଜ ଗୃହ ଇଷ୍ଟ ଦେବଦେବୀଙ୍କ ଦର୍ଶନ କରିବା ସହ ଗାଁରେ ବିଜେ ବାବା ନୀଳକଣ୍ଠେଶ୍ୱର ଦର୍ଶନ କରିଥିଲେ। ଏହାସହ ନିଜ ପରିବାର ତଥା ଗ୍ରାମର ଗୁରୁଜନଙ୍କ ଆଶିର୍ବାଦ କାମନା କରିଛନ୍ତି। ପୈତୃକ ଗ୍ରାମକୁ ଗସ୍ତ ବେଳେ ବିଚାରପତି ଡ.ଷଡଙ୍ଗୀ ପ୍ରଥମେ ଦଶପଲ୍ଲାରେ ବିଜେ ମହାବୀର, କଂଟିଲୋ ନୀଳମାଧବ ଦର୍ଶନ ସହିତ ଓଡ଼ଗାଁ ନିକଟସ୍ଥ ଜାମୁପାଟଣାରେ ବିଜେ ବାବା ଦୂତିକେଶ୍ୱର ମହାଦେବଙ୍କୁ ଦର୍ଶନ କରିବା ସହିତ ପୂଜାର୍ଚ୍ଚନ କରିଥିଲେ। ସନ୍ଧ୍ୟା ଆଳତୀ ପରେ ଓଡ଼ଗାଁରେ ବିଜେ ଶ୍ରୀରଘୁନାଥଜୀଉଙ୍କୁ ଦର୍ଶନ କରିବା ନିମନ୍ତେ ପହଞ୍ଚି ଶ୍ରୀଜିଉଙ୍କୁ ପୂଜାର୍ଚ୍ଚନା କରିବା ସହିତ ମନ୍ଦିର ବେଢା ପରିକ୍ରମା କରିଥିଲେ। ପୂଜକ ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ମହାପାତ୍ର ଓ ସହପାଠୀ ପୁଜା ପଣ୍ଡା ସୁବେଦାର ବିଜୟ କୁମାର ଦାଶ ପୂଜାର୍ଚ୍ଚନା କରିବା ସହିତ ଶ୍ରୀଜିଉଙ୍କ ଅଙ୍ଗ ବସ୍ତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଶ୍ରୀରଘୁନାଥଜୀଉଙ୍କୁ ଦର୍ଶନ ଉପରାନ୍ତେ ବିଚାରପତି ଷଡଙ୍ଗୀ ଶରଣକୁଳରେ ବିଜେ ବାବା ଲଡୁକେଶ୍ୱର ମହାଦେବ ଓ ନୟାଗଡରେ ବିଜେ ଦକ୍ଷିଣକାଳୀ ମନ୍ଦିର ଦର୍ଶନ କରି ଫେରିବା ନେଇ ସୂଚନା ମିଳିଛି। ଏହି ଅବସରରେ ମନ୍ଦିର ପରିସର ଓ ବାହାରେ ଅପେକ୍ଷା କରିଥିବା ନିଜ ବାଲ୍ୟବନ୍ଧୁ ସହପାଠୀଙ୍କୁ କୋଳାଗ୍ରତ କରି ବିଚାରପତି ଡ.ଷଡଙ୍ଗୀ ସମସ୍ତଙ୍କ ଭଲମନ୍ଦ ଓ ପରିବାର ସମ୍ପର୍କରେ ପଚାରି ବୁଝିଥିଲେ। ବିଚାରପତି ଡ.ଷଡଙ୍ଗୀଙ୍କ ମନ୍ଦିର ପରିଦର୍ଶନ ସମୟରେ ଜିଲା ସିନିୟର ସିଭିଲ ଜଜ୍ ବିଶ୍ୱଜିତ ନାୟକ ଓ ସ୍ଥାନୀୟ ନ୍ୟାୟାଳୟର ସିନିୟର ସିଭିଲ ଜଜ୍ ତଥା ସହକାରୀ ଦୌରା ଜଜ୍ ଶିବାଶିଷ ଗିରି, ମନ୍ଦିର ପରିଚାଳକ ଜିତେନ୍ଦ୍ର କୁମାର ମିଶ୍ର ଓ ସହପାଠୀମାନେ ଉପସ୍ଥିତ ଥିଲେ।

# ଗଣିଆରେ ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ

ଗଣିଆ,୨।୧୦
(ସନ୍ତୋଷ କୁମାର ପ୍ରଧାନ)

ଗଣିଆ ବ୍ଲକର ବିଭିନ୍ନ ସ୍ଥାନରେ ଜାତିର ଜନକ ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ସୋମବାର ପାଳିତ ହୋଇଯାଇଛି। ବ୍ଲକ ପ୍ରଶାସନ ପକ୍ଷରୁ ରାମଧୂନ ଦିଆଯିବା ପରେ ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ବ୍ଲକ ଅଧକ୍ଷା ଝୁନା ଜେନା, ଭାରପ୍ରାପ୍ତ ବିଡିଓ ରତନଲାଲ ଲୋହରାଙ୍କ ସମେତ ବ୍ଲକ କର୍ମଚାରୀ, ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ର ଧରି ଗଣିଆ ବଜାର ପରିକ୍ରମା କରି ଗାନ୍ଧୀ ମଣ୍ଡପ ନିକଟରେ ପହଞ୍ଚି ଥିଲେ। ଗଣିଆ ଗାନ୍ଧୀ ମଣ୍ଡପରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଉପସ୍ଥିତ ଜନସାଧାରଣ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ଜାତୀୟ ସଙ୍ଗୀତ ଗାନ କରିଥିଲେ। ମହାତ୍ମାଗାନ୍ଧୀଙ୍କ ଜୟନ୍ତୀ ଉପଲକ୍ଷେ ଗାନ୍ଧୀ ମଣ୍ଡପ ନିକଟରେ କେକ୍ କାଟି ବାପୁଙ୍କ ଜନ୍ମଦିବସ ପାଳନ କରିଥିଲେ। ସେହିପରି ବ୍ଲକର ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି।

# କଂଗ୍ରେସ ପକ୍ଷରୁ ଗାନ୍ଧୀ,ଶାସ୍ତ୍ରୀଙ୍କ ଜୟନ୍ତୀ

ରଣପୁର,୨।୧୦
(ସୁକାନ୍ତ କିଶୋର ଡ଼ାକୁଆ)


ରଣପୁରରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀରେ ଯୁବକମାନେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି।

ରଣପୁର କଂଗ୍ରେସ ଦଳ ପକ୍ଷରୁ ଜାତିର ପିତା ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ସୋମବାର ସ୍ଥାନୀୟ ପଞ୍ଚୁଦୋଳ ପଡିଆ ରଘୁଦିବାକର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଯୁବ କଂଗ୍ରେସ ସଭାପତି ପ୍ରକାଶ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ, ଜୟନ୍ତୀ ପାଳନ କରାଯାଇଥିଲା। ରଘୁଦିବାକର ମଣ୍ଡପଠାରେ ଶହୀଦ ରଘୁଦିବାକର, ମହାତ୍ମା ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ରଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଏଥିରେ କଂଗ୍ରେସ ନେତା ତଥା ମଜଦୂର କଂଗ୍ରେସ ରାଷ୍ଟ୍ରୀୟ ସଙ୍ଗଠନ ସମ୍ପାଦକ ସତ୍ୟବ୍ରତ ନାୟକ ଯୋଗଦେଇ ମହାତ୍ମା ଗାନ୍ଧୀ ଓ ଶାସ୍ତ୍ରୀଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେ ପୂଜ୍ୟ ବାପୁଜିଙ୍କ ସତ୍ୟ, ଅହିଂସା ଓ ଶାନ୍ତିର ଆଦର୍ଶରେ ଅନୁପ୍ରାଣିତ ହେବା ସହ ଯୁବ ସମାଜ ନିଶାମୁକ୍ତ ରଣପୁର ଗଠନ କରିବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କିଷାନ ସେଲ ଧ୍ରୁବଚରଣ ପରିଡା, ରଣପୁର ଓକିଲ ସଂଘ ସତ୍ୟରଞ୍ଜନ ମତ୍ତା, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ବିଭୂତି କୁମାର ଜେନା, ବାଳକୃଷ୍ଣ ଷଡ଼ଙ୍ଗୀ, ମିର ଅବୁବକର ସିଦ୍ଧିକ, କୃପାସିନ୍ଧୁ ବେହେରା, ସୁରେଶ ଚନ୍ଦ୍ର ମହାରଣା, ଅନିଲ ପରିଡା, କୁମର ମାଝି, ଦିଲୀପ ମଲିକ ପ୍ରମୁଖ ଶତାଧିକ ଯୁବ କଂଗ୍ରେସ କାର୍ଯ୍ୟକର୍ତ୍ତା ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ଅବହେଳିତ ସ୍ୱାଧୀନତା ସଂଗ୍ରାମୀ ଗାଁ କୁଶିବିଡ଼ା

ନୂଆଗାଁ,୨।୧୦ (ଧନେଶ୍ୱର ସାହୁ)


କୁଶିବିଡାକୁ ଯିବା ରାସ୍ତାର ଦୁରବସ୍ଥା।

ନୟାଗଡ ଜିଲା ନୂଆଗାଁ ବ୍ଲକ ଜାକେଡା ପଞ୍ଚାୟତର ସ୍ୱାଧୀନତା ସଂଗ୍ରାମୀଙ୍କ ଗାଁ କୁଶିବିଡା ଅବହେଳିତ ହୋଇ ରହିଛି। ସ୍ୱାଧୀନତା ସଂଗ୍ରାମୀଙ୍କ ଉତ୍ତରାଧିକାରୀମାନେ ଅବ୍ୟବସ୍ଥା ତଥା ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି। ଏହା ଉପଲବ୍ଧି କରି ରାଜନେତାମାନେ ଅବହେଳିତ କୁଶିବିଡା ଗ୍ରାମ ଓ ସ୍ୱାଧୀନତା ସଂଗ୍ରାମୀଙ୍କ ଉତ୍ତରାଧିକାରୀଙ୍କ ବିକାଶ କରିବା ଉଦ୍ଦେଶ୍ୟରେ ଅନେକ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟ ହୋଇନଥିବା ଗ୍ରାମବାସୀ କହିଛନ୍ତି।

ଦେଶକୁ ସ୍ୱାଧୀନତା ଆଣିବାରେ ନୂଆଗାଁ ବ୍ଲକର ଅନେକ ସଂଗ୍ରାମୀ ଜୀବନ ଦେଇଥିଲେ। ସେଥିମଧ୍ୟରୁ ଜାକେଡା ପଞ୍ଚାୟତ କୁଶିବିଡା ଗ୍ରାମର କଷ୍ଟି ଡାକୁଆ ଅନ୍ୟତମ। ଭାରତ ଛାଡ଼ ଆନ୍ଦୋଳନରେ ସାମିଲ ହୋଇ ଇଂରେଜମାନଙ୍କୁ ଘଉଡାଉ ଥିବା ସମୟରେ ଦାରୋଗାଙ୍କ ଗୁଳିରେ କଷ୍ଟି ଡାକୁଆ ଶହୀଦ୍ ହୋଇଥିଲେ। ଦେଶ ପାଇଁ ସ୍ୱାଧୀନତା ଆଣି ଦେଇଥିବା ସଂଗ୍ରାମୀଙ୍କ ଉତ୍ତରାଧିକାରୀ ଓ ଶହୀଦଙ୍କ ଗାଁ ଅବହେଳିତ ହୋଇ ରହିଛି। ଏପରିକି ସେହି ଶହୀଦଙ୍କ ଗାଁକୁ ଯିବାକୁ ପକ୍କା ରାସ୍ତାଟିଏ ନାହିଁ। ପ୍ରତି ବର୍ଷ ଅକ୍ଟୋବର ୧୦ ତାରିଖ ହେଲେ ଶହୀଦ ଦିବସ ପାଳନ କରିବା ପାଇଁ ପ୍ରଶାସନିକ ଅଧିକାରୀ ଓ ନେତାଙ୍କ ପାଦ ପଡ଼େ କୁଶିବିଡା ଗାଁରେ। ଶହୀଦଙ୍କ ପ୍ରତିମୂର୍ତ୍ତିରେ ଫୁଲମାଳ ପକାଇ ଭାଷଣ ମାଧ୍ୟମରେ ଦେଇ ଚାଲନ୍ତି ମାଳ ମାଳ ପ୍ରତିଶ୍ରୁତି। କିନ୍ତୁ ଆଉ ସେମାନଙ୍କ ଦେଖା ମିଳେନି। ଅବହେଳିତ କୁଶିବିଡା ଗାଁ ଓ ସ୍ୱାଧୀନତା ସଂଗ୍ରାମୀଙ୍କ ଉତ୍ତରାଧିକାରୀଙ୍କ ବିକାଶ ପାଇଁ ୨୦୨୧ ଅକ୍ଟୋବର ୧୦ ଶହୀଦ୍ ଦିବସରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା କୁଶିବିଡା ଗ୍ରାମକୁ ପୌଷ୍ୟ ଗ୍ରାମ ଭାବେ ଗ୍ରହଣ କରିବା ସହ ଉକ୍ତ ଗ୍ରାମରେ ଏକ ତୋରଣ, ପକ୍କା ରାସ୍ତା ଓ ଡ୍ରେନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବର୍ତ୍ତମାନ ସୁଦ୍ଧା କୌଣସି କାର୍ଯ୍ୟ କରାଯାଇ ନ ଥିବା ଅଭିଯୋଗ କରିଛନ୍ତି କଷ୍ଟି ଡାକୁଆଙ୍କ ନାତି କୁବେର ଡାକୁଆ। ସେହିଭଳି କଷ୍ଟି ଡାକୁଆଙ୍କ ନାମ ନେଇ ଅନେକ ପ୍ରକଳ୍ପ, କାର୍ଯ୍ୟ କରାଯାଉଥିଲେ ମଧ୍ୟ କୌଣସି ନେତା କି ଅଧିକାରୀ ଆମର ବିକାଶ କଥା ଚିନ୍ତା କରୁ ନାହାନ୍ତି ବୋଲି କହିଛନ୍ତି କଷ୍ଟି ଡାକୁଆଙ୍କ ନାତି ଗୋପିନାଥ ଡାକୁଆ, ବିନୋଦ ଡାକୁଆ ଓ ଗୋବିନ୍ଦ ଡାକୁଆ। ଏ ସମ୍ପର୍କରେ ଦଶପଲ୍ଲା ବିଧାୟକ ବେହେରାଙ୍କୁ ପଚାରିବାରେ ରାସ୍ତା ନିର୍ମାଣ ଅନୁମୋଦନ ପାଇଁ ପଠାଯାଇଛି। ପର୍ଯ୍ୟାୟକ୍ରମେ କାମ କରାଯିବ। ସେହିଭଳି ଅନ୍ୟ କାମ କରାଯିବାର ବ୍ୟବସ୍ଥା କରାଯାଉଛି ବୋଲି ସେ କହିଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ସ୍ୱର୍ଣ୍ଣଲତା


@ ରାଜା


@ ନିରଞ୍ଜନ


@ ଜ୍ୟୋତିରଞ୍ଜନ



@ ସନ୍ତୋଷ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

